ବର୍ଷ-୨୫, ସଂଖ୍ୟା-୩୫
ଭୁବନେଶ୍ୱର
୦୫, ଫେବୃଆରୀ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 35
Bhubaneswar
05 February, 2025, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat






ମାଘ ଶୁକ୍ଳ ସପ୍ତମୀ ତିଥି ଅବସରରେ ପବିତ୍ର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଓ ମହୋଦଧିରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଉଛନ୍ତି।

## ମୋ ବସ୍ ଧକ୍କାରେ ନାବାଳିକା ମୃତ

ବାରଙ୍ଗ,୪।୨(ମହାଭାରତ):: ରଘୁନାଥପୁର ପାଖରେ ୫୪ ନମ୍ବର ମୋ ବସ ଧକ୍କାରେ ଜଣେ ନାବାଳିକାର ଶୋଚନୀୟ ମୃତ୍ୟୁ ଘଟିଛି ମୃତ ନାବାଳିକା ୧୩ ବର୍ଷର ମୁନି ଜୁଆଡି ସକାଳ ୮ଟା ପାଖାପାଖି ସମୟରେ ଏଭଳି ଅଭାବନୀୟ ଘଟଣା ଘଟିଥିବା କୁହାଯାଉଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ଲୋକ ରାସ୍ତାରେ ଟାୟାର ଜାଳି ରାସ୍ତାରୋକ କରିଛନ୍ତି। ଘଟଣାସ୍ଥଳରେ କମିସନରେଟ ପୁଲିସ ଏସିପି ରମେଶ ଚନ୍ଦ୍ର ବିଶୋଇ, ନନ୍ଦନକାନନ ଥାନା ଅଧିକାରୀ ସମିତା ମିଶ୍ର ପୁଲିସ ବଳ ସହ ପହଞ୍ଚି ବୁଝାସୁଝା କରିବା ପରେ ଆନ୍ଦୋଳନ ହଟିଛି। ଗମନାଗମନ ସ୍ୱାଭାବିକ ହୋଇଛି। ନନ୍ଦନକାନନ ଥାନା ରଘୁନାଥପୁରରେ ମୋ ବସ୍ ଧକ୍କାରେ ମୃତ ନାବଳିକାଙ୍କ ପରିବାକୁ କ୍ରୁଟ୍ ପକ୍ଷରୁ ୨ ଲକ୍ଷ କ୍ଷତିପୂରଣ ଦିଆଯାଇଛି। କ୍ଷତିପୂରଣ ପରେ ରାସ୍ତାରୋକ ହଟିଥିବା ସୂଚନା ମିଳିଛି। ଡ୍ରାଇଭରର ଭୁଲ ପାଇଁ ଦୁର୍ଘଟଣା ଘଟିଥିବା ନେଇ କର୍ତ୍ତୃପକ୍ଷ ସ୍ୱୀକାର କରିଛନ୍ତି।



ରଘୁନାଥପୁର ଗ୍ରାମରେ ଥିବା ଏକ ଫାର୍ମ ହାଉସରେ ରହି କାମ କରୁଥିବା ବାପା ରାମ ଜୁଆଡିଙ୍କୁ ଝିଅ ମୁନି ଜୁଆଡି। ନାବାଳିକା ଜଣଙ୍କ ଫୁଲ ତୋଳି ସାଇକେଲ ଯୋଗେ ଯିବା ପାଇ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ବେଳେ ଭୁବନେଶ୍ୱରରୁ ନନ୍ଦନକାନନ ଅଭିମୁଖେ ଆସୁଥିବା ମୋ ବସ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ବସ ଚଢିଯିବା ପରେ ଚାଳକ ସାଇକେଲ ସହିତ ଘୋଷାରି ୧୦୦ ମିଟର ଆଗକୁ ନନ୍ଦନକାନନ ଥାନା ପାଖ ପର୍ଯ୍ୟନ୍ତ ନେଇ ଯାଇଥିଲେ। ସେଠାରେ ବସ ରଖିବା ପରେ ନିଜେ ଚାଳକ ବସ ଭିତରେ ଫସିରହିଥିବା ସାଇକେଲକୁ କାଢି ରାସ୍ତାରେ ଫିଙ୍ଗି ଦେବା ପରେ ନନ୍ଦନକାନନ ଥାନାକୁ ଯାଇ ଆତ୍ମସମର୍ପଣ କରିଥିବା ଜଣାଯାଇଛି। ଯାହା ପରେ ରଘୁନାଥପୁର ଗ୍ରାମବାସୀ ରାସ୍ତାରେ ଟାୟାର ଜାଳି ଓ ବାଉଁଶ ପକାଇ ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ଲୋକ କହିଛନ୍ତି, ନିଶାସକ୍ତ ଅବସ୍ଥାରେ ଚାଳକମାନେ ବେପରୁଆ। ଗାଡ଼ି ଚଳାଉଛନ୍ତି। ଫଳରେ ଦୁର୍ଘଟଣା ଘଟୁଛି। ଡ୍ରାଇଭରଙ୍କ ସ୍ଥାନରେ ହେଲପର ଗାଡ଼ି ଚଳାଉଥିବା ଦେଖିବାକୁ ମିଳୁଛି। ଗାଡ଼ିଗୁଡ଼ିକ ଅନିୟନ୍ତ୍ରିତ ହୋଇ ଚାଲୁଛି।

## ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ ମୋବାଇଲ୍ ଉତ୍ପାଦନକାରୀ ଦେଶ : ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ,୪।୨(ମହାଭାରତ): ପ୍ରଧାନମନ୍ତ୍ରୀଙ୍କ 'ମେକ୍ ଇନ୍ ଇଣ୍ଡିଆ' ଦୃଷ୍ଟିକୋଣ ଭାରତକୁ ବିଶ୍ୱ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବାରେ ସହାୟକ ହେଉଛି। ଏହାର ଶୁଭାରମ୍ଭର ଗୋଟିଏ ଦଶନ୍ଧି ମଧ୍ୟରେ, ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ କେବଳ ଦେଶର ଆତ୍ମନିର୍ଭରଶୀଳତାକୁ ବୃଦ୍ଧି କରୁନାହିଁ ବରଂ ଉତ୍ପାଦନ ଏବଂ ନିଯୁକ୍ତି ସୃଷ୍ଟି ମଧ୍ୟ କରୁଛି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ରେଳ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀଅଶ୍ୱିନୀ ବୈଷ୍ଣବ ଏହି ପରିପ୍ରେକ୍ଷୀରେ ବିସ୍ତୃତ ତଥ୍ୟ ପ୍ରଦାନ କରି ବିଗତ ଦଶନ୍ଧିରେ ଭାରତର ମୋବାଇଲ୍ ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଆସିଥିବା ଉଲ୍ଲେଖନୀୟ ପରିବର୍ତ୍ତନ ଉପରେ ଆଲୋକପାତ କରିଛନ୍ତି।

ଭାରତ ମୋବାଇଲ ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଉଲ୍ଲେଖନୀୟ ଅଗ୍ରଗତି କରିଛି ଏବଂ ବିଶ୍ୱର ଦ୍ୱିତୀୟ ସର୍ବବୃହତ ମୋବାଇଲ ଉତ୍ପାଦନକାରୀ ଦେଶରେ ପରିଣତ ହୋଇଛି। ୨୦୧୪ ମସିହାରେ ଭାରତରେ ମାତ୍ର ୨ଟି ମୋବାଇଲ ଉତ୍ପାଦନ ୟୁନିଟ ଥିଲା, କିନ୍ତୁ ଆଜି ଦେଶରେ ୩୦୦ରୁ ଅଧିକ ଉତ୍ପାଦନ ୟୁନିଟ ରହିଛି, ଯାହା ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉଲ୍ଲେଖନୀୟ ବିସ୍ତାରକୁ ଦର୍ଶାଉଛି।

୨୦୧୪-୧୫ ରେ, ଭାରତରେ ବିକ୍ରି ହେଉଥିବା ମୋବାଇଲ୍ ଫୋନର ମାତ୍ର ୨୬ ପ୍ରତିଶତ ଭାରତରେ ନିର୍ମିତ ହେଉଥିଲା, ଅବଶିଷ୍ଟ ଆମଦାନୀ କରାଯାଉଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆଜି ଭାରତରେ ବିକ୍ରି ହେଉଥିବା ୯୯.୨% ମୋବାଇଲ୍ ଫୋନ୍ ଭାରତରେ ନିର୍ମିତ। ମୋବାଇଲ ଫୋନର ଉତ୍ପାଦନ ମୂଲ୍ୟ ୨୦୧୪ ଆର୍ଥିକ ବର୍ଷରେ ୧୮,୯୦୦ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୪ ଆର୍ଥିକ ବର୍ଷରେ ୪,୨୨,୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଭାରତରେ ପ୍ରତିବର୍ଷ ୩୨୫ ରୁ ୩୩୦ ନିୟୁତରୁ ଅଧିକ ମୋବାଇଲ୍ ଫୋନ୍ ଉତ୍ପାଦିତ ହେଉଛି ଏବଂ ଭାରତରେ ହାରାହାରି ପ୍ରାୟ ଏକ ବିଲିୟନ ମୋବାଇଲ୍ ଫୋନ୍ ବ୍ୟବହୃତ ହେଉଛି। ଭାରତ ନିର୍ମିତ ମୋବାଇଲ ଫୋନ ଘରୋଇ ବଜାରକୁ ପ୍ରାୟତଃ ପରିପୂର୍ଣ୍ଣ କରିଦେଇଛି। ସେଥିପାଇଁ ମୋବାଇଲ ଫୋନର ରପ୍ତାନୀ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ୨୦୧୪ରେ ରପ୍ତାନୀ ପ୍ରାୟ ଶୂନ ଥିଲା, ଯାହା ଏବେ ୧,୨୯,୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ଏହି କ୍ଷେତ୍ରର ସମ୍ପ୍ରସାରଣ ମଧ୍ୟ ରୋଜଗାରର ଏକ ପ୍ରମୁଖ ଉତ୍ସରେ ପରିଣତ ହୋଇଛି । ବିଗତ ଦଶନ୍ଧିରେ ଏ କ୍ଷେତ୍ରରେ ପ୍ରାୟ ୧୨ ଲକ୍ଷ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ଏହି ନିଯୁକ୍ତି ସୁଯୋଗଗୁଡ଼ିକ କେବଳ ଅଗଣିତ ପରିବାରର ଆର୍ଥିକ ସ୍ଥିତିକୁ ଉନ୍ନତ କରିନାହିଁ, ବରଂ ଦେଶର ସାମାଜିକ-ଆର୍ଥିକ ଢାଂଚାରେ ମଧ୍ୟ ଯୋଗଦାନ ଦେଇଛି।

## ଅଗ୍ନିଶମ କର୍ମଚାରୀଙ୍କ ଭତ୍ତା ବୃଦ୍ଧି

ଭୁବନେଶ୍ୱର,୪।୨(ମହାଭାରତ): ରାଜ୍ୟ ସରକାର ଅଗ୍ନିଶମ କର୍ମଚାରୀଙ୍କୁ ବଡ ଉପହାର ଦେଇଛନ୍ତି। ଅଗ୍ନିଶମ କର୍ମଚାରୀଙ୍କ ଭତ୍ତା ବୃଦ୍ଧି କରାଯାଇଛି। ଅଗ୍ନିଶମ କର୍ମଚାରୀଙ୍କ କଲ୍ୟାଣ ପାଇଁ ଘରଭଡ଼ା ସହ ଭତ୍ତା ବୃଦ୍ଧି ହୋଇଛି। ଡାଏଟ ଭତ୍ତା ୯ ଶହରୁ ୧୪ ଶହକୁ ବଢ଼ିଥିବା ବେଳେ ବାଇକ୍ ଭତ୍ତା ୩ ଶହରୁ ୧୦୫୦ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ମୋବିଲିଟି ଭତ୍ତା ୧୫୦ରୁ ୩ ଶହ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ରିସ୍କ ଭତ୍ତା ୪ ଶହରୁ ୧ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ରାଜ୍ୟ ସରକାର ଅଗ୍ନିଶମ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ଏବଂ ବିଭିନ୍ନ ପରିସ୍ଥିତିରେ ଲୋକଙ୍କୁ ତ୍ୱରିତ ସେବା ଯୋଗାଉଥିବା ଅଗ୍ନିଶମ କର୍ମଚାରୀଙ୍କ କଲ୍ୟାଣ ପାଇଁ ଘରଭଡ଼ା ପ୍ରଦାନ ସହ ସେମାନଙ୍କ ଭତ୍ତା ବୃଦ୍ଧି କରିଛନ୍ତି। ଏହାଦ୍ୱାରା ୬୦୫୮ ଅଗ୍ନିଶମ କର୍ମଚାରୀ ଉପକୃତ ହେବେ। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। କେବଳ ଭତ୍ତା ନୁହେଁ। ରାଜ୍ୟ ସରକାର ଏଣିକି ମେଡିକାଲ ଖର୍ଚ୍ଚ ବି ବହନ କରିବେ।

## ଲୋକସଭାରେ ବିରୋଧୀଙ୍କୁ କଡ଼ା ଜବାବ ଦେଲେ ମୋଦୀ

ନୂଆଦିଲ୍ଲୀ,୪।୨(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବରେ ଚର୍ଚ୍ଚା କରି ବିରୋଧୀଙ୍କୁ ଟାର୍ଗେଟ୍ କରିଛନ୍ତି। ଏଥିସହ ଭାରତ ବିକଶିତ ହେବା ମାର୍ଗରେ ଆଗକୁ ବଢୁଛି ବୋଲି କହିଛନ୍ତି। ଦେଶ ପାଇଁ ୨୦ରୁ ୨୫ ବର୍ଷର କାଳଖଣ୍ଡ ବିକଶିତ ହେବା ପାଇଁ ଯଥେଷ୍ଟ ଅଟେ। ଏହାସହ ସେ କହିଛନ୍ତି ଯେ ଏବେ ଏହା ତାଙ୍କର ତୃତୀୟ କାର୍ଯ୍ୟକାଳ, ଆବଶ୍ୟକ ପଡ଼ିଲେ ଦେଶର ବିକାଶ ପାଇଁ ଆଗକୁ ସେବା କରିବା ଜାରି ରଖିବେ।

ବିରୋଧୀଙ୍କୁ ଟାର୍ଗେଟ୍ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆମ ସରକାର ଦେଶର ବିକାଶ ଲାଗି ଲଗାତାର କାମ କରୁଛି। ଆମେ ଲଗାତାର ତୃତୀୟ ଥର ଲାଗି କେନ୍ଦ୍ର ସରକାରର ଦାୟିତ୍ୱରେ ଅଛୁ। ବିଜେପି ସରକାର ଯେଉଁପରି ଭାବରେ ବିକାଶର ଧ୍ୱଜା ଉଡ଼ାଇଛି ତାହା ପୂର୍ବରୁ କେବେ ହୋଇନଥିଲା। ଖାଲି ଏତିକି ନୁହେଁ ବରଂ ବିଗତ ୧୦ ବର୍ଷ ହେଲାଣି ଖବର କାଗଜରେ ଦୁର୍ନୀତି ହେଡ୍‌ଲାଇନ୍ ହେଉନାହିଁ ବୋଲି କହିବାକୁ ପଛାଇନାହାନ୍ତି। କିଛି ଦଳ ଭୋଟ ପୂର୍ବରୁ ଯାହା କହିଛନ୍ତି କିଛି କରିନାହାନ୍ତି। ସେଇଥିଲାଗି ଜନତା ତାଙ୍କ କଥାକୁ ବିଶ୍ୱାସ କରୁନାହାନ୍ତି। ଦୁର୍ନୀତି କଲେ ଏହାକୁ କେହି ବରଦାସ୍ତ କରିବେ ନାହିଁ। ମୋଦି କହିବା ସହିତ ଯୁବବର୍ଗଙ୍କ ଜୀବନ ସହ କିଛି ଦଳ ଖେଳ ଖେଳୁଛନ୍ତି ବୋଲି କହିଛନ୍ତି। ବିଜେପି କେମିତି କାମ କରେ, ହରିୟାଣା ନିର୍ବାଚନରେ ପୁରା ଦେଶ ଦେଖିଲା। ଆମେ ଯାହା କହୁ ତାହା କାମରେ କରୁ ଯୁବବର୍ଗଙ୍କୁ ଚାକିରି ଦେବା ଲାଗି ଆମେ ପ୍ରତିଶ୍ରୁତି ଦେଇଥିଲୁ ଏବଂ କାର୍ଯ୍ୟକାରୀ ବି କରିଛୁ। ସେଇଥି ଲାଗି ହରିୟାଣାରେ ଆମେ ତୃତୀୟଥର କ୍ଷମତାକୁ ଆସିଛୁ। ମହାରାଷ୍ଟ୍ରରେ ବି ସର୍ବାଧିକ ସିଟ୍ ଆମେ ପାଇଛୁ। ଏହା କେବଳ ଜନସାଧାରଣଙ୍କ ଲାଗି ସମ୍ଭବ ହୋଇପାରିଛି।



ପ୍ରଧାନମନ୍ତ୍ରୀ ମୋଦୀ ରାହୁଲ ଗାନ୍ଧୀଙ୍କ ନାଁ ନ ନେଇ ତାଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ଯେଉଁମାନେ ଗରିବଙ୍କ କୁଡ଼ିଆରେ ଫଟୋ ସେସନ୍ କରି ଚର୍ଚ୍ଚା ସାଉଁଟନ୍ତି, ସେମାନଙ୍କୁ ସଂସଦରେ ଗରିବଙ୍କ ବିଷୟରେ କଥାବାର୍ତ୍ତା ବିରକ୍ତିକର ହିଁ ଲାଗିବ। ଦେଶର ରାଷ୍ଟ୍ରପତି ଜଣେ ଅତି ସରଳ। ଗରୀବ ପରିବାରରୁ ସେ ଆସିଛନ୍ତି। ଆମେ ତାଙ୍କୁ ନେଇ ଗର୍ବ କରିବାର କଥା। ହେଲେ କିଛି ନେତା ତାଙ୍କୁ ବି ଅପମାନସୂଚକ ମନ୍ତବ୍ୟ ଦେବାକୁ ପଛାଉନାହାନ୍ତି। ରାଜନୀତିରେ ଏମିତି ହତାଶଭାବ ବୁଝାପଡ଼େ, ହେଲେ ଏମିତି ବୟାନ ଦେବା କେତେ ଦୂର ଠିକ୍ ତାହା ଦେଶବାସୀ ବିଚାର କରିବେ।

ସେପଟେ କେଜ୍ରିୱାଲଙ୍କ ଉଦ୍ଦେଶ୍ୟରେ ମୋଦି କହିଛନ୍ତି, କିଛି ଲୋକଙ୍କ ଧ୍ୟାନ ବିଳାସପୂର୍ଣ୍ଣ ଘରେ ବାଥ୍‌ଟବ୍ ଓ ଶାୱର ଉପରେ ରହିଛି। ହେଲେ ଜଣେ ମୁଖ୍ୟମନ୍ତ୍ରୀ ନିଜ ପାଇଁ କାମ କରିବା ପରିବର୍ତ୍ତେ ନିଜ ଲାଗି ଆଲିସାନ ଘର କଲେ। କିଛି ନେତାଙ୍କ ଧ୍ୟାନ ସେମାନଙ୍କ ଘରର ଷ୍ଟାଇଲିସ୍ ବାଥରୁମ ଉପରେ ରହିଛି। ଆମେ ସାଧାରଣ ଲୋକଙ୍କ ଟଙ୍କାରେ ଶିଶମହଲ କରିନୁ। ମୁଖ୍ୟମନ୍ତ୍ରୀଙ୍କ କାମ ଲୋକଙ୍କ ଲାଗି କାମ କରିବା। ଆମ ଧ୍ୟାନ ତ ପ୍ରତ୍ୟେକ ଘରକୁ ଟ୍ୟାପ୍ ଯୋଗେ ପାଣି ପହଞ୍ଚାଇବା ଉପରେ ରହିଛି। ୧୨ କୋଟି ଲୋକଙ୍କୁ ଟ୍ୟାପ୍ ଯୋଗେ ପାଣି ଯୋଗାଇ ଦିଆଯାଇଛି, ଆମର ଫୋକସ୍ ଗରିବଙ୍କ ଘର ତିଆରି କରିବା ଉପରେ ରହିଛି ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ବୋଧନ ସମୟରେ ବିରୋଧୀ ପ୍ରବଳ ହଟ୍ଟଗୋଳ କରିଥିଲେ, ଏହାକୁ ନେଇ ଲୋକସଭା ବାଚସ୍ପତି ଓମ୍ ବିର୍ଲା ବିରୋଧୀଙ୍କୁ ତାଗିଦ୍ କରିଥିଲେ।

ମହିଳାଙ୍କୁ ବିଜେପି ସରକାର ଗୁରୁତ୍ୱ ଦେଉଛି। ମହିଳା ସଶକ୍ତିକରଣ ଦିଗରେ ଆମେ କାମ କରୁଛୁ। ମିଶନ ଶକ୍ତି ଲାଗି ଅଧିକ ଆର୍ଥିକ ବ୍ୟବସ୍ଥା ହୋଇଛି। ଯାହାର ଉଦାହରଣ ଲକ୍ଷପତି ଦିଦି ଯୋଜନା। ସରକାରୀ ସୂଚନା ଅନୁସାରେ, ୫୦ ଲକ୍ଷ ମହିଳା ଲକ୍ଷପତି ଦିଦି ହୋଇଛନ୍ତି। ଆମର ଲକ୍ଷ୍ୟ ୩ କୋଟି ମହିଳାଙ୍କୁ ଲକ୍ଷପତି ଦିଦି କରାଯିବ। ଏହି ଯୋଜନା ଲାଗି ଆର୍ଥିକ ବ୍ୟବସ୍ଥା ହୋଇଛି। ଆଗାମୀ ଦିନରେ ମଧ୍ୟ ହେବ। ଏବେ କ୍ଷେତ୍ରରେ କାମ କରି ଦେଶବାସୀ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ବିଜେପି ସମ୍ବିଧାନକୁ ବିଶ୍ୱାସ କରେ, ସମ୍ବିଧାନର ବିଚାରଧାରାରେ କାମ କରେ। କିଛି ଲୋକ ସମ୍ବିଧାନକୁ ନିଜ ଘର ଭିତରେ ରଖିଥିଲେ। ହେଲେ ଆମେ ସେମିତି କରିନୁ। ଆମେ ପିଏମ ମ୍ୟୁଜିୟମ୍ ନିର୍ମାଣ କରିଛୁ। ବିରୋଧୀମାନେ ସମସ୍ତେ ସେଠାକୁ ଯାଆନ୍ତୁ। ଯଦି ସେଠାରେ କିଛି ତ୍ରୁଟି ରହିଛି ସରକାରଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ। ଆମେ ପ୍ରତିଶ୍ରୁତି ଦେଉଛୁ, ଆମେ ନିଶ୍ଚିତ ସେଦିଗରେ କାମ କରିବୁ। କ୍ଷମତାରେ ରହିବା ପରେ ଯେଉଁମାନେ ନିୟମକାନୁନ ମାନୁନାହାନ୍ତି।

## +୨ ଓ ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତି

ଭୁବନେଶ୍ୱର,୪।୨(ମହାଭାରତ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ଉଚ୍ଚମାଧ୍ୟମିକ ପରୀକ୍ଷା-୨୦୨୫ ଯଥା +୨କଳା, ବିଜ୍ଞାନ , ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା (ଭୋକେସନାଲ) ଏବଂ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ୍ (୧୦ମ) ପରୀକ୍ଷା-୨୦୨୫ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଭୟ +୨ ଏବଂ ମାଟ୍ରିକ୍ ପରୀକ୍ଷାକୁ ଅବାଧ ଓ ଶାନ୍ତି ଶୃଙ୍ଖଳାର ସହଅନୁଷ୍ଠିତ ହେବା ନେଇ ବ୍ୟାପକ ପ୍ରସ୍ତୁତି ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ଜିଲ୍ଲା ପ୍ରସାଶନ ସହ ପୁଲିସ ପ୍ରଶାସନର ସମନ୍ୱୟରେ କିପରିପରୀକ୍ଷା ପରିଚାଳନା ଶୃଙ୍ଖଳିତ ଭାବରେ ଅନୁଷ୍ଠିତ ହେବ, ସେଥିନେଇ ବୈଠକରେ ବିସ୍ତୃତ ଆଲୋଚନ କରାଯାଇଛି। ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ପାଇଁ ଆବଶ୍ୟକ ପୋଲିସ ମୁତୟନ ଏବଂ ସିସିଟିଭି ବ୍ୟବସ୍ଥା ସଂପର୍କରେ ଆଲୋଚନା କରାଯାଇଥିଲା ।

ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଏହି ପରୀକ୍ଷାକୁ ଅଧିକ ପ୍ରଯତ୍ନର ସହ ଭଲ ଭାବରେ ଅନୁଷ୍ଠିତ କରାଇବା ପାଇଁ ରାଜ୍ୟସରକାରଙ୍କ ପ୍ରତିବଦ୍ଧତା ରହିଛି। ପରୀକ୍ଷା ପରିଚାଳନା ପାଇଁ ଯେଉଁ ବ୍ୟବସ୍ଥାବା ପ୍ରୋଟୋକଲ ରହିଛି, ସେହି ଅନୁସାରେ ସମସ୍ତେ କାର୍ଯ୍ୟ କରିବାକୁ ମୁଖ୍ୟଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପରିସ୍ଥିତିରେ ବି ଯେପରି ପ୍ରଶ୍ନପତ୍ର ଲିକ୍ ଭଳି ଗୁରୁତର ତ୍ରୁଟି ନହୁଏ, ସେଥିପ୍ରତି ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ପରୀକ୍ଷା କେନ୍ଦ୍ର ଭିତରେ ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଡିଭାଇସ୍ ଉପରେ କଟକଣା ଲଗାଯାଇଛି। ଜିଲ୍ଲାରେ ପରୀକ୍ଷା ପରିଚାଳନା ପାଇଁ ଅତିରିକ୍ତ ଜିଲ୍ଲାପାଳ ପାହ୍ୟାର ଜଣେଉଚ୍ଚ ପଦସ୍ଥ ଅଧିକାରୀ ନୋଡାଲ ଅଧିକାରୀ ରହିବେ। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ସତ୍ତ୍ୱେ ଜିଲ୍ଲାପାଳମାନେ ପରୀକ୍ଷା ପରିଚାଳନା ପ୍ରୋଟୋକଲ ଅନୁସାରେ କରାଯାଉଛି କି ନାହିଁ, ସେସଂପର୍କରେ ତଦାରଖ ଓ ସମୀକ୍ଷା କରିବେ। ସେହିପରି ଉଚ୍ଚମାଧ୍ୟମିକଶିକ୍ଷା ପରିଷଦ ଏବଂ ଉଚ୍ଚଶିକ୍ଷାପରିଷଦ କର୍ତ୍ତୃପକ୍ଷମାନଙ୍କୁ ନିଜ ନିଜସ୍ତରରେ ନିୟମିତ ସମୀକ୍ଷା କରି ପରୀକ୍ଷା ପରିଚାଳନା ଯେପରି ନିର୍ଭୁଲ ଓ ଶୃଙ୍ଖଳାର ସହିତ ଅନୁଷ୍ଠିତ ହେବ, ସେଥିପାଇଁ ସମସ୍ତ ପ୍ରସ୍ତୁତି କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଛି।

ବୈଠକରୁ ଜଣାଯାଇଛି ଯେ ଚଳିତ ବର୍ଷ ଯୁକ୍ତ ୨କଳାରେ ୨,୪୭,୩୯୧ଜଣ, ବିଜ୍ଞାନରେ୧, ୧୪,୯୮୦ ଜଣ, ବାଣିଜ୍ୟରେ ୨୫,୫୨୬, ଧନ୍ଦାମୂଳକ ପରୀକ୍ଷାରେ ୫,୭୨୧ ଏହିପରିମୋଟ ୩, ୯୩,୬୧୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଫେବୃଆରୀ ୧୮ରୁ୨୭ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ୨୦୫ଟି ପରୀକ୍ଷା ପରିଚାଳନା ହବ୍ କାର୍ଯ୍ୟକାରୀ ପୂର୍ବକ ୧୨୭୬ କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ମାଟ୍ରିକ ପରୀକ୍ଷାରେ ୫,୧୦,୭୭୮, ରାଜ୍ୟମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ୭,୭୬୬, ମଧ୍ୟମାରେ ୩୭୯୨ ଏହିପରି ମୋଟ ୫,୨୨,୩୩୬ ଜଣ ଛାତ୍ରଛାତ୍ରୀପରୀକ୍ଷା ଦେବେ। ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ୨୯୭୯ଟି କେନ୍ଦ୍ରରେ ହେବାକୁ ଥିବାବେଳେ ଅନ୍ୟା ପରୀକ୍ଷାକୁ ମିଶାଇ ମୋଟ ୩୧୩୩ଟି କେନ୍ଦ୍ରରେପରୀକ୍ଷା ହେବ। ୨୧ ଫେବୃୟାରୀରୁ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହେବ।

## ଆଜି ଦିଲ୍ଲୀ ଭୋଟ୍

ନୂଆଦିଲ୍ଲୀ,୪।୨(ମହାଭାରତ): ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ସରିଛି ଆସନ୍ତାକାଲି ପଡିବ ଭୋଟ। ଆସନ୍ତା ଫେବ୍ରୁଆରି ୮ତାରିଖରେ ଫଳାଫଳ ପ୍ରକାଶ ପାଇବ। ଦିଲ୍ଲୀର ୧.୫୬ କୋଟି ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଦିଲ୍ଲୀରେ ମତଦାନ ପାଇଁ ୧୩ହଜାର ୭୬୬ ପୋଲିଂ ବୁଥ୍ ପ୍ରସ୍ତୁତ କରାଯାଇଛି। ସେପଟେ ଆପ୍‌ର ଅଭିଯୋଗ ଉପରେ ଜବାବ ରଖି ନିର୍ବାଚନ କମିଶନ କହିଛନ୍ତି ଇସିଆଇକୁ ବଦନାମ କରିବାକୁ ଷଡଯନ୍ତ୍ର କରାଯାଇଛି। ଭୋଟ୍ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ଅନୁଷ୍ଠିତ ନେଇ ଭାରତୀୟ ନିର୍ବାଚନ କମିଶନ ପକ୍ଷରୁ ହୋଇଛି ସ୍ୱତନ୍ତ୍ର ପ୍ରସ୍ତୁତି। କିପରି ବହୁ ସଂଖ୍ୟାରେ ଭୋଟର ଗଣତନ୍ତ୍ରର ମହାପର୍ବରେ ସାମିଲ ହେବେ ଉତ୍ସାହର ସହ ମତାଧିକାର ସାବ୍ୟସ୍ତ କରିବେ ତାହା ଉପରେ ଗୁରୁତ୍ୱ ଦେଇଛନ୍ତି। ନିର୍ବାଚନ କମିଶନ ଏଥିପାଇଁ ଦିଲ୍ଲୀର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ତେବେ ଏହି ସମୟରେ ଦିଲ୍ଲୀ ମେଟ୍ରୋ ଓ ବସ ସେବା ଭଳି ଅତ୍ୟାବଶକର। ସେବାଗୁଡ଼ିକ ଜାରି ରହିବ।

## ଓଡ଼ିଶାରେ ଷୋଡ଼ଶ ଅର୍ଥ କମିଶନ

ଭୁବନେଶ୍ୱର,୪।୨(ମହାଭାରତ): ଚାରି ଦିନିଆ। ଓଡ଼ିଶା ଗସ୍ତରେ ଆସିଥିବା ଷୋଡ଼ଶ ଅର୍ଥ କମିଶନ ଆଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି। କମିଶନ ଅଧ୍ୟକ୍ଷ ଓ ସଦସ୍ୟ ବୃନ୍ଦ ଅପରାହ୍ନରେ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ଓ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ପରିଦର୍ଶନ ବେଳେ ବ୍ୟକ୍ତିଗତ ଆଭୂଷଣ କେନ୍ଦ୍ରରେ ଜନଜାତି ଅଳଙ୍କାର, ଗୋଡ ଖଡୁ, ବାହୁଟି, ଅଣ୍ଟାସୂତା ମାଳିହାର ଆଦି ଦେଖିଥିଲେ। ଜନଜାତି ହସ୍ତତନ୍ତ, ବ୍ୟକ୍ତିଗତ ଆସବାବପତ୍ର, ଡୋକ୍ରା ଶିଳ୍ପ ଏବଂ ବିଭିନ୍ନ ଚିତ୍ରକଳା ଦେଖି ଅଭିଭୂତ ହୋଇଥିଲେ। ପ୍ରେକ୍ଷାଳୟରେ ଆଦିମ ଜନଜାତିଙ୍କ ସଂସ୍କୃତି, ପରମ୍ପରା, ଜୀବନଯାପନ ଶୈଳୀକୁ ନେଇ ପ୍ରସ୍ତୁତ ବୃତ୍ତଚିତ୍ର ଦେଖିଥିଲେ। ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟଙ୍କ ଦୁନିଆ, ଜନଜାତି ଗୃହ ପୁଞ୍ଜି ଦେଖି ଖୁସି ବ୍ୟକ୍ତ କରିଥିଲେ। ରାଜ୍ୟ ସରକାରଙ୍କ ପ୍ରୟାସରେ କରାଯାଉଥିବା ଜନଜାତିଙ୍କ ସଂରକ୍ଷଣକୁ ମଧ୍ୟ ପ୍ରଶଂସା କରିଥିଲେ।



ପରେ ପରେ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନରେ ଯାଇଥିଲେ। ଏହି ପରିଦର୍ଶନ ସମୟରେ ସ୍ପୋର୍ଟସ ସାଇନ୍ସ ସେଣ୍ଟର, ବାୟୋ ମେକାନିକ୍ସ ଲ୍ୟାବ, ଗେଟ ଲ୍ୟାବ, ସ୍କିନ ଷ୍ଟୁଡିଓ, ପାରା ଆଥଲେଟ ପରଫରମାନ୍ସ ସେଣ୍ଟର, ଟେନିସ ସେଣ୍ଟର, ଆଥଲେଟିକ୍ସ ସେଣ୍ଟର, ହକି ଷ୍ଟାଡିୟମ, ଜିମ୍ନାଷ୍ଟିକ କେନ୍ଦ୍ର , ସନ୍ତରଣ କେନ୍ଦ୍ର, ଗୋପୀଚାନ୍ଦ ବ୍ୟାଡମିଣ୍ଟନ ହାଇପରଫରମାନ୍ସ ସେଣ୍ଟର ବୁଲି ଦେଖିଥିଲେ। ଏହି ଗସ୍ତ ସମୟରେ ଅର୍ଥ କମିଶନ ଅଧ୍ୟକ୍ଷ ଡକ୍ଟର ଅରବିନ୍ଦ ପାନାଗରିୟା, ଅଜୟ ନାରାୟଣ ଝା, ଶ୍ରୀମତୀ ଆନ୍ନି ଜର୍ଜ ମାଥ୍ୟୁ, ଡକ୍ଟର ମନୋଜ ପଣ୍ଡା, ଅର୍ଥନୈତିକ ଉପଦେଷ୍ଟା ଡକ୍ଟର ପ୍ରଶାନ୍ତ କୁମାର ପଣ୍ଡା, ଯୁଗ୍ମ ନିର୍ଦ୍ଦେଶକ ପ୍ରିୟା ସରାଫ, ଉପ ନିର୍ଦ୍ଦେଶକ ମାନସୀ ଗୁପ୍ତା ଓ ଶିଖା ସିଂହ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, କ୍ରୀଡ଼ା ଓ ଯୁବ ସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ଲିଆସେନିଙ୍ଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦ୍ରୁତ ପରିବର୍ତ୍ତନଶୀଳ ସମାଜରେ ଜ୍ଞାନ ଆହରଣ ହିଁ ଏକମାତ୍ର ସମ୍ପତ୍ତି : ମୁଖ୍ୟମନ୍ତ୍ରୀ

ପୁରୀ,୪।୨(ମହାଭାରତ): ଜ୍ଞାନ ହେଉଛି ପ୍ରକୃତ ଶକ୍ତି। ଆଜିର ଦ୍ରୁତ ପରିବର୍ତ୍ତନଶୀଳ ସମାଜରେ ଜ୍ଞାନ ଆହରଣ ହିଁ ହେଉଛି ଏକ ମାତ୍ର ସମ୍ପତ୍ତି। ଛାତ୍ର ଜୀବନ ହେଉଛି ଜଣେ ବ୍ୟକ୍ତିର ସୃଜନଶୀଳ ଏବଂ ଉତ୍ପାଦନଶୀଳ ଜୀବନ। ଛାତ୍ର ଜୀବନର କିଛି ବର୍ଷ, ବ୍ୟକ୍ତିର ସାରା ଜୀବନର ଦଶା ଓ ଦିଶାକୁ ଦିଗ ଦେଇଥାଏ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ପୁରୀ ଠାରେ ସୁରଜମଲ ସାହା ମହାବିଦ୍ୟାଳୟର ୪୫ ତମ ବାର୍ଷିକ ଉତ୍ସବ ଅବସରରେ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇ କହିଛନ୍ତି।

ମହାବିଦ୍ୟାଳୟର ଭିତ୍ତିଭୂମି ଉନ୍ନତି ପାଇଁ ଏକ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଥିଲେଯେ, ଆଜିର ଶିକ୍ଷା ପଦ୍ଧତି ଓ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଏବେ ନିଯୁକ୍ତି ଓ ରୋଜଗାରର ଅମାପ ସୁଯୋଗ ରହିଛି। ଏହାର ସଦୁପଯୋଗ କରିବା ପାଇଁ ଶିକ୍ଷା ସହିତ ଉପଯୁକ୍ତ ଦକ୍ଷତା ବିକାଶ ତାଲିମ୍ ର ଆବଶ୍ୟକତା ରହିଛି।





ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ବଜେଟରେ ଦେଶର ଏକ କୋଟି ଯୁବଗୋଷ୍ଠୀଙ୍କୁ ପ୍ରତିଷ୍ଠିତ କମ୍ପାନୀ ମାନଙ୍କ ଜରିଆରେ ଶିଳ୍ପଉପଯୋଗୀ କରିବାପାଇଁ ଷ୍ଟାଇପେଣ୍ଡ ସହ ସଭଷ୍ପରକ୍ସଭଶ୍ୱକ୍ଷସକ୍ଟ ର ବ୍ୟବସ୍ଥା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନରେ ଦେଶରେ ନୂତନ ଶିକ୍ଷା ନୀତି ୨୦୨୦ ପ୍ରଣୟନ କରାଯାଇଛି। ଯୁବପିଢ଼ିଙ୍କୁ ଏକ ସାମଗ୍ରିକ ଶିକ୍ଷା ଦ୍ୱାରା ଯୋଗ୍ୟ କରିବା ହେଉଛି ଆମର ଲକ୍ଷ୍ୟ।

ସେ ପୁଣି କହିଥିଲେ, ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ଆମ ସରକାରଙ୍କ ଯୋଜନା ରହିଛି। ରାଜ୍ୟରେ ପ୍ରାଥମିକ ଶିକ୍ଷାର ଭିତ୍ତିକୁ ସୁଦୃଢ କରିବାପାଇଁ ପ୍ରତି ପଂଚାୟତରେ ଗୋଟିଏ ଲେଖାଏଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଜାତୀୟ ଶିକ୍ଷାନୀତି ୨୦୨୦ ଏବଂ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଆମ ଶିକ୍ଷା ବ୍ୟବସ୍ଥାକୁ ଆହୁରି ବଳିଷ୍ଠ କରିବ।

କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚ ଶିକ୍ଷମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ, ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେଯେ, ବିଶିଷ୍ଟ ସମାଜସେବୀ ସୁରଜମଲ ସାହା, ସାହସ, ତ୍ୟାଗ, ସମର୍ପଣ ଓ ତିତିକ୍ଷାର ପ୍ରତୀକ ଥିଲେ। ସେ ପ୍ରତ୍ୟକ୍ଷ ରାଜନୀତିରେ ନଥାଇ ମଧ୍ୟ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ସଦା ସର୍ବଦା ଚେଷ୍ଟିତ ଥିଲେ। ଏହି ମହାବିଦ୍ୟାଳୟର ପ୍ରାୟ ୫୦ ଜଣ ଛାତ୍ର ଛାତ୍ରୀ ହେଉଛନ୍ତି, ଜାତୀୟ ସ୍ତରର ଖେଳାଳୀ, ଏହା ଏକ ଗୌରବର କଥା। ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇ ସେ କହିଥିଲେଯେ, ରାଜ୍ୟର ବିକାଶ ଓ ସମୃଦ୍ଧି, ତୁମକୁ ମାନଙ୍କ ଉପରେ ନିର୍ଭର କରୁଛି। ନିଜର ଉଜ୍ଜ୍ୱଳ ଭବିଷ୍ୟତ ଜରିଆରେ ରାଜ୍ୟ ତଥା ଦେଶର ବିକାଶ ପ୍ରତି ସମସ୍ତେ ଯତ୍ନବାନ ହେବାପାଇଁ ସେ ସମସ୍ତ ଛାତ୍ର ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଶ୍ରୀ ଓମ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ପୁରୀର ପୂର୍ବତନ ବିଧାୟକ ଶ୍ରୀ ଜୟନ୍ତ କୁମାର ଷଡ଼ଙ୍ଗୀ ପିଲା ମାନଙ୍କୁ ପ୍ରେରଣାଦାୟୀ ବକ୍ତବ୍ୟ ଦେବା ସହିତ, ଆଗାମୀ ଭବିଷ୍ୟତରେ ନିଜ ଶିକ୍ଷା ମହତ୍ୱକୁ ଶୀର୍ଷ ସ୍ଥାନରେ ସ୍ଥାନିତ କରିବା ପାଇଁ କହିଥିଲେ।ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ର. ବ୍ରହ୍ମାନନ୍ଦ ସାହୁ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଅଧ୍ୟାପକ ନଳିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଡାଲ୍ ରାଇସ୍

ସାମଗ୍ରୀ: ଚାଉଳ, ହରଡ଼ ଡାଲି, ହଳଦୀ ଗୁଣ୍ଡ, ସୋରିଷ, ମୁଗ ଡାଲି, ମେଥି, ପିଆଜ, ବିଲାତି, ଅଦା ଓ ରସୁଣ ପେଷ୍ଟ, ତେନ୍ତୁଳି ରସ, ତେଲ, ଘିଅ, ଲୁଣ ସ୍ୱାଦନୁସାରେ, ଭୃର୍ସୁଙ୍ଗ ପତ୍ର, ଧନିଆ ପତ୍ର

ଗ୍ରାଇଣ୍ଡିଙ୍ଗ୍ ପାଇଁ- ଶୁଖିଲା ଲଙ୍କା, ପାନମହୁରୀ, ଜିରା, ପିଆଜ, ନଡ଼ିଆ କୋରା

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ଶୁଖିଲା ଲଙ୍କା, ପାନମହୁରୀ, ଜିରା, ପିଆଜ ଓ ନଡ଼ିଆ କୋରା ଭଲଭାବରେ ଗ୍ରାଇଣ୍ଡିଙ୍ଗ୍ କରିନିଅନ୍ତୁ । ଚାଉଳ, ଡାଲି ଓ ମେଥିକୁ ଭଲଭାବରେ ଅଲଗା ଅଲଗା କରି ପାଣି ରେ ୧ ଘଣ୍ଟା ଯାଏ ଭିଜେଇ ରଖନ୍ତୁ । ପ୍ରେସରକୁକରରେ ୨ କପ୍ ପାଣି ନେଇ ହଳଦୀ ଗୁଣ୍ଡ, ଡାଲି ଓ ମେଥିକୁ ଗୋଟିଏ ହୁଇସିଲ୍ ମାରିବା ଯାଏ ରାନ୍ଧନ୍ତୁ । ଏହାପରେ ୩ କପ୍ ପାଣି ଦେଇ ଚାଉଳ ଡାଲି ଦୁଇଟି ହୁଇସିଲ୍ ମାରିବା ଯାଏ ରାନ୍ଧନ୍ତୁ । ପରେ ତେନ୍ତୁଳି ରସ, ଲୁଣ ଓ ଗ୍ରାଇଣ୍ଡିଙ୍ଗ୍ ହୋଇଥିବା ପେଷ୍ଟ ପକାଇ ୪ଟି ହୁଇସିଲ୍ ମାରିବା ଯାଏ ରାନ୍ଧନ୍ତୁ । ଏକ ପ୍ୟାନରେ ଘିଅ ଗରମ କରି କଟା ପିଆଜ, ବିଲାତି ଓ ଅଦା-ରସୁଣ ପେଷ୍ଟ ଭଲ ଭାବରେ ଭାଜନ୍ତୁ । ଆଉ ଏକ ପ୍ୟାନରେ ତେଲ ଗରମ କରି ସୋରିଷ, ଭୃର୍ସୁଙ୍ଗ ପତ୍ର ଓ ମୁଗ ଡାଲିକୁ ଭଲ ଭାବରେ ଭାଜନ୍ତୁ ଯ ପରେ ସମସ୍ତ ଭଜା ହୋଇଥିବା ସାମଗ୍ରୀକୁ ନେଇ ଭଲ ଭାବରେ ରନ୍ଧା ହୋଇଥିବା ଚାଉଳ ଓ ଡାଲି ରେ ମିଶାଇ ଦିଅନ୍ତୁ । ପରେ ଏକ ପାତ୍ରକୁ କାଢି ଧନିଆ ପତ୍ର ସଜାଇ ଗରମା ଗରମ ପରସନ୍ତୁ ।



ଖବର

## ଓଲିଉଡ ସେଲିବ୍ରିଟି କ୍ୟାଲେଣ୍ଡର ୨୦୨୫ ଉନ୍ମୋଚିତ



ଭୁବନେଶ୍ୱରର ଲାଇଫ୍ ହୋଟେଲରେ ଓଲିଉଡ ସେଲିବ୍ରିଟି କ୍ୟାଲେଣ୍ଡର ୨୦୨୫ ଉନ୍ମୋଚିତ ହୋଇଛି । ଶ୍ରାବଣୀ କ୍ରିଏସନ୍ସ ପ୍ରସ୍ତୁତ କରିଥିବା ଆଜହାର୍ସ ସେଲିବ୍ରିଟି କ୍ୟାଲେଣ୍ଡର ୨୦୨୫ର ଶୁଭ ଉନ୍ମୋଚନ ହୋଇଛି । କ୍ୟାଲେଣ୍ଡରରେ ଅନେକ ମଡେଲଙ୍କ ସମେତ ଅଭିନେତାମାନଙ୍କ ମଧ୍ୟରୁ ଅନୁଭବ ମହାନ୍ତି, ଆକାଶ ଦାସ ନାୟକ, ଶୁଭାଶିଷ ଶର୍ମା (ମଣ୍ଟୁ), ଅଭିନେତ୍ରୀଙ୍କ ମଧ୍ୟରୁ ପୁନମ ମିଶ୍ର, ଶିବାନୀ ସଂଗୀତା, ଶୀତଲ ପାତ୍ରଙ୍କ ଫଟୋ ସ୍ଥାନିତ ହୋଇଛି । ଏହି କ୍ୟାଲେଣ୍ଡର ପାଇଁ ଶ୍ରାବଣୀ କ୍ରିଏସନ୍ସର ଅନେକ ସହଯୋଗ ରହିଛି । ଆମ ଓଲିଉଡ୍‌ର ଅଭିନେତା, ଅଭିନେତ୍ରୀ ଭାଇ ଭଉଣୀମାନେ କର୍ମବ୍ୟସ୍ତତା ଯୋଗୁଁ ସବୁ ସମୟରେ ଏକାଠି ହୋଇପାରନ୍ତିନି, ଏହି କ୍ୟାଲେଣ୍ଡର ଯୋଗୁଁ ସମସ୍ତ କଳାକାର ଭାଇ ଭଉଣୀ ଏକାଠି ହୋଇ ପାରୁଛୁ ବୋଲି ସୁପରଷ୍ଟାର ଅନୁଭବ ମହାନ୍ତି ଗଣମାଧ୍ୟମକୁ କହିଥିଲେ । ଆଜହାରଙ୍କ ସହିତ ବିତିଥିବା ମଧୁର ମୁହୂର୍ତ୍ତ କଥା ମଧ୍ୟ ପ୍ରକାଶ କରିଥିଲେ । ଆଜହାରଙ୍କ ପରିକଳ୍ପନା ଯୋଗୁଁ ସେଲିବ୍ରିଟି କ୍ୟାଲେଣ୍ଡର ସମ୍ଭବ ହୋଇପାରିଛି ବୋଲି କ୍ୟାଲେଣ୍ଡରରେ ସ୍ଥାନ ପାଇଥିବା ସମସ୍ତ ଅଭିନେତା, ଅଭିନେତ୍ରୀ ଏବଂ ମଡେଲମାନେ ଆଜହାରଙ୍କୁ ବେଶ୍ ପ୍ରଶଂସା କରିଥିଲେ । ଏ ସୁଯୋଗ ପ୍ରତି ବର୍ଷ ଶ୍ରାବଣୀ କ୍ରିଏସନ୍ସ ଆଣି ଦେଉଥାଉ ବୋଲି ସମସ୍ତେ ପ୍ରସ୍ତାବ ରଖିଥିଲେ । ଏହି କ୍ୟାଲେଣ୍ଡର ଉନ୍ମୋଚନ ଉତ୍ସବରେ ଶ୍ରାବଣୀ, ଆଜହାର, ଅଭିନେତା ଅନୁଭବ ମହାନ୍ତି, ଶୁଭାଶିଷ ଶର୍ମା ମଣ୍ଟୁ), ପ୍ରଯୋଜକ ଟୁଟୁ ନାୟକ, ଅଭିନେତ୍ରୀ ପୁନମ ମିଶ୍ର, ଶୀତଲ ପାତ୍ର, ଆନିଶା ଶର୍ମାଙ୍କ ସମେତ ବଲିଉଡ ଅନେକ ନାମୀ କଳାକାର ଏବଂ ମଡେଲ ଯୋଗ ଦେଇଥିଲେ ।

## ବିଷାକ୍ତ ଫୁଲକୁ ଜାଣିପାରେ ପ୍ରଜାପତି

ରଙ୍ଗବେରଙ୍ଗର ପ୍ରଜାପତି ମଧ୍ୟ ବିଷ ତତ୍ତ୍ୱକୁ ସହଜରେ ଚିହ୍ନଟ କରିପାରେ । ଫୁଲରୁ ଫୁଲକୁ ଉଡ଼ି ବସୁଥିବା ଏଇ ପ୍ରଜାପତିର ୬ଟି ଗୋଡ଼ ଥାଏ । ମନୁଷ୍ୟ ଓ ଅନ୍ୟାନ୍ୟ ପ୍ରାଣୀ ଜିଭରେ ସ୍ୱାଦ ଚାଖୁଥିବାବେଳେ ପ୍ରଜାପତି କୀଟଟି ଗୋଡ଼ରେ ସ୍ୱାଦକୁ ଜାଣିପାରେ । ଶୁଣିବାକୁ ବିଚିତ୍ର ଲାଗୁଥିଲେ ମଧ୍ୟ ବିଶେଷଜ୍ଞ ଦଳ ହିଁ ଏହାର ସତ୍ୟତା ପ୍ରମାଣ କରିଛନ୍ତି । ଗୋଡ଼ରେ ଥିବା ସ୍ୱାଦ ସେନ୍ସର୍ ସେମାନଙ୍କର କାମ କରିବା ସହ ବିଷାକ୍ତ ଫୁଲର ପାଖରେ ଉଡ଼ିଲେ ମଧ୍ୟ ଫୁଲର ତତ୍ତ୍ୱ ପ୍ରଜାପତିଟି ସହଜରେ ଜାଣିପାରେ । ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ବିଶ୍ୱରେ ପ୍ରାୟ ୧ଲକ୍ଷ ୬୫ହଜାର ପ୍ରଜାତିର ପ୍ରଜାପତି ଦେଖାଯାନ୍ତି । କେତୋଟି ପ୍ରମୁଖ ସ୍ଥାନ ଅଛି, ଯେଉଁଠାରେ ଦିନରାତି ସଂଖ୍ୟାଧିକ ପ୍ରଜାପତି ଉଡ଼ିବୁଲୁଥାନ୍ତି ।



■ ଦକ୍ଷିଣ ଆମେରିକାର ଏକ ଦେଶ ହେଉଛି କଲମ୍ବିଆ । ସେଠାରେ ଥିବା ଭିକ୍ଟୋରିଆ ବଟରଫ୍ଲାଏ ଗାର୍ଡେନରେ ୭୫ରୁ ଅଧିକ ପ୍ରଜାତିର ପ୍ରଜାପତି ଦେଖାଯାଉଥିବାବେଳେ ପର୍ଯ୍ୟଟକ ମଧ୍ୟ ନିୟମିତ ଆସିଥାନ୍ତି ।

■ ଓଣ୍ଟାରିଓର ନାଏଗ୍ରା ଫଲ୍ସ ନିକଟରେ ଥିବା ବଟରଫ୍ଲାଏ ଗାର୍ଡେନରେ ୪୫ ପ୍ରଜାତିର ୨ହଜାର ପ୍ରଜାପତି ଅଛନ୍ତି । ଏକ କାଚ ଘରେ ପ୍ରଜାପତିମାନଙ୍କୁ ରଖାଯାଇଥିବାବେଳେ ପର୍ଯ୍ୟଟକ କାଚ ଝରକାରେ ଦେଖିବାର ବନ୍ଦୋବସ୍ତ ରହିଛି ।

## ଆନନ୍ଦ ରାମାୟଣରେ ସୀତାଙ୍କ କଥା

ଆନନ୍ଦ ରାମାୟଣରେ କେତେକ ରୋଚକ ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି । ଦେବୀ ସୀତାଙ୍କ ଜନ୍ମର ପୂର୍ବବର୍ତ୍ତୀ ପ୍ରସଙ୍ଗ ମଧ୍ୟ ଏଥିରେ ବର୍ଣ୍ଣିତ । ମର୍ତ୍ତ୍ୟରେ ପଦ୍ମାକ୍ଷ ନାମରେ ଜଣେ ରାଜା ରାଜୁତି କରୁଥିଲେ । ସେ ଦେବୀ ଲକ୍ଷ୍ମୀଙ୍କର ଜଣେ ପରମ ଭକ୍ତ ଥିଲେ । ଦିନେ ସେ ତପସ୍ୟା କରି ଲକ୍ଷ୍ମୀଙ୍କୁ ପ୍ରସନ୍ନ କଲେ । ଦେବୀ ଲକ୍ଷ୍ମୀ ପ୍ରକଟ ହେବାରୁ ତାଙ୍କୁ କନ୍ୟା ରୂପରେ ପ୍ରାପ୍ତ କରିବା ଲାଗି ରାଜା ବିନତି କଲେ । ଲକ୍ଷ୍ମୀ କହିଲେ, କେବଳ ଶ୍ରୀବିଷ୍ଣୁଙ୍କ ଆଜ୍ଞା ପ୍ରାପ୍ତ କରିବା ପରେ ଯାଇ ମୁଁ ଯାହା କରିପାରିବି । ଏହା କହି ସେ ଅଦୃଶ୍ୟ ହୋଇଗଲେ । ଏହାପରେ ରାଜା ପଦ୍ମାକ୍ଷ ଭଗବାନ ବିଷ୍ଣୁଙ୍କୁ ପ୍ରସନ୍ନ କରିବା ଲାଗି କଠୋର ତପସ୍ୟା ଆରମ୍ଭ କରିଦେଲେ । ବିଷ୍ଣୁ ପ୍ରକଟ ହେବାରୁ ରାଜା ତାଙ୍କୁ ନିଜ ମନର କଥା କହିଲେ । ଏହାପରେ ଶ୍ରୀବିଷ୍ଣୁ ରାଜାଙ୍କୁ ଏକ ଫଳ ଦେଇ ଅଦୃଶ୍ୟ ହୋଇଗଲେ । ସେହି ଫଳ ମଧ୍ୟରେ ଏକ ଛୋଟ ଶିଶୁକନ୍ୟା ରହିଥିଲା । ରାଜା ସେହି କନ୍ୟାକୁ ନିଜ ଝିଅ ଭାବେ ପାଳିଲେ । ବଡ଼ ହେବା ପରେ ରାଜା ପଦ୍ମାକ୍ଷ ଝିଅର ସ୍ୱୟଂବର କରିବା ଲାଗି ବାହାରିଲେ । ସ୍ୱୟଂବରର ସର୍ତ୍ତ ଥିଲା- ଯେଉଁ ପୁରୁଷ ନିଜ ଶରୀର କୃଷ୍ଣବର୍ଣ୍ଣ କରିପାରିବ, ତା'କୁ ହିଁ ରାଜାଙ୍କ କନ୍ୟା ବରଣମାଳା ପିନ୍ଧାଇବେ । ତେବେ ସେହି କନ୍ୟାକୁ ପାଇବା ଲାଗି ଦେବ, ରାକ୍ଷସ ଏବଂ ମନୁଷ୍ୟଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହେଲା । ରାକ୍ଷସମାନେ କନ୍ୟାକୁ ଅପହରଣ କରି ନେବାକୁ ରାଜା ପଦ୍ମାକ୍ଷଙ୍କ ରାଜ୍ୟ ଉପରେ ଆକ୍ରମଣ କଲେ । ସେମାନେ କନ୍ୟାକୁ ପାଇଲେ ନାହିଁ, କିନ୍ତୁ ରାଜାଙ୍କୁ ହତ୍ୟା କଲେ, ତାଙ୍କ ରାଜ୍ୟକୁ ଧ୍ୱଂସ କରିଲେ । ସେତେବେଳେ ରାଜକନ୍ୟା ଅଗ୍ନି ମଧ୍ୟରେ ଲୁଚିଯାଇଥିଲେ । ସମସ୍ତେ ଚାଲିଯିବା ପରେ ରାଜକନ୍ୟା ଅଗ୍ନି ମଧ୍ୟରୁ ବାହାରକୁ ବାହାରି ଆସିଲେ । ବାହାରକୁ ବାହାରିବା କ୍ଷଣି ଆକାଶମାର୍ଗରେ ଉଡ଼ିଯାଉଥିବା ରାବଣ ସେହି କନ୍ୟାଙ୍କୁ ଦେଖିନେଲା । ରାବଣ ତାଙ୍କୁ ନେଇଯିବା ଲାଗି ପ୍ରୟାସ କରିବାରୁ କନ୍ୟା ପୁଣିଥରେ ନିଆଁ ଭିତରକୁ ଡେଇଁ ପଡ଼ିଲେ । ରାବଣ ନିଆଁ ଲିଭାଇଲା, କିନ୍ତୁ କନ୍ୟାଙ୍କୁ ପାଇଲା ନାହିଁ । ତା'କୁ ପାଉଁଶ ମଧ୍ୟରୁ ୫ଟି ମୂଲ୍ୟବାନ ପଥର ମିଳିଲା । ରାବଣ ସେହି ପଥରକୁ ଏକ ବାକ୍ସରେ ପୂରାଇ ଲଙ୍କା ନେଇଗଲା । ସେହି ବାକ୍ସ ଉପରେ ନଜର ରଖିବା ଲାଗି ପତ୍ନୀ ମନ୍ଦୋଦରୀଙ୍କୁ କହିଲା । ମନ୍ଦୋଦରୀ ସେହି ବାକ୍ସ ଖୋଲିବା ମାତ୍ରେ ସେଥିରେ ଜଣେ କନ୍ୟା ଥିବା ଦେଖିବାକୁ ପାଇଲେ । କନ୍ୟା ଅତି ସୁନ୍ଦର ଥିଲେ । ମନ୍ଦୋଦରୀ ଭାବିଲେ, ଏହି କନ୍ୟା ସମସ୍ତ ଅସୁର କୁଳକୁ ଧ୍ୱଂସ କରିଦେବ । ତେଣୁ ସେହି କନ୍ୟାକୁ ଜଙ୍ଗଲରେ ଛାଡ଼ିଦେଇ ଆସିବା ଲାଗି ସେ ସୈନିକଙ୍କୁ ନିର୍ଦ୍ଦେଶ ଦେଲେ । ତାହାହିଁ ହେଲା । ସୈନିକମାନେ କନ୍ୟାକୁ ନେଇ ଜଙ୍ଗଲରେ ଛାଡ଼ିଦେଇ ଆସିଲେ । କିନ୍ତୁ ଜଙ୍ଗଲକୁ ନେବା ସମୟରେ ରାଜକନ୍ୟା ଚେତାବନୀ ଦେଇଗଲେ- "ମୁଁ ପୁଣିଥରେ ଲଙ୍କା ଫେରିବି । ରାବଣ ଏବଂ ତା'ର ପରିବାରକୁ ଧ୍ୱଂସ କରିଦେବି ।" ଏହାଶୁଣି ରାବଣ ଡରିଗଲା । ସେ ଉକ୍ତ କନ୍ୟାକୁ ମାରିଦେବା ଲାଗି ଚାହିଁଲା । ମାତ୍ର ମନ୍ଦୋଦରୀ ତା'କୁ ଅଟକାଇଲେ । ବାକ୍ସ ସହ ସେହି କନ୍ୟାକୁ ଲଙ୍କା ଠାରୁ ବହୁଦୂରରେ ଥିବା ଏକ ଭୂମିରେ ପୋତି ଦିଆଗଲା । ସେହି ଭୂମିରେ ହଳ କରୁଥିବା ସମୟରେ ସେହି ବାକ୍ସକୁ ପାଇଲେ । ତା'ଭିତରୁ କନ୍ୟାକୁ ବାହାର କଲେ । ସୀତାଙ୍କ ଜୀବନ ମିଥିଳାରେ ପୁଣିଥରେ ଆରମ୍ଭ ହେଲା ।



## ଆଖି ମାଂସପେଶୀକୁ ସଙ୍କୁଚିତ କରୁଛି ଲ୍ୟାପଟପ

ଆଜିକାଲି ଆମେ ଦିନକୁ ୧୦-୧୨ ଘଣ୍ଟା କମ୍ପ୍ୟୁଟର, ଲ୍ୟାପଟପ, ଟିଭି କିମ୍ବା ମୋବାଇଲ ସ୍କ୍ରିନ୍ ସାମ୍ନାରେ ସମୟ ବିତାଉଛୁ । ଏଗୁଡ଼ିକର ସ୍କ୍ରିନ୍ ଆମ ଆଖି ଉପରେ କିଭଳି ପ୍ରଭାବ ପକାଏ । ଏକ ସଦ୍ୟ ଅଧ୍ୟୟନ ତାହା ଖୁଲାସା କରିଛି ଯ ବ୍ରିଟେନର ବ୍ରାଡ୍ଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ନୀମା ଘୋରବାନି କହିଛନ୍ତି, ଅଫିସ୍ ମିଟିଂ ହେଉ ବା ଅନଲାଇନ୍ ଅଧ୍ୟୟନ, ଲ୍ୟାପଟପ ସମସ୍ତଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଛି । କିନ୍ତୁ ଏହା ଦ୍ୱାରା ଆଖିକୁ ବହୁତ କ୍ଷତି ପହଞ୍ଚୁଛି । ଅର୍ଥାତ ପାଖ ବସ୍ତୁ ତୁଳନାରେ ଦୂର ବସ୍ତୁ ଆମକୁ ସ୍ପଷ୍ଟ ଦେଖାଯାଏ । ଆମ ଆଖି ଉପଯୁକ୍ତ ଦୃଶ୍ୟ ପାଇବା ଲାଗି ଭିଜୁଆଲ ଏନ୍ଭିରନମେଣ୍ଟ ଓ ଜେନେଟିକ୍ ସିଗ୍ନାଲ ଉପରେ ପ୍ରତିକ୍ରିୟା କରେ । ତେବେ ମାୟୋପିୟା ପୀଡ଼ିତ ବ୍ୟକ୍ତିଙ୍କ ଆଖି କୌଣସି ପ୍ରକାର ଅନୁକୂଳିତ ହୋଇପାରେ ନାହିଁ । ସେମାନଙ୍କ ଆଖିର ଲେନ୍ସ ଓ ରେଟିନା ମଧ୍ୟରେ ଦୂରତା ବଢ଼ିଥିଲେ । ଉପରୋକ୍ତ ଗ୍ୟାଜେଟରେସମୟ ବିତାଇବା ଦ୍ୱାରା ଏହି ଦୂରତା ଆହୁରି ବଢ଼ିପାରେ । ଯେତେବେଳେ ଆମେ କୌଣସି ବସ୍ତୁକୁ ପାଖରୁ ଦେଖୁ, ନ୍ସର ଆକାର ଅନୁସାରେ ଅନୁକୂଳିତ ହେଉଥିବା ସିଲିଅରି ମାଂସପେଶୀ ସଙ୍କୁଚିତ ହୁଏ । ଏହା ଦ୍ୱାରା ଲେନ୍ସର ଆକାର ଅଧିକ ଗୋଲାକାର ହୁଏ । କୌଣସି ବସ୍ତୁରେ ଫୋକସ୍ କରିବାରେ ଏହା ରେଟିନାକୁ ସାହାଯ୍ୟ କରେ ଯସରଳ ଭାଷାରେ କହିଲେ, ସିଲିଅରି ମାଂସପେଶୀ ଉପରେ ଅଧିକ ଚାପ ପଡ଼ିବା ଦ୍ୱାରା ତାହା ପ୍ରସାରିତ ହୁଏ । ଫଳରେ ଲେନ୍ସକୁ ପୁଣି ସମତଳ ଆକାର ଦେବାର ଆଖିର କ୍ଷମତା ଦୁର୍ବଳ ହୋଇଥାଏ । ଏହା ଦ୍ୱାରା ଆଖି ଡୋଳା ମଧ୍ୟ ବଢ଼ିବାକୁ ଲାଗେ । ଫଳରେ ତା'ର ସଂରଚନା ଓ ରେଟିନା ଉପରେ ଆଲୋକ କେନ୍ଦ୍ରିତ କରିବାର କ୍ଷମତାରେ ସ୍ଥାୟୀ ପରିବର୍ତ୍ତନ ହୋଇପାରେ । ବର୍ଦ୍ଧିତ ଆଖି ଡୋଳାରେ ଦୂର ବସ୍ତୁକୁ ଦେଖିବା ଦ୍ୱାରା ଫୋକସ୍ ରେଟିନାର ସାମ୍ନାରେ ଥାଏ, ଫଳରେ ବସ୍ତୁତ ଝାପ୍ସା ଦିଶେ । କମ୍ପ୍ୟୁଟର ଓ ମୋବାଇଲ ସ୍କ୍ରିନ୍ରେ ଘଣ୍ଟା ଘଣ୍ଟା ଧରି କାମ କରିବା ଦ୍ୱାରା ଆଖି ଉପରେ ପଡୁଥିବା ଚାପରୁ ରକ୍ଷା ପାଇବା ଲାଗି ନୀଳ ଆଲୋକକୁ ଫିଲ୍ଟର କରୁଥିବା ଚଷମାର ଚାହିଦା ବଢ଼ିଛି । କିନ୍ତୁ ଏହାର ବୈଜ୍ଞାନିକ ପ୍ରମାଣ ମିଳିନାହିଁ । ବୈଜ୍ଞାନିକଙ୍କ ଅନୁସାରେ, ଏ ପ୍ରକାର ଚଷମା ଆଖିକୁ ଚାପମୁକ୍ତ କରେ ନାହିଁ । ବିଶେଷଜ୍ଞମାନେ କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ପଛରେ ନୀଳ ରଶ୍ମିକୁ କାରଣ ବୋଲି ମାନୁନାହାନ୍ତି । ଦୀର୍ଘ ସମୟ ଧରି କମ୍ପ୍ୟୁଟର ବା ଲ୍ୟାପ୍ଟପ୍ ସାମ୍ନାରେ ବସିବା ପରେ ମୁଣ୍ଡବିନ୍ଧା, ଧୂଆଁଳିଆ ଦିଶିବା, ଆଖି ଜଳାପୋଡ଼ା ଭଳି ସମସ୍ୟା କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ଅନ୍ତର୍ଭୁକ୍ତ ଯ ଗବେଷଣାରୁ ଜଣାପଡ଼ିଛି, ଅନ୍ୟ ସାଧାରଣ ଚଷମା ତୁଳନାରେ ନୀଳ ରଶ୍ମିକୁ ଫିଲ୍ଟର କରୁଥିବା ଚଷମାରେ କୌଣସି ଅତିରିକ୍ତସୁବିଧା ନାହିଁ । ଏହା ଦ୍ୱାରା ଆଖି ଜଳାପୋଡ଼ା ଓ ଥକାପଣ କମେ ନାହିଁ କିମ୍ବା ଦୃଷ୍ଟିଶକ୍ତିରେ ମଧ୍ୟ ଏହା ସୁଧାର ଆଣେ ନାହିଁ । ତେଣୁ ଆପଣ ଯଦି ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର, ଲ୍ୟାପଟପ ବା ମୋବାଇଲ ସାମ୍ନାରେ ବସୁଛନ୍ତି, ତେବେ ଚକ୍ଷୁ ସମସ୍ୟା ଲାଗି ରହିବ, ଯାହା ଚଷମା ବ୍ୟବହାର ଦ୍ୱାରା କମିବ ନାହିଁ ।



## ଦଶ ଦିଗପାଳ

ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ମୋଟ୍ ଦଶଟି ଦିଗ ରହିଛି । ସେଗୁଡ଼ିକ ହେଲେ- ଊର୍ଦ୍ଧ୍ୱ, ଈଶାନ, ପୂର୍ବ, ଆଗ୍ନେୟ, ଦକ୍ଷିଣ, ନୈରତ୍ୱ, ପଶ୍ଚିମ, ବାୟବ୍ୟ, ଉତ୍ତର ଏବଂ ଅଧୋ । ଆଉ ଏକ 'ମଧ୍ୟ' ଦିଗ ସମ୍ବନ୍ଧରେ ମଧ୍ୟ କେତେକ ପୁରାଣରେ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଥାଏ । ହିନ୍ଦୁ ଶାସ୍ତ୍ର କୁହେ, ପ୍ରତ୍ୟେକ ଦିଗରେ ଜଣେ ଲେଖାଏଁ ଦେବତାଙ୍କୁ ନିଯୁକ୍ତ କରାଯାଇଛି । ଏହି ଦେବତାଙ୍କୁ 'ଦିଗପାଳ' କୁହାଯାଏ । ଯାହାର ଅର୍ଥ ଦିଗପାଳ । ଏମାନେ ଦିଗର ରକ୍ଷା କରିଥାନ୍ତି ।

ଦଶ ଦିଗରେ ଦଶ ଦିଗପାଳ ହେଲେ- ଊର୍ଦ୍ଧ୍ୱ ଦିଗରେ ବ୍ରହ୍ମା, ଈଶାନ୍ ଦିଗରେ ଶିବ ବା ଈଶ, ପୂର୍ବ ଦିଗରେ ଇନ୍ଦ୍ର, ଆଗ୍ନେୟ ଦିଗରେ ଅଗ୍ନି କିମ୍ବା ବ୍ରାହ୍ନି, ଦକ୍ଷିଣ ଦିଗରେ ଯମ, ନୈରତ୍ୱ ଦିଗରେ ନରତି, ପଶ୍ଚିମ ଦିଗରେ ବରୁଣ, ବାୟବ୍ୟ ଦିଗରେ ବାୟୁ ବା ମାରୁତ, ଉତ୍ତର ଦିଗରେ କୁବେର ଏବଂ ଅଧୋ ବା ନିମ୍ନ ଦିଗରେ ଅନନ୍ତ ଦିଗପାଳ ରୂପରେ ବିରାଜମାନ କରିଛନ୍ତି ।

ବରାହ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ଦିଗପାଳଙ୍କ ଉତ୍ପତ୍ତି କଥା ଏହି ପ୍ରକାରେ- ଥରେ ସୃଷ୍ଟିକର୍ତ୍ତା ବ୍ରହ୍ମା ସୃଷ୍ଟି ରଚନା ନିମନ୍ତେ ଚିନ୍ତାମଗ୍ନ ଥିଲେ । ଏହି ସମୟରେ ତାଙ୍କ କାନରୁ ୧୦ କନ୍ୟା ଉତ୍ପନ୍ନ ହେଲେ । ଏମାନଙ୍କ ମଧ୍ୟରୁ ମୁଖ୍ୟ ୬ଜଣ ଏବଂ ୪ ଜଣ ଗୌଣ ଥିଲେ । ଏହି ଦଶ କନ୍ୟା ହେଲେ ପୂର୍ବା (ଯେକି' ପୂର୍ବ ଦିଗ ନାମରେ ପରିଚିତ ହେଲେ), ଆଗ୍ନେୟୀ(ଯେକି' ଆଗ୍ନେୟ ଦିଗ ରୂପେ ପରିଚିତ ହେଲେ), ଦକ୍ଷିଣା (ଯେକି' ଦକ୍ଷିଣ ଦିଗ ବୋଲାଇଲେ), ନୈରତୀ (ଯେକି' ନୈରତ ଦିଗ ବୋଲାଇଲେ), ପଶ୍ଚିମା (ପଶ୍ଚିମ ଦିଗ ନାମରେ ପରିଚିତ ହେଲେ), ବାୟବୀ (ବାୟବ୍ୟ ଦିଗ ହେଲେ), ଉତ୍ତର (ଉତ୍ତର ଦିଗ ହେଲେ), ଏଶାନୀ (ଈଶାନ ଦିଗ ନାମରେ ପରିଚିତ ହେଲେ), ଊର୍ଦ୍ଧ୍ୱା (ଉର୍ଦ୍ଧ ଦିଗ ନାମରେ ପରିଚିତ ହେଲେ), ଅନ୍ଧସ୍(ଅଧୋ ବା ନିମ୍ନ ଦିଗ ନାମରେ ପରିଚିତ ହେଲେ) ।

ଏହି କନ୍ୟାମାନେ ବ୍ରହ୍ମାଙ୍କୁ ପ୍ରଣାମ କରି ତାଙ୍କୁ ରହିବା ଲାଗି ଉପଯୁକ୍ତ ସ୍ଥାନ ଏବଂ ଉପଯୁକ୍ତ ପତି ଦେବା ଲାଗି ଅନୁରୋଧ କଲେ । ଏହାଶୁଣି ବ୍ରହ୍ମା କହିଲେ, ତୁମେମାନେ ଯେଉଁ ଦିଗକୁ ଯିବାକୁ ଚାହୁଁଛ ଯାଅ । ମୁଁ ତୁମକୁ ସେହି ଅନୁରୂପ ପତି ଦେବି । ଏହାପରେ ସେହି କନ୍ୟାମାନେ ଭିନ୍ନ ଭିନ୍ନ ଦିଗକୁ ଗତି କଲେ । ସେହି ଅନୁଯାୟୀ, ବ୍ରହ୍ମା ୮ ଦିଗପାଳମାନଙ୍କୁ ସୃଷ୍ଟି କଲେ । ସେମାନଙ୍କୁ ଗୋଟିଏ ଗୋଟିଏ କନ୍ୟା ପ୍ରଦାନ କଲେ । ଏହାପରେ ଦିଗପାଳମାନେ ନିଜ ନିଜ ଦିଗକୁ ଚାଲିଗଲେ ।

ଲୋକପାଳ ଏବଂ ଦିଗପାଳ
ପୂର୍ବରେ ଇନ୍ଦ୍ର
ଦକ୍ଷିଣ-ପୂର୍ବ(ଆଗ୍ନେୟ)ରେ ଅଗ୍ନି
ଦକ୍ଷିଣରେ ଯମ
ଦକ୍ଷିଣ ପଶ୍ଚିମ(ନେରତ୍ୱ)ରେ ସୂର୍ଯ୍ୟ
ପଶ୍ଚିମରେ ବରୁଣ
ପଶ୍ଚିମୋତ୍ତର (ବାୟବ୍ୟ)ରେ ବାୟୁ
ଉତ୍ତରରେ କୁବେର
ଉତ୍ତର-ପୂର୍ବ(ଈଶାନ୍)ରେ ସୋମ ବା ଈଶ ରହିଲେ ।
ଊର୍ଦ୍ଧ୍ୱ ଦିଗରେ ସ୍ୱୟଂ ବ୍ରହ୍ମା ରହିଲେ ଏବଂ ଅଧୋ ଦିଗ ଶେଷନାଗଙ୍କୁ ପ୍ରଦାନ କଲେ ।

ଜ୍ୟୋତିଷ ଏବଂ ବାସ୍ତୁ ଶାସ୍ତ୍ରରେ ଦିଗପାଳଙ୍କ ବିଶେଷ ମହତ୍ୱ ରହିଛି । ଦିଗ ଅନୁଯାୟୀ, ଦିଗପାଳଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ମନୁଷ୍ୟର କଲ୍ୟାଣ ହୋଇଥାଏ । ଦିଗପାଳଙ୍କୁ ସାକ୍ଷୀ ରଖି କେତେକ ଧାର୍ମିକ ପରମ୍ପରା ସମ୍ପନ୍ନ କରାଯାଉଥିବା ମଧ୍ୟ ଦେଖିବାକୁ ମିଳିଥାଏ ।

# ହାଇଦ୍ରାବାଦରେ ଘରୋଇ ପର୍ଯ୍ୟଟନକୁ ପ୍ରୋତ୍ସାହିତ ପାଇଁ ଅଭିଯାନ

**ଭୁବନେଶ୍ୱର,୪।୨ (ମହାଭାରତ):** ଓଡ଼ିଶା ପର୍ଯ୍ୟଟନର ଆଭ୍ୟନ୍ତରୀଣ ଏବଂ ଘରୋଇ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ଅଭିଯାନ ସ୍ୱରୂପ ଆଜି ହାଇଦ୍ରାବାଦରେ ଏକ ରୋଡଶୋ ସହିତ ଆରମ୍ଭ ହୋଇଛି। ଏଫ୍ଆଇସିସିଆଇ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହାଇଦ୍ରାବାଦର ୪୦+ ଟ୍ରାଭେଲ୍ ଅପରେଟର ଏବଂ ୨୦+ ପର୍ଯ୍ୟଟନ ନିବେଶକ ବି ଟୁ ବି ପାରସ୍ପରିକ ଆଲୋଚନାରେ ସାମିଲ ହୋଇଥିଲେ।

ସାଂସ୍କୃତିକ ଐତିହ୍ୟ ସ୍ମାରକୀ, ଜଳପ୍ରପାତ, ବନ୍ୟପ୍ରାଣୀ, ସ୍ଥାନୀୟ ଖାଦ୍ୟ, ପାହାଡ଼ ଏବଂ ବୌଦ୍ଧ ସର୍କିଟ୍ ସମେତ ଏହାର ବିବିଧ ଆକର୍ଷଣ ପ୍ରଦର୍ଶନ କରି ଘରୋଇ ବଜାର ମଧ୍ୟରେ ଏହାର ପର୍ଯ୍ୟଟନ କ୍ଷେତ୍ରକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରୁଛି। ଏହି ପ୍ରୟାସକୁ ଲୋକପ୍ରିୟ ଇକୋ ରିଟ୍ରିଟ୍ ଓଡ଼ିଶା ଦ୍ୱାରା ଆହୁରି ବୃଦ୍ଧି କରାଯାଇଛି, ଏକ ତିନି ମାସ ଧରି ଚାଲିଥିବା ଗ୍ଲାମ୍ପିଂ ଫେଷ୍ଟିଭାଲ୍ ଯାହା ବ୍ୟାପକ ସ୍ୱୀକୃତି ପାଇଛି। ହାଇଦ୍ରାବାଦର ତାଜ କ୍ରିଷ୍ଣାରେ ଅନୁଷ୍ଠିତ ଏହି ରୋଡଶୋରେ ସୂଚନାପ୍ରଦ ଅଧିବେଶନ ଏବଂ ହାଇଦ୍ରାବାଦର ଟ୍ରାଭେଲ୍ ଅପରେଟର ଏବଂ ପର୍ଯ୍ୟଟନ ଅଂଶୀଦାରମାନଙ୍କ ସହିତ ପାରସ୍ପରିକ ଆଲୋଚନା ହୋଇଥିଲା। ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ରୋଡଶୋରେ ଯୋଗଦେଇ କହିଥିଲେ, ଆମର ଅଟଳ ପ୍ରତିବଦ୍ଧତା ଏକ ନିବେଶ-ସମର୍ଥକ ପରିବେଶକୁ ପ୍ରୋତ୍ସାହିତ କରେ, ଯାହା ବ୍ୟବସାୟ ପାଇଁ ଦୃଢ଼ ସମର୍ଥନ ପ୍ରଦାନ କରେ। ଅତୁଳନୀୟ ଗନ୍ତବ୍ୟସ୍ଥଳ ଏବଂ ଶାନ୍ତ ଦୃଶ୍ୟ, ବିବିଧ ପର୍ଯ୍ୟଟନ ଉପକ୍ଷେତ୍ରରେ ସୁଯୋଗ ଦ୍ୱାରା ସମର୍ଥିତ, ଓଡ଼ିଶା ନିବେଶକମାନଙ୍କ ପାଇଁ ଭାରତର ସବୁଠାରୁ ପ୍ରତିଶ୍ରୁତିବଦ୍ଧ ପର୍ଯ୍ୟଟନ ବଜାର ମଧ୍ୟରୁ ଗୋଟିଏରେ ନିର୍ମାଣ, ବିକାଶ ଏବଂ ଉନ୍ନତି ପାଇଁ ଏକ ସୁବର୍ଣ୍ଣ ସୁଯୋଗ ପ୍ରଦାନ କରେ।

ସେ ଭାରତର ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ବର୍ଦ୍ଧିତ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କ ଅଭିଭାଷଣ ପର୍ଯ୍ୟଟନ କ୍ଷେତ୍ରକୁ ବୃଦ୍ଧି କରିବା ଏବଂ ପର୍ଯ୍ୟଟକ ଏବଂ ନିବେଶକଙ୍କ ପାଇଁ ଏକ ଆମନ୍ତ୍ରଣାତ୍ମକ ପରିବେଶ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇଥିଲା।

ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ ରାଜ୍ୟର ବ୍ୟାପକ ପର୍ଯ୍ୟଟନ ସମ୍ଭାବନା ଏବଂ ଘରୋଇ ପର୍ଯ୍ୟଟକଙ୍କ ପାଇଁ ଓଡ଼ିଶାକୁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ କରିବା ପାଇଁ ପ୍ରୟାସ ଉପରେ ଆଲୋକପାତ କରିଥିଲେ। ପଡ଼ୋଶୀ ରାଜ୍ୟଗୁଡ଼ିକ ସହିତ ସଂଯୋଗ କରୁଥିବା ଓଡ଼ିଶାର ଉତ୍କୃଷ୍ଟ ସଡ଼କ ନେଟୱାର୍କ ବିଷୟରେ ଆଲୋଚନା କରି, ସେ ଘରୋଇ ଏବଂ ଆନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ପାଇଁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବରେ ରାଜ୍ୟର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରି ଓଡ଼ିଶାର ବିବିଧ ପର୍ଯ୍ୟଟନସ୍ଥଳଗୁଡ଼ିକୁ ଆଲୋକପାତ କରିଥିଲେ। ତାଙ୍କର ଉପସ୍ଥାପନା ନିବେଶକ ଏବଂ ପର୍ଯ୍ୟଟନ ଅଂଶୀଦାରମାନଙ୍କ ପାଇଁ ସୁଯୋଗ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା, ରଣନୈତିକ ନିବେଶ ଏବଂ ଭିତ୍ତିଭୂମି ବିକାଶ ଉପରେ ବିଶେଷ ଧ୍ୟାନ ଦେଇ ଏହି କ୍ଷେତ୍ରରେ ସହଯୋଗ ଏବଂ ଅଭିବୃଦ୍ଧି ପାଇଁ ଏକ ସୁଗମ ପରିବେଶ ସୃଷ୍ଟି କରିବା ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ରୂପରେଖ ଦେଇଥିଲା।

ପିଏମୟୁ ଓଡ଼ିଶା ପର୍ଯ୍ୟଟନର ମୁଖ୍ୟ ଲୋକେଶ କୁମାର ସ୍ୱାଗତ ଭାଷଣ ଦେଇଥିଲେ, ସମସ୍ତଙ୍କୁ ଓଡ଼ିଶାକୁ ପ୍ରତ୍ୟକ୍ଷ ଭାବରେ ଅନୁସନ୍ଧାନ କରିବାକୁ ଆମନ୍ତ୍ରଣ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ସରକାର ଅଭିଜ୍ଞତାକୁ ଯଥାସମ୍ଭବ ସୁଗମ କରିବାକୁ ଲକ୍ଷ୍ୟ ରଖିଛନ୍ତି, ଯାହା ଦ୍ୱାରା ସମସ୍ତ ସମ୍ପୃକ୍ତ ପକ୍ଷ ଯେପରିକି ଡିଟିଓ, ଡିଏମ୍‌ସି ଏବଂ ନିବେଶକମାନେ ସେମାନଙ୍କର ସମ୍ଭାବନାକୁ ସର୍ବାଧିକ କରିପାରିବେ ଏବଂ କ୍ଷେତ୍ରର ଅଭିବୃଦ୍ଧିରେ ଯୋଗଦାନ ଦେଇପାରିବେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କ ସହିତ ଏକ ଆନ୍ତରିକ ପ୍ରଶ୍ନୋତ୍ତର ଅଧିବେଶନ ମଧ୍ୟ ସାମିଲ ଥିଲା, ଯେଉଁଠାରେ ଟ୍ରାଭେଲ୍ ଅପରେଟର, ଟୁର୍ ଏଜେନ୍ସି ଏବଂ ହାଇଦ୍ରାବାଦର ଅନ୍ୟାନ୍ୟ ପର୍ଯ୍ୟଟନ-ସମ୍ବନ୍ଧୀୟ ବ୍ୟବସାୟଗୁଡ଼ିକ ଓଡ଼ିଶା ପର୍ଯ୍ୟଟନ ପ୍ରତିନିଧିମଣ୍ଡଳଙ୍କ ସହିତ ଅର୍ଥପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ଅଧିବେଶନଗୁଡ଼ିକ ମୂଲ୍ୟବାନ ବ୍ୟବସାୟ-ସରକାର ପାରସ୍ପରିକ କ୍ରିୟାକୁ ସୁଗମ କରିଥିଲା, ଯାହା ଓଡ଼ିଶା ଏବଂ ହାଇଦ୍ରାବାଦର ଯାତ୍ରା ଶିଳ୍ପ ମଧ୍ୟରେ ସମ୍ପର୍କକୁ ମଜବୁତ କରିବ ବୋଲି ଆଶା କରାଯାଉଛି। ଅଧିବେଶନର ଏକ ପ୍ରମୁଖ ଆକର୍ଷଣ ଥିଲା ପ୍ରମୁଖ ପର୍ଯ୍ୟଟନ ପ୍ଲାଜାରେ ଓଡ଼ିଶାର ଅନ୍ତର୍ଭୁକ୍ତି ପାଇଁ ପ୍ରସ୍ତାବ, ଯାହା ରାଜ୍ୟର ସମୃଦ୍ଧ ପର୍ଯ୍ୟଟନ ପ୍ରଦାନଗୁଡ଼ିକର ଦୃଶ୍ୟମାନତା ଏବଂ ସୁଗମତାକୁ ବୃଦ୍ଧି କରିବ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ଓଡ଼ିଶା ପର୍ଯ୍ୟଟନ ପ୍ରତିନିଧି ଦଳ ରୋହିତ ମାଟ୍ଟା ନିର୍ଦ୍ଦେଶକ ସେନସେସନ୍ ଇନଫ୍ରାକମ୍ ପ୍ରାଇଭେଟ୍ ଲିମିଟେଡ୍, ନିର୍ଦ୍ଦେଶକ, ଟ୍ରାନ୍ସ ପରିଚାଳିତ ହୋଟେଲ୍ସ ସୂର୍ଯ୍ୟବୀର ସିଂହ, ଅଧ୍ୟକ୍ଷ ଏବଂ ଏମ୍‌ଡି (ଫର୍ମୁଲା ୪) ରେସିଂ ପ୍ରମୋସନ୍ସ ପ୍ରାଇଭେଟ୍ ଅଖିଳେଶ ରେଡ୍ଡୀ ଏବଂ ପାର୍ଟନର୍ସ (ସନବର୍ଣ୍ଣ) କଲର୍ସ ଇଭେଣ୍ଟ ସଲ୍ୟୁସନ୍ସ ବିନୟ ହେଗଡେ ଏବଂ ଶ୍ରୀ ଗୁଣନାଥଙ୍କୁ ଭେଟିଥିଲେ। ଆଲୋଚନା ସମୟରେ, ପର୍ଯ୍ୟଟନ ବିଭାଗ ସହିତ ସହଯୋଗରେ ଓଡ଼ିଶାରେ ହୋଟେଲ, ରିସର୍ଟ, କନସର୍ଟ-ନେତୃତ୍ୱାଧୀନ ଭିତ୍ତିଭୂମିର ବିକାଶ ଅନୁସନ୍ଧାନ କରିବା ପାଇଁ ଆଲୋଚନା ଆରମ୍ଭ ହୋଇଥିଲା। ପ୍ରସ୍ତାବିତ ସହଭାଗୀତା ରାଜ୍ୟର ଆତିଥ୍ୟ ଭିତ୍ତିଭୂମିକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିବ, ଯାହା ଘରୋଇ ଏବଂ ଆନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ପାଇଁ ବ୍ୟାପକ ପରିସରର ବାସସ୍ଥାନ ବିକଳ୍ପ ପ୍ରଦାନ କରିବ।

# ଉତ୍କଳ ଗୌରବ ମଧୁସୂଦନଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୪।୨ (ମହାଭାରତ):** ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ। ଜାତିର ଗର୍ବ ଓ ଗୌରବର ପ୍ରତୀକ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଶାର ଏବଂ ଓଡ଼ିଆ। ଜାତିର ଉନ୍ନତି ଓ ସ୍ୱାର୍ଥରକ୍ଷା ତଥା ସ୍ୱାଭିମାନ ବଜାୟ ରଖିବା ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ। ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ଥିଲା ସଂଘର୍ଷମୟ। ସେ ସାରାଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ। ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଯାହାଫଳରେ ଓଡ଼ିଆ। ଜାତି ଆଜି ଭାରତବର୍ଷରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛି। ଆଜି ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରାଜ୍ୟ ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାଶ, ବିଧାୟକ ବାବୁ ସିଂ, ଶ୍ରୀ ସୁନୀଲ କୁମାର ମହାନ୍ତି, ଦୁର୍ଗା ପ୍ରସନ୍ନ ନାୟକ, ନୀଳମଣି ବିଷୋୟୀ, କୃଷ୍ଣଚନ୍ଦ୍ର ନାୟକ, ସୋଫିଆ। ଫିର୍ଦୋସ୍, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଓ ଉତ୍କଳ ସମ୍ମିଳନୀର ବରିଷ୍ଠ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଉତ୍କଳଗୌରବଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା। ସୂଚନା ଅଧିକାରୀ ଶ୍ରୀ ବିନାୟକ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଶ୍ୱପ୍ରସିଦ୍ଧ ଖଣ୍ଡଗିରି ମେଳାକୁ ପ୍ଲାଷ୍ଟିକମୁକ୍ତ କରାଯାଉ

**ଭୁବନେଶ୍ୱର,୪।୨ (ମହାଭାରତ):** ସାରା ବିଶ୍ୱରେ ପ୍ଲାଷ୍ଟିକ ଏକ ମହାମାରୀର ରୂପ ଧାରଣ କରିସାରିଛି। ଗାଁରୁ ସହର, ସହରରୁ ଜଙ୍ଗଲ, ଜଙ୍ଗଲରୁ ହ୍ରଦ, ହ୍ରଦରୁ ମହାସାଗର ଧୀରେ ଧୀରେ ପ୍ଲାଷ୍ଟିକ ତାର କାୟାବିସ୍ତାର କରିଚାଲିଛି। ସମୁଦ୍ର ଗୁଡ଼ିକରେ ଏହି ପ୍ଲାଷ୍ଟିକର କଣିକାଗୁଡ଼ିକୁ ଖାଇ ମାଛମାନେ ବିଭିନ୍ନ ରୋଗରେ ପଡୁଥିବା ବେଳେ ସହର ଗୁଡ଼ିକରେ ବୁଲା ଗୋରୁଗାଈ, କୁକୁର ପ୍ଲାଷ୍ଟିକଜାତ ଦ୍ରବ୍ୟ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି। ପ୍ଲାଷ୍ଟିକର ବହୁଳ ବ୍ୟବହାର ଫଳରେ ପରିବେଶ ପ୍ରଦୂଷଣ ବଢିବାରେ ଲାଗିଛି। ସାଧାରଣ ମଣିଷ ସକାଳୁ ଉଠିବା ଠାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ପ୍ଲାଷ୍ଟିକ ବ୍ୟବହାର କରି କର୍କଟ ଭଳି ମହାମାରୀ ରୋଗର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି। କେବଳ ସେତିକି ନୁହେଁ, ଏହି ପ୍ଲାଷ୍ଟିକ ଏଭଳି ଏକ ପଦାର୍ଥ ଯାହାକି ଶହ ଶହ ବର୍ଷ ମାଟିରେ ପଡ଼ିଲେ ମଧ୍ୟ ତାହା ସହଜରେ ମିଶିନଥାଏ। ମାଟିରେ ପ୍ଲାଷ୍ଟିକ ମିଶିବା ଫଳରେ ଚାଷୀମାନେ ଫସଲ କ୍ଷତିର ସମ୍ମୁଖୀନ ହୋଇଥାନ୍ତି ଓ ଜଙ୍ଗଲ ଗୁଡ଼ିକରେ ପ୍ଲାଷ୍ଟିକ ଉପରେ ଯଦି କୌଣସି ଗଛ ଉଠିଲା, ତେବେ ଚେର ମାଟି ତଳକୁ ନଯାଇ ଖାଦ୍ୟ ନପାଇ ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥାଏ। ପ୍ଲାଷ୍ଟିକର ବହୁଳ ବ୍ୟବହାର ଫଳରେ ଏହାର କୁପ୍ରଭାବ ଜୀବଜଗତ ଉପରେ ପଡିଥାଏ। ବିଶେଷକରି ବିଭିନ୍ନ ମେଳା ମହୋତ୍ସବରେ ପ୍ଲାଷ୍ଟିକର ବହୁଳ ବ୍ୟବହାର କରାଯାଇଥାଏ।

ଏହାକୁ ଆଖିଆଗରେ ରଖି ଆସନ୍ତା ଫେବୃଆରୀ ମାସ ୪ ତାରିଖରୁ ରାଜଧାନୀ ଭୁବନେଶ୍ୱରରେ ବିଶ୍ୱପ୍ରସିଦ୍ଧ ଖଣ୍ଡଗିରି ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷ ଲକ୍ଷ ଦର୍ଶକଙ୍କ ଜନସମାଗମ ହୋଇଥାଏ। ଏଥିରେ ମଧ୍ୟ ରାଜ୍ୟ ତଥା ଦେଶରୁ ବହୁ ସାଧୁସନ୍ଥ ମଧ୍ୟ ଯୋଗ ଦେଇଥାନ୍ତି। ଏହି ଖଣ୍ଡଗିରି ମେଳାରେ ଜରି, ବୋତଲ, ପଲଥିନ୍ ଆଦି ବହୁଳ ପରିମାଣରେ ପ୍ଲାଷ୍ଟିକର ବ୍ୟବହାର ହେବାର ଆଶଙ୍କା ରହିଛି। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଏମ୍‌ସି କମିଶନର ଖଣ୍ଡଗିରି ମେଳାକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ସମାଜସେବୀ ପ୍ରତାପ କୁମାର ସାହୁ ଅନୁରୋଧ କରିଛନ୍ତି। ଏଥିସହିତ ଖଣ୍ଡଗିରି ମେଳାରେ ଅଂଶଗ୍ରହଣ କରୁଥିବା ଦୋକାନୀ ଏବଂ ଦର୍ଶକମାନେ ମଧ୍ୟ ପ୍ଲାଷ୍ଟିକ ବ୍ୟାଗ ବଦଳରେ କପଡ଼ା ବ୍ୟାଗ ଧରି ଖଣ୍ଡଗିରି ମେଳାରୁ ବିଭିନ୍ନ ସାମଗ୍ରୀ କିଣନ୍ତୁ ଏବଂ ଯେଉଁ ଗ୍ରାହକ ପ୍ଲାଷ୍ଟିକ ବ୍ୟାଗରେ ଜିନିଷ ନେବା ପାଇଁ କୁହନ୍ତି, ତେବେ ଦୋକାନୀଭାଇମାନେ ତାଙ୍କୁ ଜିନିଷ ନ ଦେବାକୁ ଶ୍ରୀ ସାହୁ ନିବେଦନ କରିଛନ୍ତି।

# ନ୍ୟାସନାଲ ଡ଼ିଫେନ୍ସ କଲେଜର ୧୭ ଜଣିଆ ପ୍ରତିନିଧି ମଣ୍ଡଳୀର ଓଡିଶା ଗସ୍ତ

**ଭୁବନେଶ୍ୱର,୪।୨ (ମହାଭାରତ):** ଭୁବନେଶ୍ୱରଠାରେ ନ୍ୟାସନାଲ ଡ଼ିଫେନ୍ସ କଲେଜର ୧୭ ଜଣିଆ ପ୍ରତିନିଧି ମଣ୍ଡଳୀ ଶୈକ୍ଷିକ ଭାରତ ଭ୍ରମଣ ଅବସରରେ ଓଡିଶାକୁ ୪ ଦିନିଆ ଗସ୍ତରେ ଆସିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ଆଜି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି, ପୋଲିସ ବ୍ୟବସ୍ଥା ଓ ତଟ ସୁରକ୍ଷା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। । ଉକ୍ତ ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ରାଜ୍ୟର ପୋଲିସ ବ୍ୟବସ୍ଥାରେ ଆଧୁନିକୀକରଣ, ମାଓ ସମସ୍ୟାର ମୁକାବିଲା, ସଂଗଠିତ ଅପରାଧର ନିରାକରଣ ଓ ରାଜ୍ୟର ତଟବର୍ତ୍ତୀ ସୁରକ୍ଷା ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ।



ମାଓବାଦୀ ବିରୋଧୀ ଅଭିଯାନ ଠାରୁ ଆରମ୍ଭ କରି କ୍ରମବର୍ଦ୍ଧିଷ୍ଣୁ ସାଇବର ଅପରାଧ, ମହିଳା ଓ ଶିଶୁମାନଙ୍କ ପ୍ରତି ହେଉଥିବା ନିର୍ଯାତନା ଏବଂ ପ୍ରତିକାର, ସଡ଼କ ଦୁର୍ଘଟଣା ଏବଂ ଏହାର ନିରାକରଣ ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ୧୯୩୬ ମସିହା ଅପ୍ରେଲ ୧ ତାରିଖରୁ ଓଡିଶା ପୋଲିସ ବାହିନୀ ଗଠନ ହେବା ଠାରୁ ଆରମ୍ଭ କରି ସାମ୍ପ୍ରତିକ ପରିସ୍ଥିତିରେ ପୋଲିସର ଭୂମିକା ସମ୍ପର୍କରେ ପ୍ରତିନିଧିମଣ୍ଡଳୀଙ୍କୁ ଅବଗତ କରାଯାଇଥିଲା। ଆଗାମୀ ଦିନରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ପୋଲିସ ପ୍ରତି ଆହ୍ୱାନ ଓ ଏହାର ମୁକାବିଲା ନିମନ୍ତେ ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ଡିଜିପି ସୂଚନା ପ୍ରଦାନ କରିଥିଲେ। ଏହା ବ୍ୟତୀତ ସଦ୍ୟ ସମାପ୍ତ ହୋଇଥିବା ଡିଜିପି ସମ୍ମିଳନୀ, ପ୍ରବାସୀ ଭାରତୀୟ ଦିବସ, ଉତ୍କର୍ଷ ଓଡିଶା ଭଳି ମେଗା ଇଭେଂଟକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାରେ ଓଡିଶା ପୋଲିସ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ପୋଲିସର ଭୂମିକାକୁ ପ୍ରତିନିଧି ମଣ୍ଡଳୀ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ ଏହି ପ୍ରତିନିଧିମଣ୍ଡଳୀରେ ବ୍ରାଜିଲ, ଭୁଟାନ, ଦକ୍ଷିଣ ଆଫ୍ରିକା, ନେପାଳ, ବଙ୍ଗଳାଦେଶ ଆଦି ଦେଶର ପ୍ରତିନିଧିଗଣ ସାମିଲ ହୋଇଥିଲେ। ଏହା ବ୍ୟତୀତ ଭାରତୀୟ ନୌସେନା, ଭାରତୀୟ ବାୟୁସେନା ଏବଂ ସ୍ଥଳ ବାହିନୀର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ଏହି ବୈଠକରେ ସ୍ୱତନ୍ତ୍ର ଡିଜିପି କ୍ରାଇମବ୍ରାଂଚ, ଶ୍ରୀ ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଶ୍ରୀ ଆର. ପି କୋଚେ, ବିପିଏସପିଏ ନିର୍ଦ୍ଦେଶକ ଶ୍ରୀ ସଞ୍ଜୀବ ପଣ୍ଡା, ଏସସିଆରବି ନିର୍ଦ୍ଦେଶକ ଡ଼ଃ ସନ୍ତୋଷ୍ବାଲା, ପୋଲିସ କମିଶନର ଡ଼ଃ ଏସ. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ଏସଏଫି) ଶ୍ରୀ ରାଜେଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ପ୍ରୋଭିଜନିଂ) ଶ୍ରୀ ଯତୀନ୍ଦ୍ର କୋୟଲ, ଆଇଜି ( କାର୍ମିକ) ଶ୍ରୀ ଏସ. ପ୍ରବୀଣ କୁମାର, ଆଇଜି ( ଅପରେସନ) ଶ୍ରୀ ଜୟ ନାରାୟଣ ପଙ୍କଜଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଛାତ୍ରକଂଗ୍ରେସ ସଭାପତିଙ୍କ ଗିରଫଦାରୀ ଫାସିବାଦ ଶାସନର ଉଦାହରଣ

**ଭୁବନେଶ୍ୱର,୪।୨ (ମହାଭାରତ):** ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଲେ ଯେ, ବିଜେପି ସରକାର ଦ୍ୱାରା ଝାରପଡ଼ା ଜେଲ୍‌କୁ ପଠାଯାଇଥିବା ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ଉଦିତ ପ୍ରଧାନ ଏବଂ ଅନ୍ୟାନ୍ୟ ଛାତ୍ରକଂଗ୍ରେସର ନେତାମାନଙ୍କୁ ଶ୍ରୀ ଜେନା, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ୟାସିର ନୱାଜ, ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭପତି ବିଶ୍ୱଜିତ ଦାସ ପ୍ରମୁଖ ସାକ୍ଷାତ୍ କରିଥିଲେ। ଏହି ପ୍ରସଙ୍ଗରେ ଜେନା କହିଥିଲେ ଯେ, ୭ ମାସ ଧରି ଓଡ଼ିଶାରେ ଫାଶିବାଦର ଶାସନ ଚାଲିଛି। ବିଜେପି ସରକାର ବିରୋଧୀ ଦଳଙ୍କର ଗଣତାନ୍ତ୍ରିକ




ଅଧିକାରକୁ ଛଡ଼ାଇ ନେଉଛନ୍ତି। ଛାତ୍ର କଂଗ୍ରେସର ସଭାପତି ଉଦିତ ପ୍ରଧାନ ଏବଂ ଅନ୍ୟ ସାଥୀମାନେ ଆରଏସ୍‌ଏସ୍‌ର ମୁଖ୍ୟ ମୋହନ ଭାଗବତଙ୍କୁ ଯେଉଁ କଳା ପତାକା ପ୍ରଦର୍ଶନ କଲେ ତାହା ଅଗଣତାନ୍ତ୍ରିକ ନୁହେଁ କି ଏକ ଅକ୍ଷମଣୀୟ ଅପରାଧ ନୁହେଁ। କେବଳ ମୋହନ ଭାଗବତଙ୍କ ତୁଷ୍ଟିକରଣ ପାଇଁ ଛାତ୍ର କଂଗ୍ରେସର ନେତାମାନଙ୍କୁ ଜେଲରେ ଭର୍ତି କରିଦିଆଯାଇଛି। ମୁଖ୍ୟମନ୍ତ୍ରୀ ନିଜ ପଦ ବଂାଇବା ପାଇଁ ଏହି କାର୍ଯ୍ୟ କରିଛନ୍ତି।

ମୋହନ ଭାଗବତ ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତି ଯେଉଁ ମନ୍ତବ୍ୟ ଦେଉଛନ୍ତି, ତାହା ଆଜିର ଛାତ୍ର ସମାଜକୁ ବ୍ୟଥିତ ଓ ମର୍ମାହତ କରିଛି। ମୋହନ ଭାଗବତ କହୁଛନ୍ତି ରାମ ମନ୍ଦିର ପ୍ରତିଷ୍ଠା ପରଠାରୁ ଦେଶ ସ୍ୱାଧୀନ ହୋଇଛି।

ଏହି ଗୈରୀକ ସଂଗଠନ କହୁଛି, ୨୦୧୪ ମସିହା ପରଠାରୁ ଦେଶ ସ୍ୱାଧୀନ ହୋଇଛି। ମୋହନ ଭାଗବତ ମଧ୍ୟ କହିଛନ୍ତି ଯେ, ଏହି ସ୍ୱାଧୀନତା ଭିକ୍ଷାରେ ମିଳିଛି। ଏହା ଆମର ରାଷ୍ଟ୍ରନାୟକମାନଙ୍କ ପ୍ରତି ଭୟଙ୍କର ଅପମାନ। କେବଳ ଭାରତଛାଡ଼ ଆନ୍ଦୋଳନରେ ୧୦ ହଜାର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରାଣହାନୀ ହୋଇଥିଲା, ୧ ଲକ୍ଷ ସଂଗ୍ରାମୀ ଜେଲଦଣ୍ଡ ଭୋଗିଲେ। ଗାନ୍ଧି, ନେହେରୁ, ସୁଭାଷ, ପଟେଲ ଓ ଆଜାଦ ପ୍ରମୁଖଙ୍କର ତ୍ୟାଗ ଓ ଅବଦାନକୁ ମାନିବାକୁ ମୋହନ ଭାଗବତ ପ୍ରସ୍ତୁତ ନୁହଁନ୍ତି। ଓଡ଼ିଶାରେ ମଧ୍ୟ ଗୋପବନ୍ଧୁଙ୍କ ଠାରୁ ଆରମ୍ଭ କରି ଫାଶି ପାଇଥିବା ଲକ୍ଷ୍ମଣ ନାୟକ ଏବଂ ଗୁଳିରେ ସହିଦ ହୋଇଥିବା ବାଜି ରାଉତଙ୍କ ପର୍ଯ୍ୟନ୍ତ ସେମାନଙ୍କର ତ୍ୟାଗର ମୂଲ୍ୟ କିଛି ନାହିଁ। ତେଣୁ ଛାତ୍ର କଂଗ୍ରେସ ମୋହନ ଭାଗବତଙ୍କ ଭଳି ଜଣେ ଧର୍ମାନ୍ଧ ଏବଂ ରାଷ୍ଟ୍ରନାୟକମାନଙ୍କ ପ୍ରତି ଘୃଣାଭାବ ପୋଷଣ କରୁଥିବା ବ୍ୟକ୍ତିଙ୍କୁ କଳା ପତାକା ପ୍ରଦର୍ଶନ କରିବା ଯଥାର୍ଥ। ଏହି ପରସ୍ଥିତିରେ ଓଡ଼ିଶାରେ ଗୃହ ବିଭାଗ ଚଳାଇବାକୁ ସମ୍ପୂର୍ଣ୍ଣ ଅକ୍ଷମ ଥିବା ମୁଖ୍ୟମନ୍ତ୍ରୀ ଏବଂ ପୋଲିସ୍ ବାହିନୀ ଉଦିତ ପ୍ରଧାନଙ୍କୁ ଜେଲରେ ଭର୍ତି କରି ଆତ୍ମ ସନ୍ତୋଷ ନେଉଛନ୍ତି।

# କେନ୍ଦ୍ର ବଜେଟରେ ଓଡ଼ିଶାବାସୀଙ୍କୁ ଧୋକା: ବିଜେଡି

**ଭୁବନେଶ୍ୱର,୪।୨ (ମହାଭାରତ):** କେନ୍ଦ୍ର ବଜେଟ ସମ୍ବନ୍ଧରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡିଶାର ବିକାଶକୁ ଆଗକୁ ନେବାକୁ ସହାୟକ ହେବ ବୋଲି ଆଜି ଦେଇଥିବା ମନ୍ତବ୍ୟ ଉପରେ ବିଜୁ ଜନତା ଦଳ ତାର ପ୍ରତିକ୍ରିୟା ଦେଇ ଏହି ବଜେଟ ଓଡିଶାବାସୀଙ୍କ ପାଇଁ ଏକ ଧୋକା ବୋଲି ଅଭିହିତ କରିବା ସହିତ କେନ୍ଦ୍ର ମନ୍ତ୍ରୀଙ୍କ ମନ୍ତବ୍ୟ କେବଳ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବା ପାଇଁ ଉଦ୍ଦିଷ୍ଟ ବୋଲି କହିଛି ।

ପୂର୍ବତନ ରାଜ୍ୟସଭା ସାଂସଦ ତଥା ବିଜୁ ଜନତା ଦଳର ଜାତୀୟ ମୁଖପାତ୍ର ଶ୍ରୀ ଅମର ପଟ୍ଟନାୟକ କହିଥିଲେ, କେନ୍ଦ୍ର ବଜେଟରେ କୌଣସି ଜାଗାରେ ଓଡିଶା ସମ୍ବନ୍ଧରେ ପଦଟିଏ ମଧ୍ୟ କୁହାଯାଇ ନାହିଁ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ବଜେଟରେ ଓଡ଼ିଶାର ବିକାଶ ତ୍ୱରାନ୍ୱିତ ହେବ ବୋଲି ଦାବି କରିଥିଲେ ହେଁ ତାଙ୍କ ମୁହଁରେ ଗୋଟିଏ ହତାଶ ଭାବ ସ୍ପଷ୍ଟ ପରିଲକ୍ଷିତ ହେଉଥିଲା । ଏହି ହତାଶ ଭାବର କାରଣ ହେଉଛି ବଜେଟରେ କୌଣସି ସ୍ଥାନରେ ଓଡ଼ିଶାର ନାଁ ଉଲ୍ଲେଖ ନହେବା । ଶ୍ରୀ ପ୍ରଧାନ ନିଜର ବାକଚାତୁରୀ ମାଧ୍ୟମରେ ବଜେଟ ସହ ଓଡ଼ିଶାର ବିକାଶକୁ ଯୋଡିବାକୁ ବୃଥା ପ୍ରୟାସ କରିଛନ୍ତି ।

ଶ୍ରୀ ପଟ୍ଟନାୟକ କହିଥିଲେ, ନିର୍ବାଚନ ସମୟରେ ଡବଲ ଇଂଜିନ ଡବଲ ବିକାଶର ନାରା ଦେଇ ସରକାରକୁ ଆସିଥିବା ବିଜେପି କେନ୍ଦ୍ର ବଜେଟରେ ଓଡିଶା ପାଇଁ କୌଣସି ସ୍ୱତନ୍ତ୍ର ଅନୁଦାନ ନଦେବା ରାଜ୍ୟବାସୀଙ୍କ ପାଇଁ ଏକ ବଡ଼ ଧୋକା । ରାଜ୍ୟବାସୀ ବିଜେପିକୁ ରାଜ୍ୟରେ ସରକାର ଗଠନ କରିବା ପାଇଁ ସୁଯୋଗ ଦେଇଥିବା ସହିତ ୨୦ ବିଜେପି ସାଂସଦକୁ ଜିତାଇଛନ୍ତି, କିନ୍ତୁ ପ୍ରତି ବଦଳରେ ରାଜ୍ୟବାସୀଙ୍କୁ କେବଳ ଧୋକା ମିଳିଛି । ଶ୍ରୀ ପ୍ରଧାନ ତାଙ୍କ ମନ୍ତବ୍ୟରେ ବଜେଟରେ ଉଲ୍ଲେଖ ଥିବା କିଛି ଯୋଜନାର ନାଁ ନେଇ, ଏହି ଯୋଜନା ମାଧ୍ୟମରେ ଓଡ଼ିଶାକୁ ଫାଇଦା ମିଳବ ବୋଲି କହିଥିଲେ । କିନ୍ତୁ ଏହି ଯୋଜନା ଗୁଡିକ ଦେଶର ସମସ୍ତ ରାଜ୍ୟ ମାନଙ୍କ ପାଇଁ ଉଦ୍ଦିଷ୍ଟ, ସ୍ୱତନ୍ତ୍ର ଭାବେ ଓଡିଶା ପାଇଁ ନୁହେଁ । କେନ୍ଦ୍ର ବଜେଟରେ ଆୟଙ୍କର ସୀମା ବୃଦ୍ଧିକୁ ଏକ ବଡ଼ ସଫଳତା ବୋଲି ଦାବି କରାଯାଉଛି କିନ୍ତୁ, ଓଡ଼ିଶାର ୫୦ ପ୍ରତିଶତ ଲୋକ ଗ୍ରାମାଂଚଳରେ ବାସ କରନ୍ତି, ଯେଉଁମାନଙ୍କ ଉପରେ ଏହି ଆୟକର ସୀମା ବୃଦ୍ଧି କୌଣସି ପ୍ରଭାବ ପକାଇବ ନାହିଁ । କିନ୍ତୁ ଦରଦାମ ବୃଦ୍ଧି, ଯାହା ଆଜି ଦେଶରେ ଉତ୍କଟ ହୋଇଛି, ତାହା ସମସ୍ତ ଗ୍ରାମାଂଚଳର ବାସିନ୍ଦାଙ୍କ ଉପରେ ପ୍ରଭାବ ପକାଇବ । ଦରଦାମ ବୃଦ୍ଧିର ନିୟନ୍ତ୍ରଣ ପାଇଁ ବଜେଟରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ପେଟ୍ରୋଲିୟମ ସବସିଡିର ପରିମାଣ ପୂର୍ବ ବର୍ଷ ପରିମାଣ ସହ ସମାନ ରହିଛି, ଅର୍ଥାତ ଗ୍ୟାସ ସିଲିଣ୍ଡର ଦର ହ୍ରାସ ପାଇବାର ସମ୍ଭାବନା ନାହିଁ ।

## ରାଷ୍ଟ୍ରପତିଙ୍କୁ ଅପମାନଜନକ ମନ୍ତବ୍ୟ

# ପପ୍ପୁ ଯାଦବଙ୍କ ବିରୁଦ୍ଧରେ ବାଚସ୍ପତିଙ୍କୁ ସ୍ମାରକ ପତ୍ର

**ଭୁବନେଶ୍ୱର,୪।୨ (ମହାଭାରତ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିରୁଦ୍ଧରେ ମହିଳା ଓ ଆଦିବାସୀ ବିରୋଧୀ ତଥା ଅପମାନଜନକ ଶବ୍ଦ ପ୍ରୟୋଗ କରିଥିବାରୁ ସାଂସଦ ପପ୍ପୁ ଯାଦବଙ୍କ ବିରୁଦ୍ଧରେ ବିଜେପି ସାଂସଦ ମାନେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । କେନ୍ଦୁଝର ବିଜେପି ସାଂସଦ ଅନନ୍ତ ନାୟକଙ୍କ ସମେତ ପାର୍ଟୀର ଅନ୍ୟ ସାଂସଦ ମାନେ ଆଜି ଲୋକସଭା ବାଚସ୍ପତି ଓମ ବିରଲାଙ୍କୁ ଏ ସମ୍ପର୍କରେ ସ୍ମାରକ ପତ୍ର ପ୍ରଦାନ କରିବା ସହ ପପ୍ପୁ ଯାଦବଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏ ସମ୍ପର୍କରେ ସୂଚନା ଦେଇ ସାଂସଦ ଅନନ୍ତ ନାୟକ କହିଛନ୍ତି ଯେ ପପ୍ପୁ ଯାଦବ ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ଅପମାନଜନକ ମନ୍ତବ୍ୟ ଦେଇଥିଲେ । ସେ କହିଥିଲେ ଯେ, ରାଷ୍ଟ୍ରପତି ତ ରବର ଷ୍ଟାମ୍ପ ଅଟନ୍ତି । .... କାହାର ପ୍ରେମପତ୍ର ପଢିବାର ଅଛି ତାଙ୍କୁ.. । ତାଙ୍କର ଏହି ବକ୍ତବ୍ୟ ଅତ୍ୟନ୍ତ ଅପମାନଜନକ । ଏହି ବକ୍ତବ୍ୟ କେବଳ ଯେ ଅନୁଚିତ ତା ନୁହେଁ, ବରଂ ରାଷ୍ଟ୍ରପତି ପଦର ଗରିମା ଓ ସର୍ବୋଚ୍ଚ ଗଣତାନ୍ତ୍ରିକ ସଂସ୍ଥାର ପବିତ୍ରତା ଉପରେ ମଧ୍ୟ ପ୍ରତ୍ୟକ୍ଷ ଆକ୍ରମଣ ଅଟେ । ଭାରତର ରାଷ୍ଟ୍ରପତି ସାମ୍ବିଧାନିକ ଢାଂଚା ଭିତରେ ଏକ ସମ୍ମାନିତ ସ୍ଥାନ ରଖିଥାନ୍ତି। ତାଙ୍କର ଏଭଳି ବକ୍ତବ୍ୟ ଆମକୁ ଆନ୍ତର୍ଜାତିକ ସ୍ତରରେ ଲଜ୍ଜା ଓ ଉପହାସର ପାତ୍ର କରୁଛି । ପପ୍ପୁ ଯାଦବଙ୍କ ଏହି କୃତ୍ୟ ସଂସଦୀୟ ପରମ୍ପରା, ନୈତିକତା ଓ ଆଚାର ସଂହିତାର ଉଲ୍ଲଂଘନ ଅଟେ । ତେଣୁ ପପ୍ପୁ ଯାଦବଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ବିଜେପି ସାଂସଦ ମାନେ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିବା ଶ୍ରୀ ନାୟକ ପ୍ରକାଶ କରିଛନ୍ତି ।

# ସମ୍ ଅଲ୍ଟିମେଟ, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଭୁବନେଶ୍ୱର, ଫୁଲନଖରା ଓ ଶୀତଳାପଲ୍ଲୀ କ୍ୟାମ୍ପସ୍ ସମ୍ବର୍ଦ୍ଧିତ

**ଭୁବନେଶ୍ୱର,୪।୨ (ମହାଭାରତ):** ଇଟି ନାଓ ଇଣ୍ଡଷ୍ଟ୍ରି ଆଇକନ୍ସ ୨୦୨୫ ଇଷ୍ଟ ଚାପ୍ଟରର ପ୍ରଥମ ସଂସ୍କରଣର ସମ୍ମାନ ପ୍ରଦାନ ଉତ୍ସବରେ ସମ୍ ଅଲ୍ଟିମେଟ୍ ମେଡିକେୟାରକୁ ପୂର୍ବ ଭାରତର ଶ୍ରେଷ୍ଠ କର୍ପୋରେଟ ହସ୍ପିଟାଲ୍ ଭାବେ ସମ୍ମାନିତ କରାଯାଇଛି। କୋଲକାତା ଠାରେ ଗତ ଶୁକ୍ରବାର ଦିନ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଟାଇମ୍ସ ନେଟୱାର୍କ ଡିଜିଟାଲ୍‌ର ପ୍ରେସିଡେଂଟ ଓ ସିଓଓ ରୋହିତ ଚଡ଼ା ସମ୍ମମ୍‌ର ସିଇଓ ଡକ୍ଟର ଶ୍ୱେତପଦ୍ମା ଦାଶଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି।

ସେହିପରି ଏହି ଉତ୍ସବରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ ୨ ଫୁଲନଖରାକୁ ଓଡ଼ିଶାର ଶ୍ରେଷ୍ଠ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ ଭାବେ ସମ୍ମାନିତ କରାଯାଇଥିବା ବେଳେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ ୩ ଶୀତଳାପଲ୍ଲୀ (ବ୍ରହ୍ମପୁର)କୁ ଓଡ଼ିଶାର ଶ୍ରେଷ୍ଠ ମଲ୍ଟିସ୍ପେଶିଆଲିଟି ଇମର୍ଜେଂ



ହସ୍ପିଟାଲ୍ ଭାବେ ମନୋନୀତ କରାଯାଇ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ଭୁବନେଶ୍ୱରର କାର୍ଡିଓଲୋଜି, ଅଙ୍କୋଲୋଜି, ନ୍ୟୁରୋଲୋଜି, ଗ୍ୟାଷ୍ଟ୍ରୋଏନ୍‌ଟେରୋଲୋଜି, ହେମାଟୋଲୋଜି ଏବଂ ନେଫ୍ରୋଲୋଜି ବିଭାଗକୁ ସେହି କ୍ୟାଟେଗୋରୀରେ ଓଡ଼ିଶାର ଶ୍ରେଷ୍ଠ ବିଭାଗ ଭାବେ ମାନ୍ୟତା ପ୍ରଦାନ କରାଯାଇଛି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଭୁବନେଶ୍ୱରର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ ୨ ଫୁଲନଖରାର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ଏବଂ ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଶୁଭଦର୍ଶିନୀ ମିଶ୍ର ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି ସମ୍ମାନଗୁଡ଼ିକୁ ବଲିଉଡ୍ ଅଭିନେତା ତଥା ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ପ୍ରସାରିତ ବହୁଚର୍ଚ୍ଚିତ 'ହିରାମଣ୍ଡି' ସିରିଜ୍‌ର ଫେମ୍ ତାରା ଶାହା ବଦୁଶାହା, ବିଶିଷ୍ଟ ଭାରତୀୟ ସିନେମା ପ୍ରଯୋଜିକା, ନିର୍ଦ୍ଦେଶିକା, ଲେଖିକା ଶ୍ରୀମତି ନନ୍ଦିତା ରାୟ ଏବଂ ଅଭିନେତା ତଥା ନିର୍ଦ୍ଦେଶକ ଓ ଲେଖକ ଶିବପ୍ରସାଦ ମୁଖାର୍ଜୀ ଏବଂ ବଲିଉଡ୍ ଅଭିନେତା ଅପାରଶକ୍ତି ଖୁରାନା ପ୍ରଦାନ କରିଥିଲେ। ଏହି ଅବସରରେ ସୁମ୍ବା ରିୟଲ୍ ମିଡିଆ ପ୍ରାଇଭେଟ ଲିମିଟେଡ୍‌ର ଓଡ଼ିଆ ସମ୍ବାଦପତ୍ର 'ପ୍ରମେୟ'କୁ ଓଡ଼ିଶାର ଏକ ନମ୍ବର ସମ୍ବାଦପତ୍ର ଭାବେ ସମ୍ମାନିତ କରାଯାଇଥିଲା। ସୁମ୍ବା ରିୟଲ୍ ମିଡିଆ ପ୍ରାଇଭେଟ ଲିମିଟେଡ୍‌ର ଗ୍ରୁପ୍ ଡାଇରେକ୍ଟର (ସେଲ୍‌ସ ଆଣ୍ଡ ମାର୍କେଟିଂ) ହିମାଂଶୁ ଭୂଷଣ ହୋତା ଏହି ସମ୍ମାନ ଗ୍ରହଣ କରିଥିଲେ।

ଭାରତୀୟ ଶାସ୍ତ୍ରୀୟ ସଂଗୀତଜ୍ଞ ତଥା ସରୋଦ ବାଦକ ଅମନ୍ ଅଲ୍ଲୀ ବଙ୍ଗସ୍ ଶ୍ରୀ ହୋତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ।

# ନକଲି ସାମଗ୍ରୀ କାରଖାନା

କଟକ ବା ଅନ୍ୟତ୍ର କେତେବେଳେ କେମିତି ନକଲି ସାମଗ୍ରୀ ପ୍ରସ୍ତୁତ କାରଖାନା ଉପରେ ଚଢ଼ାଉ କରାଯାଇ କିଛି ସାମଗ୍ରୀକୁ ସିଲ କରାଯାଉଛି, କିଛି ଲୋକଙ୍କୁ ଗିରଫ କରାଯାଉଛି। କିନ୍ତୁ ତଥାପି ନକଲି କାରବାର କମୁନି ବରଂ ଏହା ଦିନକୁ ଦିନ ବଢ଼ି ଚାଲିଛି। ମାତ୍ର ୧ ପ୍ରତିଶତ ଅପରାଧି ଧରାପଡୁଛନ୍ତି, କିନ୍ତୁ ଆଇନର ଫାଙ୍କ ଦେଇ ଖସି ଯାଉଛନ୍ତି। ଏଥିପାଇଁ କଡ଼ା ଆଇନ ଏବଂ ଚୀନ ଭଳି କଠୋର ଦଣ୍ଡ ବ୍ୟବସ୍ଥା ରହିବା ଉଚିତ। ଏହା ଦ୍ୱାରା କେହି ଏଭଳି କାରବାର କରିବାକୁ ସାହସ କରିବେ ନାହିଁ। କିନ୍ତୁ ସରକାର ଏହାକୁ କେବେ ଗୁରୁତ୍ୱର ସହ ନେଉ ନାହାଁନ୍ତି ବା ନକଲି କାରବାର ରୋକିବାକୁ ସରକାରଙ୍କ ନିକଟରେ ଇଚ୍ଛାଶକ୍ତିର ଘୋର ଅଭାବ ରହିଛି ବୋଲି ସ୍ୱୀକାର କରିବାକୁ ପଡ଼ିବ। ନଚେତ ନକଲି କାରବାର ବା ଭେଜାଲ କାରବାର ରୋକିବାକୁ କାହିଁକି କଡ଼ା ଆଇନ ହେଉନାହିଁ? ନକଲି ଘିଅଠାରୁ ଆରମ୍ଭ କରି ନକଲି ମଦ, ନକଲି ଡିଜେଲ ପର୍ଯ୍ୟନ୍ତ ସବୁ କିଛି ଏଠାରେ ନକଲି ମିଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହିସବୁ ଭେଜାଲ ବା ଅପମିଶ୍ରିତ ସାମଗ୍ରୀ ମଣିଷର ଜୀବନ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ରହୁଛି। ଅନେକ ଭେଜାଲ ସାମଗ୍ରୀ ଖାଇବା ଫଳରେ ଗୁରୁତର ରୋଗର ଶୀକାର ହେଉଛନ୍ତି। ଅସଲି ତେଲ, ଘିଅ ଏବେ ବଜାରରେ ମିଳିବା କଷ୍ଟକର ହେଲାଣି। ଚା' ପତିଠାରୁ ଆରମ୍ଭ କରି ବେସନ, ହଳଦୀ ଗୁଣ୍ଡ ପର୍ଯ୍ୟନ୍ତ ସବୁ ପ୍ରକାର ଖାଦ୍ୟ ସାମଗ୍ରୀ ଭେଜାଲ ହେଉଛି। ସବୁଜ ପନିପରିବା ବୋଲି ଯାହାକୁ ଆମେ ଆଗ୍ରହର ସହିତ କିଣି ଖାଉଛୁ, ସେଥିରେ ସବୁଜ ରଙ୍ଗ ବୋଳାଯାଉଛି। ଏସବୁ ଜୀବନ ପ୍ରତି ବିପଦର କାରଣ ହେଉଛି। ଭେଜାଲ ଖାଦ୍ୟ ସାମଗ୍ରୀ ବିକ୍ରି କରିବା ନରହତ୍ୟା ସହ ସମାନ। ଏହା ଏକ ଗର୍ହିତ ଅପରାଧ। ଏଥିପାଇଁ କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ନକଲି କାରବାର କେବଳ ଏତିକିରେ ସୀମିତ ନୁହେଁ। ନିକଟରେ ବଲାଙ୍ଗୀରରେ ଏକ ନକଲି ସାର୍ଟିଫିକେଟ ର୍‍ୟାକେଟ ଧରାପଡ଼ିଛି। ଏକ କମ୍ପ୍ୟୁଟର ସେ□ର ଉପରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ନକଲି ସାର୍ଟିଫିକେଟ ଏବଂ ଏହାର ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ଏବଂ ଲକ୍ଷାଧିକ ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତ ୨୦ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହାର ଚେର ରାଜ୍ୟର ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ବ୍ୟାପିଛି। ଏହି ନକଲି ସାର୍ଟିଫିକେଟ ଏତେ ଅସଲି ଭଳି ଜଣାପଡୁଛି ଯେ, ଏହାକୁ କେହି ସହଜରେ ଜାଣିପାରିବେ ନାହିଁ। ଏହି ନକଲି ସାର୍ଟିଫିକେଟ ଦେଖାଇ ଅନେକ ସରକାରୀ ଚାକିରୀ ମଧ୍ୟ କରିଛନ୍ତି। ଫଳରେ ଅନେକ ଯୋଗ୍ୟ ଛାତ୍ରଛାତ୍ରୀ ଅନ୍ୟାୟର ଶୀକାର ହେଉଛନ୍ତି। ଜଣେ ମାସ ମାସ ଧରି କଠିନ ପରିଶ୍ରମ କରି ଯାହା ପାଇପାରୁନି, ଆଉ ଜଣେ କିଛି ଟଙ୍କା ପ୍ରତିବଦଳରେ ଆଦୌ ପରିଶ୍ରମ ନକରି ତାହା ପାଇପାରୁଛି। ଏହା ଅନ୍ୟର ଅଧିକାର ଅପହରଣ କରିବା ସହ ସମାନ। ଏଭଳି ନକଲି ସାର୍ଟିଫିକେଟ କାରବାର ସାରା ଭାରତରେ ଚାଲିଛି। ଅନେକ ବର୍ଷ ହେବ ଚାଲିଆସୁଛି। କିଛି ବ୍ୟକ୍ତି ନକଲି ସାର୍ଟିଫିକେଟ ଦ୍ୱାରା ଚାକିରୀ କରି ଅବସର ନେଇ ସାରିଲେଣି। ଅନେକ ଯୋଗ୍ୟ ବ୍ୟକ୍ତି ଏଥିରୁ ବଂଚିତ ହୋଇ ଆତ୍ମହତ୍ୟା କରୁଛନ୍ତି। ଆଉ ନକଲି ସାର୍ଟିଫିକେଟ ପ୍ରସ୍ତୁତକ□। କୋଟିପତି ହୋଇଯାଉଛନ୍ତି। କୋହଳ ଦଣ୍ଡ ବ୍ୟବସ୍ଥା ଯୋଗୁ ଏଭଳି ଅପରାଧ ବଢ଼ିଚାଲିଛି ଯାହା ସମଗ୍ର ଦେଶ ଏବଂ ସମାଜ ପାଇଁ ବିପଜ୍ଜନକ। ଏହି ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏନଏସଏ ଲାଗୁ ହେବା ଉଚିତ। ଯେଉଁମାନେ ନକଲି ସାର୍ଟିଫିକେଟରେ ଚାକିରୀ କରିଛନ୍ତି, ସେମାନଙ୍କୁ କେବଳ ଗିରଫ ନୁହେଁ, ସେମାନଙ୍କ ସମ୍ପ□ ନିଲାମ କରାଯିବା ଉଚିତ। ଯେଉଁମାନେ ନିଷ୍ଠା, ଦକ୍ଷତା ଏବଂ ସାଧୁତାର ସହ କଠିନ ପରିଶ୍ରମ କରି ପାଠ ପଢୁଛନ୍ତି, ସେମାନଙ୍କ ଅଧ୍ୟବସାୟ ବେକାର ନହେଉ। ସେମାନଙ୍କୁ ଉପଯୁକ୍ତ ନ୍ୟାୟ ମିଳିବା ଉଚିତ।

# ମାନବବାଦ ଓ ବିଶ୍ୱମୈତ୍ରୀର ଠାକୁର

**॥ ମୀରା ବେଉରା ॥**


*ପ୍ରକୃତରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ମାନବବାଦର ଠାକୁର, ବିଶ୍ୱମୈତ୍ରୀର ଠାକୁର। ସେ ସବୁବେଳେ ଚେତାଇ ଦିଅନ୍ତି ମଣିଷ ବଡ଼ ନୁହେଁ ମଣିଷ ପଣିଆ ବଡ଼। ଜାତି ବଡ଼ ନୁହେଁ, ଧର୍ମ ବଡ଼ ନୁହେଁ, ଜଗତ ବଡ଼। ଆଜି ଯଦି ମଣିଷ ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ନିଜର ବିବେକ, ଜ୍ଞାନ, ପ୍ରଜ୍ଞା, ବିଚାର, ବୁଦ୍ଧି, ପାପପୁଣ୍ୟ, ନୀତି ଅନୀତି, ନ୍ୟାୟ ଅନ୍ୟାୟ, ଧର୍ମ ଅଧର୍ମ ଏ ସବୁକୁ ବିଚାର କରି ନିଜର ମଣିଷ ପଣିଆକୁ ବିଶ୍ୱ ଦରବାରରେ ପ୍ରତିପାଦନ କରିବ, ତେବେ ମଣିଷ ଦିବ୍ୟ ମାନବରେ ପରିଣତ ହୋଇପାରିବ।*


ସଂସ୍କୃତି ଗୋଟିଏ ଜାତିର ପରିଚୟ ଦେଇଥାଏ। ମାନବ ସଭ୍ୟତାର ପ୍ରାଣକେନ୍ଦ୍ର ହେଉଛି ସଂସ୍କୃତି। ଓଡ଼ିଶାରେ ପ୍ରଭୁ ଜଗନ୍ନାଥଙ୍କୁ ବାଦ ଦେଲେ କୌଣସି ସଂସ୍କୃତି, ସାହିତ୍ୟ, ଐତିହ୍ୟ, ଧର୍ମବିଶ୍ୱାସ, ପ୍ରଜ୍ଞା, ଭିକ୍ଷା, ଜ୍ଞାନ, ଦୀକ୍ଷା, କୃଷି, ବାଣିଜ୍ୟ, ମାଙ୍ଗଳିକ କାର୍ଯ୍ୟ ପରମ୍ପରା ଆଦି ଓଡ଼ିଆ ଜାତିର କୌଣସି ପରିଚୟର କଳ୍ପନା କରାଯାଇପାରେନା। ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଭାଷା, ଧନୀ, ନିର୍ଦ୍ଧନ ଏସବୁ ଚିନ୍ତନର ବହୁ ଊର୍ଦ୍ଧ୍ୱରେ ପ୍ରଭୁ ଶ୍ରୀଜଗନ୍ନାଥ। ଜାତିର ଚିନ୍ତା, ଚେତନା, ଭାବ, ଅନୁଭବ, ଆବେଗ ମୂଲ୍ୟବୋଧ, ବୃତ୍ତି, ପ୍ରବୃତ୍ତି, ସାଫଲ୍ୟ ବିକାଶଧାରା ହିଁ ଅଟେ ଓଡ଼ିଶାର ସଂସ୍କୃତି। ପ୍ରଭୁ ଜଗନ୍ନାଥ ସମଗ୍ର ମାନବଜାତିର ପ୍ରାଣର ଅଧିଶ୍ୱର ଠାକୁର। ସେ ମୁକ୍ତି, ସାମ୍ୟ, ମୈତ୍ରୀ ପ୍ରୀତିର ପ୍ରତୀକ। ଶ୍ରୀଜଗନ୍ନାଥଙ୍କ ଘୋଷ ଯାତ୍ରାର ଦିବ୍ୟ ସନ୍ଦେଶ ହେଉଛି ବିଶ୍ୱମୈତ୍ରୀ। ଏହି ରଥଯାତ୍ରା ଐତିହ୍ୟରେ ଶୀର୍ଷସ୍ଥାନ ଅଧିକାର କରି ବିଶ୍ୱ ସଂସ୍କୃତିକୁ ସେ ଦିନ ସ୍ପନ୍ଦିତ କରୁଥିଲା ଆଜିବି କରୁଛି। ଆଗାମୀ ଦିନରେ ମଧ କରିବ। ଏହି ଯାତ୍ରା ବିଶ୍ୱାତ୍ମା ଚେତନା ସୃଷ୍ଟି କରେ "ବସୁଧୈବ କୁଟୁମ୍ବକମ୍"ର ଚେତନାରେ ସମଗ୍ର ମାନବ ସମାଜକୁ ଦ୍ରବୀଭୂତ କରେ ଘୋଷଯାତ୍ରା। ତାଙ୍କର ଲୀଳା ଅବର୍ଣ୍ଣନୀୟ। କୌଣସି ଜାତି, ଗୋଷ୍ଠୀ, ସମ୍ପ୍ରଦାୟ ଭିତରେ ସେ ସୀମିତ ନୁହେଁ। ଆଦିବାସୀ, ଦ୍ରାବିଡ଼, ଆର୍ଯ୍ୟ, ଅନାର୍ଯ୍ୟ, ଜୈନ, ବୌଦ୍ଧ, ଶିଖ୍, ଈଶାଇ, ବୈଷ୍ଣବ, ଶାକ୍ତ, ଯୋଗୀ ସଭିଙ୍କର ଆରାଧ ଦେବତା ହେଉଛନ୍ତି ପ୍ରଭୁ ଜଗନ୍ନାଥ। ସଂକୀର୍ଣ୍ଣତାର ଊର୍ଦ୍ଧ୍ୱକୁ ଉଠିଯାଇ ସେ ସାମ୍ୟ, ମୈତ୍ରୀ, ଶାନ୍ତି, ପ୍ରୀତି, ସଂଘତି, ସଂପ୍ରତିର ପ୍ରତୀକ ସାଜି ସମଗ୍ର ବିଶ୍ୱରେ ଏକତା, ସମାନତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ବିଶ୍ୱଭାତୃତ୍ୱର ଭାବ ବଜାୟ ରଖିଛନ୍ତି। ଏ ଜଗନ୍ନାଥ ସଂସ୍କୃତି ସାର୍ବଜନୀନ ସଂସ୍କୃତି, ବିଶ୍ୱହିତୈଶୀ ସଂସ୍କୃତି। ସର୍ବପ୍ରାଚୀନ ସଂସ୍କୃତି ଯାହା ବିଭିନ୍ନତା ମଧ୍ୟରେ ମଧ ଏକତା ଆଣି ସମଗ୍ର ମାନବ ସମାଜର ମଙ୍ଗଳସାଧାନା କରି ସଂହତି ସ୍ଥାପନ କରିଥାଏ। ଏହି ଘୋଷଯାତ୍ରା ମାନବ ସମାଜକୁ ଶିକ୍ଷା ଦିଏ ବୁଦ୍ଧି ହେଉଛି ସାରଥି ମନ ହେଉଛି ଘୋଡ଼ା, ତେଣୁ ମଣିଷ ଯଦି ବୁଦ୍ଧିର ଶକ୍ତିରେ ପଞ୍ଚମନ ପଚିଶ ପ୍ରକୃତିକୁ ସ୍ୱନିୟନ୍ତ୍ରିତ କରେ, ମାନବର ଭାବ ଦୂର ହୋଇ ଆତ୍ମବଳଶାଳୀ ହୋଇ ମାନବ ବିବେକର ଶକ୍ତିରେ ପରିଚାଳିତ ହୋଇ୭ ସମାଜର ତଥା ରାଷ୍ଟ୍ରର ଏବଂ ସମଗ୍ର ବିଶ୍ୱର କଲ୍ୟାଣ ସାଧନ କରିବାକୁ ସମର୍ଥ ହେବ।

ପ୍ରକୃତରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ମାନବବାଦର ଠାକୁର, ବିଶ୍ୱମୈତ୍ରୀର ଠାକୁର। ସେ ସବୁବେଳେ ଚେତାଇ ଦିଅନ୍ତି ମଣିଷ ବଡ଼ ନୁହେଁ ମଣିଷ ପଣିଆ ବଡ଼। ଜାତି ବଡ଼ ନୁହେଁ, ଧର୍ମ ବଡ଼ ନୁହେଁ, ଜଗତ ବଡ଼। ଆଜି ଯଦି ମଣିଷ ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ନିଜର ବିବେକ, ଜ୍ଞାନ, ପ୍ରଜ୍ଞା, ବିଚାର, ବୁଦ୍ଧି, ପାପପୁଣ୍ୟ, ନୀତି ଅନୀତି, ନ୍ୟାୟ ଅନ୍ୟାୟ, ଧର୍ମ ଅଧର୍ମ ଏ ସବୁକୁ ବିଚାର କରି ନିଜର ମଣିଷ ପଣିଆକୁ ବିଶ୍ୱ ଦରବାରରେ ପ୍ରତିପାଦନ କରିବ, ତେବେ ମଣିଷ ଦିବ୍ୟ ମାନବରେ ପରିଣତ ହୋଇପାରିବ। ପ୍ରଭୁ ଜଗନ୍ନାଥ ଚାହାଁନ୍ତି ଆଜିର ମଣିଷ ତା'ର ଆତ୍ମଘାତୀ ଚିନ୍ତାଧାରାକୁ ଦୂରେଇଦେଇ ନିଜର ଦୃଢ଼ ଇଚ୍ଛାଶକ୍ତି, ଶାରୀରିକ ଶକ୍ତି, ଐଶ୍ୱରୀକତାକୁ ପ୍ରୟୋଗ କରି ନିଜ ଭିତରେ ସତ୍‌ଚିନ୍ତା, ସତ୍‌ଚେତନା, ସତ୍‌କର୍ମ, ସତ୍‌ଭାବନା ଉଦ୍ରେକ କରି ଆତ୍ମାର ସନ୍ଧାନ କରୁ। ଏହି ଆତ୍ମସନ୍ଧାନ ହିଁ ତା' ଆଧ୍ୟାତ୍ମିକ ଚତେନାର ମୂଳଭିତ୍ତି। ସେ ଆକାର, ନିରାକାର, ସୁଖ, ଦୁଃଖ, ସେ ମାୟାବି, ସେ ପୁଣି ଭାବକୁ ନିକଟ ଅଭାବକୁ ଦୂର। ସେ ଅନ୍ତର୍ଯ୍ୟାମୀ, ସେ ସର୍ବବ୍ୟାପୀ, ସେ ଅବତାରୀ ପୁରୁଷ। ସେ ପୁଣି ଶବର ଦେବତା, ତାଙ୍କ ଭାବ ଗୀତା, ଭାଗବତ, ମହାଭାରତ, ସବୁର ବହୁ ଊର୍ଦ୍ଧ୍ୱରେ। ଥରେ ଯିଏ ସେ ଭାବକୁ ବୁଝିଛି ତାଙ୍କ ଚେତନାରେ ହଜିଛି, ପ୍ରେମରେ ପଡ଼ିଛି ତା'ର ଆଉ କିଛି ଐଶ୍ୱର୍ଯ୍ୟ ସୁଖ ସମ୍ପତ୍ତି ଲୋଡ଼ା ହୁଏ ନାହିଁ। ସମଗ୍ର ପୃଥିବୀରେ ଏମିତି ଠାକୁର ବିରଳ ଯାହାର ହାତ ନାହିଁ କିନ୍ତୁ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ହାତ ବଢ଼ାଇ ନିଅନ୍ତି, ଗୋଡ଼ ନାହିଁ କିନ୍ତୁ ଚାଲି ଚାଲି ଆସି ଭକ୍ତଦ୍ୱାରା ନିର୍ମିତ ହୋଇଥିବା ବାଲି ରଥରେ ବସନ୍ତି। ସେ ଭକ୍ତ ବଳରାମ ଦାସଙ୍କ ବାଲି ରଥରେ ବସନ୍ତି। ପୁଣି ପାଟି ନଥାଇ କଥା କହନ୍ତି। କାନ ନଥାଇ ଭକ୍ତର ଗୁହାରୀ ଶୁଣନ୍ତି। ଗଜ, ମୃଗଣୀ ଏବଂ ଦ୍ରୌପଦୀର ବସ୍ତ୍ରହରଣବେଳେ କୋଟି କୋଟି ବସ୍ତ୍ର ଦେଇ ଲଜ୍ଜା ନିବାରଣ କରନ୍ତି। ପୁଣି ନାକ ନଥାଇ ମଲ୍ଲୀ, ହେନା, ଚମ୍ପାର ସୁଗନ୍ଧ ବାରିପାରନ୍ତି। ଏଭଳି ଠାକୁର ଭକ୍ତ ପାଇଁ ସହଜ, ସରଳ ହୋଇଥିବାବେଳେ ବିଦ୍ୱାନ ଗୁଣୀ ପାଖରେ ଅନେକ ଜଟିଳ। ତାଙ୍କ ଚିନ୍ତାଚେତନାକୁ ଓ ତତ୍ତ୍ୱକୁ ଭକ୍ତ ଅତି ସହଜରେ ବୁଝିପାରିଥାଏ। ପ୍ରିୟ ଭକ୍ତର ଆସିବା ବିଳମ୍ବ ହେଲେ ପ୍ରଭୁ ଛଳନା କରି ରଥକୁ ଅଟକାଇ ଦିଅନ୍ତି। ସତରେ ତାଙ୍କର ମହିମା ଅବର୍ଣ୍ଣନୀୟ। ସେଇଥିପାଇଁ ତ ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କୁ ସୃଷ୍ଟିର ଅଲୌକିକ ଦେବତା ବୋଲି ଅବିହିତ କରିଛନ୍ତି।

ପାଦ ନାହିଁ ସେ ଯେ ଗଗନ କରଇ<br>
କର୍ଣ୍ଣ ନାହିଁ ସବୁ ଶୁଣେ<br>
ଜିହ୍ୱା ନାହିଁ ସ୍ୱାଦ ମଣେ।

ଶ୍ରୀଜଗନ୍ନାଥଙ୍କ ବିନା ଓଡ଼ିଆ ସାହିତ୍ୟ, କାବ୍ୟ, କବିତା, ମଧ ଅପୂରଣୀୟ ଏବଂ ଶ୍ରୀହୀନ। ଭକ୍ତ ସାଲବେଗଠାରୁ ଆରମ୍ଭ କରି ସାରଳା ଦାସ, ବଳରାମ ଦାସ, ବନମାଳୀ ଦାସ, ବୈଷ୍ଣବ ପାଣି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋପାଳ ଚନ୍ଦ୍ର ପ୍ରହରାଜ, କବି କାଳିଚରଣ ପଟ୍ଟନାୟକଙ୍କ କବିତା ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଓଡ଼ିଆ ସାହିତ୍ୟର ଏକ ସ୍ୱତନ୍ତ୍ର ପରିଚୟ। ପୁଣି ଉତ୍କଳମଣି ଗୋପବନ୍ଧୁଙ୍କୁ ଲେଖିଲେ–

"ଉତ୍କଳେ ନେତାର ନାହିଁ ପ୍ରୟୋଜନ<br>
ଉତ୍କଳର ନେତା ନିଜେ ନାରାୟଣ"।

ଜୈନ୍ୟ ସାହିତ୍ୟରେ ମହାବୀରଙ୍କୁ ଜଗନ୍ନାଥ। ବୌଦ୍ଧ ସାହିତ୍ୟରେ ବୁଦ୍ଧଦେବଙ୍କୁ ଜଗନ୍ନାଥ ରୂପରେ, ବିଷ୍ଣୁ ପୁରାଣରେ କୃଷ୍ଣଙ୍କୁ, ମତ୍ସ୍ୟ ପୁରାଣରେ କାର୍ତ୍ତିକେୟଙ୍କୁ ସାରଳା ମହାଭାରତରେ କୃଷ୍ଣଙ୍କୁ ଜଗନ୍ନାଥ ରୂପରେ ବର୍ଣ୍ଣନା କରାଯାଇଛି। ଆମେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କରି ସନ୍ତାନ। ପ୍ରଭୁ ପୁଣି ମାନବୀୟ ଲୀଳା କରନ୍ତି। ଶୀତଦିନେ ଗରମ ପୋଷାକ, ଗ୍ରୀଷ୍ମଦିନେ ଜଳକେଳି କରନ୍ତି ଏବଂ ଷାଠିଏ ପଉଟି ଖାଦ୍ୟ ରାଜକୀୟ ରୀତିରେ ସେବନ କରନ୍ତି। ଭକ୍ତି ଓ ଭାବର ରଜ୍ଜୁରେ ସେ ବନ୍ଧା। ବଡ଼ ମାନୁଆ ଠାକୁର। ଜୟଦେବଙ୍କ ଗୀତଗୋବିନ୍ଦ ଶୁଣିବାକୁ ପୁଣି ବାଇଗଣ କିଆରୀରେ ପଶି ଆପଣା ପାଟବସ୍ତ୍ରକୁ ଚିରି ଗୀତ ଶୁଣନ୍ତି। ଭକ୍ତ ଅଭିମାନ କଲେ ଅବା ଗାଳି କଲେ ସେ ଚନ୍ଦନ ପ୍ରାୟେ ଗାଳିକୁ ବୋଲି ପକାନ୍ତି। ତାଙ୍କ ପାଇଁ ମହଣ ମହଣ ଘିଅ, ଧୂପଦୀପ, ଚନ୍ଦନ, ଅଗୁର, ତୁଳସୀ, ଫୁଲ ଲୋଡ଼ା ହୁଏନି। ଲୋଡ଼ା ଖାଲି ଟିକିଏ ଛଳନାହୀନ ପ୍ରେମ। ସେ ପ୍ରେମ ଭୌତିକ ନୁହେଁ ସେ ପ୍ରେମ ଚିର ଅମଳିନ, ଚିର ଶାଶ୍ୱତ, ଚିର ଜାଗ୍ରତ। ଏମିତି ଠାକୁର ସାରାବ୍ରହ୍ମାଣ୍ଡରେ ନଥିବେ ଯିଏ ରତ୍ନ ସିଂହାସନ ଛାଡ଼ି ପାଗଳ ପରି ଧାଇଁ ଆସେ ଭକ୍ତଙ୍କୁ କୋଳେଇ ନେବା ପାଇଁ। ଭକ୍ତ ସହ ଏକାକାର ହୋଇଯିବା ପାଇଁ ଭକ୍ତ ବି ଅଧିର। ଭକ୍ତ ଅଭିମାନ କରେ ପ୍ରଭୁ ପାଖରେ, ପ୍ରଭୁ କିଛି ଦେଲନାହିଁ। ପ୍ରଭୁ କିନ୍ତୁ ଯାହା ତା' ପାଇଁ ଚିର ମଙ୍ଗଳ ତାହା ହିଁ କରନ୍ତି। ପ୍ରଭୁଙ୍କ ଲୀଳା ବଡ଼ ବିଚିତ୍ର। ବେଳେବେଳେ ଭକ୍ତକୁ ପରୀକ୍ଷା କରନ୍ତି। ସୃଷ୍ଟିରେ ବିଚିତ୍ର ଲୀଳା କରନ୍ତି। ତାଙ୍କ ଲୀଳାକୁ ସାଧାରଣ ଭକ୍ତ ବୁଝିପାରେନି। ତାଙ୍କ ଇଚ୍ଛା ସବୁବେଳେ ମଙ୍ଗଳମୟ। ତାଙ୍କ ଲୀଳା ଜାଣିବାକୁ ହେଲେ ଧୈର୍ଯ୍ୟ ଦରକାର। ଥରେ ହାତ ଟେକି ତାଙ୍କୁ ସମର୍ପିତ ହେଲେ ସବୁ ସେ କୃପା ବର୍ଷା କରିଦିଅନ୍ତି। ଜାତିରେ ମୁସଲମାନ ଭକ୍ତ ସାଲବେଗଙ୍କୁ ପ୍ରଭୁ ଆପଣେଇ ତାର କୁଷ୍ଠବ୍ୟାଧି ଭଲ କରିଦେଇଥିଲେ। ପୁଣି ଭୋକ ଉପାସରେ ସଢୁଥିବା ବନ୍ଧୁ ମହାନ୍ତିକୁ ଭୋଗଥାଳି ଟେକି ଦେଇଥିଲେ। ବିଦୂରର ସାଗ ଭଜା ପ୍ରଭୁଙ୍କୁ ଅପାର ଆନନ୍ଦ ଦେଇଥିଲା ସେ ଦିନ। କରମାବାଈର ଦାନ୍ତାକାଠିରେ ଗୋଳାଉଥିବା ଖେଚୁଡ଼ିକୁ ପ୍ରଭୁ ମହାଆନନ୍ଦରେ ଥାଆନ୍ତି। ସୁଦାମାର ଖୁଦ ଭଜା ପ୍ରଭୁଙ୍କୁ ଅମୃତ ପରିଲାଗେ। ଶବରୀର ଅଇଁଠା କୋଳି ଖାଇ ତାକୁ ସ୍ୱର୍ଗବାସୀ କରାଇଥିଲେ।

ଆଜିର ମଣିଷ ଆଧୁନିକୀକରଣ, ପାଶ୍ଚାତ୍ୟକରଣ, ସହରୀକରଣ ଆଳରେ ଯେତେବେଳେ ଗର୍ବ ଅହଙ୍କାରରେ ଫାଟି ପଡୁଛି ତା' ମନରେ ଶାନ୍ତି ନାହିଁ। ମନରେ ଶ୍ରଦ୍ଧା, ପ୍ରେମ, ତ୍ୟାଗ ସେ ସବୁ ଭୁଲିଯାଇ ଚନ୍ଦ୍ରପୃଷ୍ଠରେ ଘର କରିବାକୁ ସ୍ଥିର କରୁଛି। ଅତି ସୂକ୍ଷ୍ମ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ଜୀବନଜୀବିକାକୁ ନେଇ ସଂଘର୍ଷ କରି ନିଇତି ମୃତ୍ୟୁ ସହ ଲଢୁଛି। ସମଗ୍ର ବିଶ୍ୱ କରୋନାବ୍ୟାଧିରେ ଆତଙ୍କିତ ହୋଇପଡ଼ିଛି, ଠିକ୍ ସେତିକିବେଳେ ସେହି ସର୍ବଶକ୍ତିମାନ ସାର୍ବଜନୀନ, ସର୍ବଧର୍ମ ସମନ୍ୱୟର ଠାକୁରଙ୍କ ପାଖେ ନିଜକୁ ଆତ୍ମସମର୍ପଣ କରିଦେଇଛି। ସେଠି ପ୍ରଭୁ ହିଁ ଏହି ବିପତ୍ତିଜନକ ମହାମାରୀରୁ ଭକ୍ତକୁ ଉଦ୍ଧାର କରିବେ, ଏଥିରେ ସନ୍ଦେହ ନାହିଁ। ନିଜକୁ ପ୍ରଭୁଙ୍କ ପାଖେ ସମର୍ପି ଦେଲେ ଆମେ ସଂକୀର୍ଣ୍ଣତାରୁ ମହାନତା, ବିଶାଳତା, ଗୌରବ, ବିଶ୍ୱାତ୍ମଭାବ, ବିଭବ, ଆଦର୍ଶ ପରିବାର, ଆଦର୍ଶବ୍ୟକ୍ତିତ୍ୱ, ସମୃଦ୍ଧ ସମାଜ ଏବଂ ଗୌରବୋଜ୍ଜ୍ୱଳ ରାଷ୍ଟ୍ର, କଲ୍ୟାଣମୟ ବିଶ୍ୱ ଗଠନ କରିବାକୁ ସମର୍ଥ ହେବୁ। ଯଦି ଅନ୍ତରାତ୍ମାରେ ପ୍ରଭୁଙ୍କ ଦର୍ଶନ କରି ସମସ୍ତ ନକାରାତ୍ମକ ମନୋଭାବକୁ ଦୂରେଇ ଦେଇ ସାତ୍ତ୍ୱିକ ଏବଂ ଆଧ୍ୟାତ୍ମିକଭାବେ ଜାଗ୍ରତ କରି ନିଜ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ତାହା ହିଁ ହେବ ଘୋଷଯାତ୍ରାର ପ୍ରକୃତ ଉଦ୍ଦେଶ୍ୟ। ପ୍ରଭୁଙ୍କୁ ଭକ୍ତର ଛୁଇଁବାର ଆବଶ୍ୟକତା ନାହିଁ।

# ଏ ଜାତିକୁ ଆଉ ଜଣେ ମଧୁବାରିଷ୍ଟର ଦରକାର !!

**॥ ବାଦଲ ଭୂୟାଁ ॥**

ମହାନ ଉତ୍କଳୀୟ ସଂସ୍କୃତି, ବିଭବ, ଅଭିବୃଦ୍ଧିକୁ ନେଇ ତାର ମହନୀୟତା ଯୁଗେ ଯୁଗେ ଗରୀୟାନ। ଆଜି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ। ବର୍ତ୍ତମାନର ପିଢ଼ୀ ହୁଏତ ମଧୁବାବୁଙ୍କୁ ଗୁଗୁଲରେ, ମୋବାଇଲରେ ଜାଣିବାର ସୁଯୋଗ ପାଇବେ। ବାସ୍ତବ କଥା ହେଉଛି ଆଜିକାର ମୂଲ୍ୟବୋଧହୀନ ଓ ସ୍ୱାର୍ଥଲିପ୍ସୁ ଜୀବନ ଭିତରେ ନିଜ ରାଜ୍ୟ, ସଂସ୍କୃତି ଓ ଭାଇଚାରାକୁ ବନ୍ଧନୀରେ ରଖିବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଯେଉଁ ନିଃସ୍ୱାର୍ଥପର ତ୍ୟାଗ କରିଯାଇଛନ୍ତି ତାହା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ପ୍ରତିବର୍ଷ ପରି ଆଜିର ଦିନରେ ସରକାରୀ ଓ ବେସରକାରୀ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ବକ୍ତାମାନେ ଗଳା ଫଟାଇ ମଧୁବାବୁଙ୍କ ଉପରେ ବହୁତ ଭାଷଣ ଦେବେ। ମଧୁବାବୁ କିପରି ବହୁକ୍ଷେତ୍ରରେ ପ୍ରଥମ ଥିଲେ, ତାଙ୍କ ଉଦ୍ୟମରେ କିପରି ଏ ରାଜ୍ୟର ଗଠନ ସମ୍ଭବ ହୋଇଥିଲା ସେନେଇ ଇତିହାସର ପୃଷ୍ଠାକୁ ବକ୍ତାମାନେ ସ୍ମରଣୀୟ କରି ଗଢ଼ି ତୋଳିବେ। କିନ୍ତୁ ଦିନକ ପରେ ସମସ୍ତେ ପୁଣି ଭୁଲିଯିବେ ମଧୁବାବୁଙ୍କୁ। କେଉଁ ପରିସ୍ଥିତିରେ କିଭଳି ଅଦମ୍ୟ ସଂକଳ୍ପ ନେଇ ମଧୁବାବୁ ଏ ଜାତି ପାଇଁ ସଂଗ୍ରାମ କରିଥିଲେ ଏବଂ ଅଧ୍ୟବସାୟ ଫଳରେ ଓଡ଼ିଆମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ, ତାହାର ମୂଲ୍ୟ ଯିଏ ନବୁଝିଛି ଏବଂ ସେହି ଅନୁସାରେ ନିଜର ଅବଦାନ ଦେବା ପାଇଁ ଆଗ୍ରହୀ ନ ହୋଇଛି ତାହେଲେ ଏସବୁ ଲୋକଦେଖାଣିଆ ସ୍ମୃତିଚାରଣର କିଛି ଅର୍ଥ ନାହିଁ। ସମ୍ପୂର୍ଣ୍ଣ ପ୍ରତିକୂଳ ପରିସ୍ଥିତିରେ ମଧୁବାବୁ ଏକ ସ୍ୱତନ୍ତ୍ର ଓଡ଼ିଆ ଜାତି ପାଇଁ ସଂଘର୍ଷ କରି ବହୁ ପ୍ରଥମ ପରିଚୟର ସ୍ରଷ୍ଟା ହୋଇଥିଲେ। ନିଜେ ଦେବାଳିଆ ମଧ ହୋଇଥିଲେ। କିନ୍ତୁ ତାଙ୍କୁ ବିରୋଧ କରି ବହୁ ବ୍ୟକ୍ତି ସେତେବେଳେ ବି ମୁଣ୍ଡ ଟେକିଥିଲେ। ତାଙ୍କ ସ୍ୱାଭିମାନର ପରିଭାଷାକୁ ବହୁ ବ୍ୟକ୍ତି ହୃଦୟଙ୍ଗମ କରିନପାରି ତାଙ୍କୁ ଅହଙ୍କାରୀ କହୁଥିଲେ, ପାଗଳ କହୁଥିଲେ। କିନ୍ତୁ ଏହି ପାଗଳାମୀ ଏହି ଅହଙ୍କାର କେବଳ ଓଡ଼ିଆ ଜାତିର ଉନ୍ନତିକଳ୍ପେ ଉଦ୍ଦିଷ୍ଟ ଥିଲା ଏକଥା ଲୋକେ ବହୁ ପଛରେ ବୁଝିଲେ। ସେ ନିଜ ଜୀବଦ୍ଦଶାରେ ଯାହା କରିଯାଇଛନ୍ତି ତାହା ଆଜି କଳ୍ପନା କଲେ ଆଚମ୍ବିତ ହେବାକୁ ପଡ଼େ। ଦଧିଚି ସଦୃଶ ସେ ଓଡ଼ିଆ ଜାତି ପାଇଁ ତିଳ ତିଳ କରି ନିଜକୁ ଦଗ୍ଧ କରିଥିଲେ। କିନ୍ତୁ ବାସ୍ତବରେ ଆମେ ସେହି ଅବଦାନର ମୂଲ୍ୟ ବୁଝିପାରିଛୁ କି? ଆମେ କେବଳ ନିଜର ବ୍ୟକ୍ତିଗତ ସ୍ୱାର୍ଥ, ଉଚ୍ଚାକାଂକ୍ଷା, ଈର୍ଷା, ଦ୍ୱେଷ ଆଦିରେ ଘାଣ୍ଟି ହୋଇ ସାମୂହିକ ଉନ୍ନତିର କଥା ଭୁଲିଯାଉଛୁ। ହେଲେ ସେଥିପାଇଁ ଆମର ଲଜ୍ଜା କିମ୍ବା ଅନୁଶୋଚନା ନାହିଁ। ଆଜି ରାଜ୍ୟ ପାଇଁ କଣ କଲେ ଆମର ବିକାଶ ହୋଇପାରିବ, ରାଜ୍ୟର ସ୍ୱାଭିମାନ ରକ୍ଷା ହୋଇପାରିବ, ସମସ୍ତେ ଓଡ଼ିଶାକୁ ଏକ ସମ୍ମାନଜନକ ଦୃଷ୍ଟିରେ ଦେଖିବେ, ସେକଥା ସମ୍ଭବ କରିବା ଦିଗରେ କାହାରି ଉଦ୍ୟମ ନାହିଁ। ଯଦିବା କିଛିଲୋକ ଏ ଦିଗରେ ପ୍ରୟାସ କରୁଛନ୍ତି ସେମାନଙ୍କୁ ନା ଉପଯୁକ୍ତ ସମର୍ଥନ ମିଳୁଛି ନା ସୁବିଧା।

ଦୁଃଖର କଥା ହେଉଛି ଆଜିର ଓଡ଼ିଶା ଅତୀତର ଓଡ଼ିଶା ନୁହେଁ, ସମୟ କ୍ରମେ ଏଠାରେ ଅନେକ ପରିବର୍ତ୍ତନ ସଂଘଟିତ ହୋଇସାରିଛି। ବହୁ ସୁବିଧା ସୁଯୋଗ ମଧ ଉପଲବ୍ଧ। ତା ସତ୍ତ୍ୱେ ଆମେ ଆମର ଓଡ଼ିଆତ୍ୱ, ଆମ ଭାଷା, ସଂସ୍କୃତି, ବିକାଶ ପାଇଁ ମାର୍ଗ ସବୁକିଛି ଭୁଲିଯିବା ପରି ମନେହେଉଛି। ଆମେ ଅନୁକରଣପ୍ରିୟ ହୋଇ କେତେବେଳେ ଅନ୍ୟ ରାଜ୍ୟ ଅଥବା ବିଦେଶୀ ଢ଼ାଞ୍ଚାର ମାୟାରେ ପଡ଼ିଯାଉଛୁ ଆଉ ନିଜ ପରିଚୟ ଭୁଲିଯାଉଛୁ। ଯଦି ଜଣେ ବାସ୍ତବରେ ମଧୁବାବୁଙ୍କ ଜୀବନ ଏବଂ ତାଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କରେ ତେବେ ସେ ସବୁ ଆଧୁନିକତା ଭିତରେ କିପରି ମୌଳିକତ୍ୱ ରକ୍ଷା କରାଯାଇପାରେ ଏବଂ ନିଜ ମାଟିର ବିକାଶକୁ ପ୍ରାଧାନ୍ୟ ଦିଆଯାଇପାରେ ସେ ସଂପର୍କରେ ପ୍ରକୃତ ମାର୍ଗଦର୍ଶନ ପାଇପାରିବ। ମଧୁବାବୁ ଏଇ ମାଟିରୁ ଉଠି ବଢ଼ିଥିଲେ, ଇଂରାଜୀ ଶିକ୍ଷା ପାଇଥିଲେ, କଲିକତା ଭଳି ବଙ୍ଗଳା ମୁଲକରେ ପାଠ ପଢ଼ିଥିଲେ, ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ, ବିଦେଶ ଯାଇଥିଲେ, ବିଦେଶୀ ଉଚ୍ଚଶିକ୍ଷା ପାଇଥିଲେ ଏବଂ ବିଦେଶୀ ଆଦବକାଇଦା ଚଳଣୀ ସବୁକିଛି ଶିଖି ସେଇ ଅନୁସାରେ ଚଳୁଥିଲେ ମଧ। କିନ୍ତୁ ସମାନ୍ତରାଳ ଭାବେ ସେ ଓଡ଼ିଆ ପଗଡ଼ି ବାନ୍ଧୁଥିଲେ, ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ପାଇଁ ଦାବି କରୁଥିଲେ, ଓଡ଼ିଆଙ୍କ ପାଇଁ ଶକ୍ତିଶାଳୀ ବଙ୍ଗାଳୀ, ତେଲୁଗୁ ଗୋଷ୍ଠୀ ଏବଂ ଇଂରେଜ ସରକାରଙ୍କ ସହ ମୁକାବିଲା କରୁଥିଲେ। ଓଡ଼ିଆତ୍ୱ ପ୍ରତିପାଦନ କରୁଥିବା ଏଠାକାର ଜିନିଷକୁ ନେଇ ବ୍ୟବସାୟ ଆରମ୍ଭ କରିଥିଲେ। କ୍ଷତି ହେଲେ ବି ମାନ ସଂକ୍ରାନ୍ତରେ ବୁଝାମଣା କରୁନଥିଲେ, କାଳେ ଓଡ଼ିଆଙ୍କର ବଦନାମ ହେବ। ଆଜିକାଲି ଏସବୁ ପ୍ରତି କେହି ଧ୍ୟାନ ଦେଉଛନ୍ତି କି? ଆମ ରାଜ୍ୟରେ ବିଦେଶମୁହାଁ ବିଦେଶୀ ଖିଆ ଲୋକ ଏବେ ମାଳମାଳ। ଓଡ଼ିଶା ଏବଂ ଓଡ଼ିଆ ଏବେ ସେମାନଙ୍କ ପାଇଁ ଏକ ଘୃଣ୍ୟ ଶବ୍ଦ। ଓଡ଼ିଆ ଭାଷାକୁ ଚୁଲିକୁ ଗଲାଣି, ସ୍ୱୟଂ ରାଜ୍ୟର ମୁଖିଆ ଧାଡ଼ିଏ ଓଡ଼ିଆ କହିବା କଷ୍ଟକର। ସେପଟେ ସୀମାନ୍ତ ଅଞ୍ଚଳକୁ ଅନ୍ୟରାଜ୍ୟ ଖାଇଗଲେଣି, ତା ପ୍ରତି କାହାରି ନିଘା ନାହିଁ। ଯାହା ବି ପ୍ରତିବାଦ କରାଯାଉଛି ଯେ ତାହା ଏତେ କ୍ଷୀଣ ଏବଂ ବିଳମ୍ବିତ ଯେ ସେଥିରୁ ଫାଇଦା କିଛି ମିଳୁନି। ଓଡ଼ିଶାକୁ ଏବେ ଲୁଟେରାଙ୍କ ଭୂସ୍ୱର୍ଗରେ ପରିଣତ କରାଯାଇଛି, ଏଠାକାର ଉଦ୍ୟୋଗୀଙ୍କ ପାଇଁ ପ୍ରୋତ୍ସାହନ ଶୂନ। ସମସ୍ତେ ସ୍ୱାର୍ଥପର ଯାତ୍ରୀ, ସ୍ୱାର୍ଥମେଧ ଯଜ୍ଞରେ ଆହୂତି ଦେବା କାହାଦ୍ୱାରା ସମ୍ଭବ ନୁହେଁ। ଏଭଳି କ୍ଷେତ୍ରରେ ଆମେ ମଧୁବାବୁଙ୍କ ସ୍ମୃତିଚାରଣ କରିବା ପାଇଁ କେତେଦୂର ଯୋଗ୍ୟ ସେ ସଂପର୍କରେ ବିଚାର କରିବା ଉଚିତ। ଓଡ଼ିଶା ଠାରୁ ସୁଦୂର କିଛି ବାଟ ପରେ ଝାଡ଼ଖଣ୍ଡର ଟାଟା ନଗରରେ ଓଡ଼ିଆପ୍ରେମୀମାନେ ଏହି ଦିବସରେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ମଧବାବୁ ବିକଳ ହୋଇ ମାଆକୁ ଖୋଜିଥିଲେ, ଭାଇକୁ ଖୋଜିଥିଲେ, କାହାଠୁ ଉତ୍ତର ପାଇନଥିଲେ। ଆଜି ମଧ ଆମେ ତାଙ୍କୁ ଉତ୍ତର ଦେବା ସ୍ଥିତିରେ ନାହୁଁ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

# କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା

**॥ ସୌମେନ୍ଦ୍ର ଜେନା ॥**

ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି। ଉକ୍ତ ବେଲୁନଟି ଦୀର୍ଘ ସମୟ ଘରି ତଥ୍ୟ ଖେରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା। ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି। ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା-ନିରୀକ୍ଷା ଚଳାଇଛି।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି। ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲ୍‌ସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି। ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍‌ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ। ହଂକଂସ୍ଥିତ ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଇଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ। ୨୧ ସେପ୍ଟେମ୍ବର ୨୦୧୮ରେ 'ଦାଫେଙ୍ଗ୍ କାଓ' ନାମଟ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା। ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି। ଚୀନର ଉତ୍ତର ପଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା। ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପ୍‌ଲୋଡ କରିବା ଦେଖାଯାଇଥିଲା।

ଚୀନର ମଧ୍ୟମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗ୍‌ଫେଙ୍ଗ୍-୧୭ ଯାହା ୫-୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ ରହିଛି, ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ। ଡଙ୍ଗ୍‌ଫେଙ୍ଗ୍‌ର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ। ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ। ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ ହୋଇଥିବା କଥା କୁହାଯାଉଛି। ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା। ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ ପ୍ରକାଶ ପାଇଥିଲା। ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା। ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ। ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା।

## ନୀଳକଣ୍ଠେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

କୋକସରା,(ମହାଭାରତ): କୋକସରା ବ୍ଲକ ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ମିନିଷ୍ଟାଡିୟମ ଠାରେ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରେଡ୍ ଟେନିସ ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦଯାପିତ ହୋଇଛି ।ଫାଇନାଲ ଖେଳ ର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଦ୍ୟୋଗପତି ବିବେକ କୁମାର ଅଗ୍ରୱାଲ,ସମାଜସେବୀ ଯଶୋବନ୍ତ ସିଂ ନାଏକ, ପୂର୍ବତନ ମୋଟେର ସରପ□ ଇଂ ସୁଶୀଲ କୁମାର ଶବର, ଘେନୁ ବେହେରା, ଗୋବିନ୍ଦ ପାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପ ବିଜେତା ଟିମ କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ ।ଫାଇନାଲ ମ୍ୟାଚ୍ ବଡ଼ପୂଝାରୀଗୁଡା ଓ ଜୁନାଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବଡ଼ପୁଝାରୀଗୁଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ୱିକେଟ୍ ହରାଇ ୭୫ ରନ୍ ସଂଗ୍ରହ କରିଥିଲା । ଜବାବରେ ଜୁନାଗଡ଼ ଟିମ୍ ବିଜୟ ଲକ୍ଷ ନେଇ ୫ ଓଭରରେ ୨ ୱିକେଟ୍ ହରାଇ ବିଜୟ ହାସଲ କରିଥିଲେ । ଜୁନାଗଡ଼ ଟିମ ଟୁର୍ଣ୍ଣାମେଣ୍ଟ ର ବିଜେତା ହୋଇଛି । ଅମ୍ପିୟାର ଭାବରେ ହିରଣ୍ୟ ବେହେରା ଓ ଦେବେନ୍ଦ୍ର ସାଗର ଖେଳ ପରିଚାଳନା କରିଥିଲେ ।ଅଜୁ ନାଏକ ସ୍କୋର ବୋର୍ଡ ଦାୟିତ୍ୱରେ ରହିଥିବା ବେଳେ ମୁନା ଖିଲ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ । ଆୟୋଜକ ଅନୁଷ୍ଠାନର ସଭାପତି କ୍ଷୀରସିନ୍ଧୁ ସୁନାନୀ,ଉପ ସଭାପତି ବିଶ୍ୱଜିତ ମହାନ୍ତି,ସମ୍ପାଦକ କିଶୋର ରେଣ୍ଡ୍ରୀ, ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

# ଅଫିମ ଚାଷ ଘଟଣା ରେ ୨ ଜଣ କୋର୍ଟ ଚାଲାଣ



କରଞ୍ଜିଆ,(ମହାଭାରତ) ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ସାଲେଇବେଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଏଦେଲବେଡା ଗ୍ରାମ ର ବୁରୁ ସାହି ଜଙ୍ଗଲ କଡ ରେ ଥିବା ପ୍ରାୟ ୧ ଏକର ସରକାରୀ ଜାଗା ଉପରେ ହୋଇଥିବା ଅଫିମ ଚାଷ କୁ ଗତ ୨୯ ତାରିଖ ଦିନ ପୋଲିସ, ଅବକାରୀ ବିଭାଗ ଓ ବନବିଭାଗ ମିଳିତ ଚଢ଼ାଉ କରି ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତି ରେ ନଷ୍ଟ କରିଥିଲେ ।ପରେ ଏହି ଘଟଣା ରେ ଠାକୁରମୁଣ୍ଡା ଥାନା ପୋଲିସ ଅନୁସନ୍ଧାନ କରି ମଙ୍ଗଳବାର ଦିନ ୨ ଜଣକୁ ଗିରଫ ପରେ କୋର୍ଟ ଚାଲାଣ କରିଛି ।ଗିରଫ ୨ ଜଣ ହେଉଛନ୍ତି ଯଶିପୁର ଥାନା ଅନ୍ତର୍ଗତ ଯୋଜାଡିହି ଗ୍ରାମର ସୁରେନ୍ଦ୍ର ତୁତି ଙ୍କ ପୁଅ ସୁପାଇ ତୁତି(୧୯)ଓ ପକୁ ତୁତି ଙ୍କ ପୁଅ ସୌଉଆଲିୟା ତୁତି (୧୮) ବୋଲି ଜଣାପଡ଼ିଛି ।ସୂଚନା ଅନୁଯାୟୀ ଶିମିଳିପାଳ ପାଦଦେଶ ରେ ଥିବା ବୁରୁ ସାହି ଠାରେ ଅଫିମ ବେପାରୀ ମାନେ ପ୍ରାୟ ୧ ଏକର ସରକାରୀ ଜାଗା ଉପରେ ଅଫିମ ଚାଷ କରିଥିଲେ ।ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଙ୍କ ନିକଟରେ ବିଶେଷ ସୂତ୍ରରୁ ଅଫିମ ଚାଷ ହୋଇଥିବନେଇ ପୂର୍ବରୁ ସୂଚନା ମିଳିଥିଲା । ଉପଖଣ୍ଡ ପୋଲିସ ଅଧିକାରୀ ସୁବ୍ରତ କୁମାର ଙ୍କ ନେତୃତ୍ୱରେ ସବ ଇନ୍ସପେକ୍ଟର ରତ୍ନାକର ବାରିକ, ଅନିତା ସ୍ୱାଇଁ,ଠାକୁରମୁଣ୍ଡା ଅବକାରୀ ଥାନା ଅଧିକରିଣୀ ଭାରତୀ ନାୟକ, ସମେତ ପୋଲିସ ଫୋର୍ସ,ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ଓ ବନ ବିଭାଗ ର କର୍ମଚାରୀ, ରାଜସ୍ୱ ବିଭାଗ ମିଳିତ ଭାବରେ ବୁରୁ ସାହି ଠାରେ ହୋଇଥିବା ଅଫିମ ଚାଷ ସ୍ଥାନ ଉପରେ ଚଢ଼ାଉ କରିଥିଲେଯସେଠାରେ ହୋଇଥିବା ଅଫିମ ଗଛ ଗୁଡିକୁ ଉପାଡି ପୋଡି ଦେଇଥିଲେ ।ମାଜିଷ୍ଟ୍ରେଟ ଭାବରେ ଉପସ୍ଥିତ ଥିବା ଠାକୁରମୁଣ୍ଡା ତହସିଲଦାର ସମ୍ବିତ କୁମାର କର ଙ୍କ ଉପସ୍ଥିତି ରେ ଏ ସମସ୍ତ ଗଛ ସବୁ କୁ ପୋଡି ନଷ୍ଟ କରିଦେଇଥିଲେ । ୧ ଏକର ସରକାରୀ ଜାଗାରେ ୨୧,୦୦୦ ଅଫିମ ଗଛ ଲଗା ଯାଇଥିଲା ।ଯାହାର ଆନୁମାନିକ ମୂଲ୍ୟ ୪୦ ଲକ୍ଷ୍ୟ ଟଙ୍କା ରୁ ଅଧିକ ହେବ ।ଏ ସଂକ୍ରାନ୍ତ ରେ ଠାକୁରମୁଣ୍ଡା ଥାନା ରେ କେଶ ନମ୍ବର ୦୬/ ୨୦୨୫ ଅନୁଯାୟୀ ମାମଲା ରୁଜୁ ହୋଇ ପୋଲିସ ତଦନ୍ତ ଜାରି ରଖିଥିଲା । ଆଜି ଠାକୁରମୁଣ୍ଡା ପୋଲିସ ଦୁଜଣଙ୍କୁ ଗିରଫ ପରେ କର୍ଟ ଚାଲାଣ କରିଛି ।

## ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ରେ ବିଶ୍ୱ କ୍ୟାନସର ଦିବସ ଏବଂ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ

ରାଇରଙ୍ଗପୁର(ମହାଭାରତ): ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ରେ ଅଧକ୍ଷ ଶ୍ରୀ ରବି ଶଙ୍କର ଶତପଥୀ ଙ୍କ ପୌରହିତ୍ୟରେ ବିଶ୍ୱ କ୍ୟାନସର ଦିବସ ଏବଂ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏହି ଅବସରରେ କଲେଜ ର ଜାତୀୟ ସେବା ଯୋଜନାଏବଂ ଯୁବ ରେଡକ୍ରସ ସହିତ ରାଇରଙ୍ଗପୁର ଲେପ୍ରା ସୋସାଇଟି ର ମିଳିତ ସହଯୋଗ ରେ ଏକ ସଚେତନତା ଶୋଭାଯାତ୍ରା କଲେଜ ପରିସର ରୁ ବାହାରି ଉପଖଣ୍ଡ ଚିକିତ୍ସାଳୟ, କଚେରୀ, ଦୁର୍ଗାମଣ୍ଡପ, ବଜାର ଗୋଲେଇ ଓ ଲିଙ୍କ ରୋଡ ଦେଇ କଲେଜ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଛାତ୍ରୀମାନେ କ୍ୟାନସର ଓ କୁଷ୍ଠ ରୋଗ ର ନିରାକରଣ ଓ ପ୍ରତିକାର ନିମନ୍ତେ ବିଭିନ୍ନ ସ୍ଲୋଗାନ ଦେଇ ସହରବାସୀ ଓ ଜନସାଧାରଣଙ୍କୁ ସଚେତନ କରିଥିଲେ । ପରବର୍ତ୍ତୀ ସମୟରେ ଅଧକ୍ଷ ଶ୍ରୀଯୁକ୍ତ ଶତପଥୀ ଙ୍କ ସଭାପତିତ୍ୱ ରେ କଲେଜ ସଭା ଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇ କୁଷ୍ଠ ମୁକ୍ତ ଭାରତ ଗଠନ କରିବା ପାଇଁ ଏକ ଶପଥ ପାଠ ଅନୁଷ୍ଠିତ ହୋଇଥିଲା ।ଏହି ସଭାରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଅଧିକାରୀ (ଏସ.ଡି.ଏ.ମ) ଡାକ୍ତର ରବୀନ୍ଦ୍ର କୁମାର ମାର୍ଣ୍ଡି କ୍ୟାନସର ଓ କୁଷ୍ଠ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ । ସାରା ବିଶ୍ୱରେ କର୍କଟ ରୋଗୀଙ୍କ ସଂଖ୍ୟା ହୁ ହୁ ହୋଇ ବୃଦ୍ଧି ପାଉଛି । ସ୍ୱାସ୍ଥ୍ୟ ସେବା ପାଇଁ ଏହା ଏକ ଆହ୍ୱାନ ସୋଇଛି । ସମଗ୍ର ବିଶ୍ୱବାସୀ ଚିନ୍ତିତ ଯଧନୀ ଗରୀବ କାହାରିକୁ ଛାଡୁନି କର୍କଟ ରୋଗ ଯଭାରତରେ ପ୍ରତିବର୍ଷ ୧୨ ଲକ୍ଷରୁ ଉର୍ଦ୍ଧ୍ୱ କର୍କଟ ରୋଗୀ ଚିହ୍ନଟ ହେଉଥିବାବେଳେ ୮ ଲକ୍ଷରୁ ଉର୍ଦ୍ଧ୍ୱ କର୍କଟ ଆକ୍ରାନ୍ତ ରୋଗୀ ମୃତ୍ୟୁ ବରଣ କରୁଛନ୍ତି ।ଓଡ଼ିଶାରେ ବିଶେଷତଃ ତମାଖୁ ସେବନର ଜନିତ ମୁଖ ଗହ୍ୱର,ଗଳା କର୍କଟ, ଖାଦ୍ୟ ନଳୀ କର୍କଟ, ଫୁସଫୁସ କର୍କଟ,ସ୍ତନ୍ୟ କର୍କଟ, ଜରାୟୁ କର୍କଟ, ଅସ୍ଥି କର୍କଟ, ମସ୍ତିଷ୍କ କର୍କଟ ବହୁ ମାତ୍ରାରେ ଦେଖାଯାଉଛି । ତେଣୁ ପ୍ରାରମ୍ଭିକ ଚାରୁ ସଠିକ୍ ଚିହ୍ନଟ ଓ ଓ ନିରୂପଣ କରାଯାଇ ଉପଯୁକ୍ତ ଚିକିତ୍ସା କରାଗଲେ କିଛିଟା ମାତ୍ରାରେ କର୍କଟ କୁ ଜୟ କରି ହେବ ।ତେଣୁ ରୋଗ ନୁହେଁ ରୋଗୀର ସଂପୁର୍ଣ୍ଣ ଚିକିତ୍ସା କରାଯିବା ଆବଶ୍ୟକ ।ତଦସହ ବ୍ୟାପକ ସଚେତନତା କରାଇବା ଉଚିତ । କର୍କଟ ରୋଗୀର ବ୍ୟକ୍ତିଗତ ଯତ୍ନର ସହିତ ସହାନୁଭୂତି ଓ ଉପଯୁକ୍ତ ଚିକିତ୍ସା ଯୋଗାଇଦେବାର ପ୍ରୟାସ କରିବା ଆବଶ୍ୟକ । ଏହି କାର୍ଯ୍ୟକ୍ରମରେ ଲେପ୍ରା ସୋସାଇଟିର ଦିଲୀପ ମଙ୍ଗରାଜ, ବସନ୍ତ ସାର୍, ରବୀନ୍ଦ୍ର ଦାସ, ଆଲୋକ ଗଛାୟତ, ପ୍ରଶାନ୍ତ ସେଠୀ,, ଆମ୍ରବତୀ ଦଳେଇ ଓ ସୁକୁମତି ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ କଲେଜ ର ଏନ.ଏସ.ଏସର ଉପଦେଷ୍ଟା ବିଜୟ କୁମାର ରାମ ସଂଯାଜନା କରିଥିବା ବେଳେ ଯୁବ ରେଡକ୍ରସ ର କାର୍ଯ୍ୟକ୍ରମ ଅଧିକାରୀଣୀ ପ୍ରିୟତମା ହେମ୍ବ୍ରମ୍,ଅଧାପକ ଦଶରଥ ଗୋରେଇ, ଅଧାପିକା ଅନିତା ସାମାଡ, ରଞ୍ଜୁଲତା ନାୟକ, ପିଇଟି କାରୁ ମାର୍ଣ୍ଡି, କର୍ମଚାରୀ ମାନଙ୍କ ମଧ୍ୟରେ କୁନି ବେହେରା ଓ ଛିତା ମାଝୀ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଏନ.ଏସ୍.ଏସ ର କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ରାଜେନ୍ଦ୍ର ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଖୁଲୁମଖୁଲା ଚାଲିଛି ଚୋରା ମଦ ଓ ଗଞ୍ଜେଇ ବ୍ୟବସାୟ

ଖଡ଼ିଆଳ:(ମହାଭାରତ): ନୂଆପଡା ଜିଲ୍ଲା ଖଡ଼ିଆଳ ଅଞ୍ଚଳର ପ୍ରତ୍ୟେକ ଗ୍ରାମର ସାହିମାନଙ୍କରେ ଚୋରା ଦେଶି ମଦ ସହ ଗଞ୍ଜେଇ କାରବାର ଅବାଧରେ ବୃଦ୍ଧି ପାଉଥିବା ଯୋଗୁଁ ସାଧାରଣ ରେ ଅସନ୍ତୋଷ ବୃଦ୍ଧି ପାଉଛି ।ସୂଚନା ରୁ ପ୍ରକାଶ ଯେ ଖଡ଼ିଆଳ ଅବକାରୀ ବିଭାଗ ଅଧୀନରେ ଖଡ଼ିଆଳ, ରାଣିମୁଣ୍ଡା, ରିସିଗାଁ ରେ ମୁଖ୍ୟ ଦେଶୀ ମଦ ଭାଟି ଥିବା ବେଳେ ଡୁଆଝର, କୁଲିଗାଁ, ଭୁଲିଆ ସିକୁଆ ଓ କିରିକିଟା ଠାରେ ଗୋଟିଏ ଗୋଟିଏ ଶାଖା ଦେଶି ମଦଭାଟି ଗୁଡିକ ରହିଛି ।ଏହି ମଦଭାଟି ଜରିଆରେ ଖଡ଼ିଆଳ ଅଞ୍ଚଳର ବିଭିନ୍ନ ଗ୍ରାମରେ ଓ ଗ୍ରାମର ଅନେକ ପଡାରେ ବେଆଇନ ଭାବରେ କୋଟିଆ ମଦଭାଟି ଗୁଡିକ ଖୁଲାଖୁଲି ଭାବରେ ନିର୍ଭିକ ହୋଇ ବ୍ୟବସାୟ ଚଳାଇଛନ୍ତି । ଚୋରା ମଦ ବ୍ୟବସାୟୀ ମାନେ ଅନେକ ଉପାୟରେ ବିଭିନ୍ନ ଭାଟିରୁ ମଦ ନେଇ ସନ୍ଧ୍ୟାହେଲେ ବିଭିନ୍ନ ଛକ ପାଖରେ ଓ ଆଦିବାସୀ ହରିଜନ ସାହି ମାନଙ୍କରେ ବେଆଇନ ମଦ କୋଠି ଦୋକାନ କରି ମଦ ବିକ୍ରି କରୁଛନ୍ତି । ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଦେଶୀ ମଦ ଭାଟି କର୍ମଚାରୀ ମାନେ ଦିନ ଦ୍ୱିପ୍ରହରରେ ଖୁଲୁମଖୋଲା ଗାଁ ଗହଳିର ଲୋକଙ୍କ ସହ ଯୋଗ ସୂତ୍ରକରି ବିଭିନ୍ନ ରକମର ମଦ ପହଞ୍ଚାଉଥିବାର ନଗ୍ନ ଉଦାହରଣ ପ୍ରତ୍ୟେକ ଗ୍ରାମର ପ୍ରତ୍ୟେକ ସାହିରେ ଦେଖିବାକୁ ମିଳୁଛି । ଅଣ ସ୍ୱୀକୃତି ଦେଶୀ ମଦ ଭାଟି ଦ୍ୱାରା ବିକ୍ରି କରୁଥିବା ବ୍ୟବସାୟୀଙ୍କ ଠାରୁ ଦେଶୀ ମଦପିଇ ଅନେକ ବ୍ୟକ୍ତି ପ୍ରାଣ ହରାଉଛନ୍ତି ଏବଂ ଏହି ମଦକାରବାର ଯୋଗୁଁ ମଦ୍ୟପ ମାନେ ନିଶାସକ୍ତ ଅବସ୍ଥାରେ ରାସ୍ତାଘାଟ, ଦୋକାନବଜାର ସମ୍ମୁଖରେ ପଡିରହିଥିବା ଦେଖିବାକୁ ମିଳୁଛି । ଅନେକ ସମୟରେ ଦୁର୍ଘଟଣା ର ଶିକାର ହେଉଥିବାବେଳେ ଏ ନେଇ ବାରମ୍ବାର ଅଭିଯୋଗ ସ□ ଅବକାରି ବିଭାଗ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇ ପଡ଼ିଥିବା ବେଳେ କିଛି ନ ଜାଣିଲା ପରି ନୀରବ ରହୁଛନ୍ତି । ଫଳରେ ନାବାଳକ ମାନେ ନିଶା ସେବନରେ ଲିପ୍ତ ରହୁଥିବା ସହ ଚୋର, ମାଦକଦ୍ରବ୍ୟ ବେପାରି ଓ ନିଶା ଖୋର ବ୍ୟକ୍ତି ମାନଙ୍କର ସଂଖ୍ୟା କ୍ରମଶଃ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଗ୍ରାମ,ସହର,ଦୋକାନବଜାର ସରକାରୀ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଲୋକେ ମଦ ପିଇ ବହୁ ଅଭାବନୀୟ ଘଟଣା ମାନ ଘଟୁଛି । ସେହିପରି ଏହି ଅ□ଳର କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ତଥା କାର୍ଯ୍ୟସ୍ଥଳିରେ ମଧ୍ୟ ଲୋକେ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ କାର୍ଯ୍ୟକରୁଥିବା ସ□ ବିଭାଗୀୟ ମୁଖ୍ୟ ଅଧିକାରୀ ମାନେ ଦୃଢ କାର୍ଯ୍ୟାନୁଷ୍ଠାନ କରିବା ପରିବର୍ତ୍ତେ କିଛି ନଜାଣିଲା ପରି ନିରବ ରହୁଥିବା ଦେଖାଯାଉଛି । ଯାହାକି ଅଧିକାରୀଙ୍କ ନିଶାସକ୍ତ କର୍ମଚାରୀ ପ୍ରତି ପରୋକ୍ଷ ସମର୍ଥନ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଚୋରା ମଦ ଭାଟିରୁ ବିଷାକ୍ତ ମଦ୍ୟପାନ କରି ବିଭିନ୍ନ ସମୟରେ ଲୋକଙ୍କ ମୃତ୍ୟୁ ହୋଇଥିବା ଅନେକ ନଜିର ରହିଛି । ଖଡ଼ିଆଳ ସହରରେ କେତେକ ପାନଦୋକାନ, ଫଳ ଦୋକାନ,ଜଳଖିଆ ଦୋକାନ,କୁକୁଡା ଫାର୍ମ,କିରାନା ଦୋକାନ, ବସ ଷ୍ଟାଣ୍ଡ ଓ ଜାତୀୟ ରାଜପଥ କଡ଼ରେ ଥିବା ଅଧିକାଂଶ ଢାବାରେ ଚୋରା ମଦ ଓ ଗଞ୍ଜେଇ କାରବାର ଏବେ ବହୁଳ ଭାବରେ ଚାଲୁଛି ଏବଂ କେତେକ ଦୋକାନ ଅନ୍ୟ ସ୍ଥାନରେ ଡିପୁ କରି ରଖିବା ସହ ଫୋନ୍ ଯୋଗେ ନିଶା ଖୋର ବ୍ୟକ୍ତି ମାନଙ୍କୁ ଯୋଗାଯୋଗ କରି ଦିନ ଦ୍ୱିପ୍ରହରରେ ଜାତୀୟ ରାଜପଥ ଓ ଜନଗହଳି ପୁର୍ଣ୍ଣ ସର୍ବସାଧାରଣ ଅନୁଷ୍ଠାନ ଓ ଚାରିପାର୍ଶ୍ୱ ରେ ମଦ ବିକ୍ରି କରୁଥିବା ଅଭିଯୋଗ ହେଉଛି ।ବିଶେଷ କରି ସରକାରୀ ସ୍ୱୀକୃତି ପ୍ରାପ୍ତ ଦେଶୀ ମଦଭାଟି ଗୁଡିକ ସର୍ବସାଧାରଣ ସ୍ଥାନରେ ରହିଛି । ମଦ୍ୟପ ମାନେ ମଦ୍ୟପାନ କରି ଦିନ ସାରା ଆଡ୍ଡା ଯମାଇ ନାହିଁ ନ ଥିବା ଭାଷା ପ୍ରୟୋଗ କରି ଚାଲିଥାନ୍ତି । ଏହାର କୁ ପ୍ରଭାବ ବିଦ୍ୟାଳୟର କୋମଳମତି ଶିଶୁ, ମାଁ ଭଉଣୀଙ୍କୁ ପଡିଥାଏ । ଆଉ ଚୋରା ଦେଶୀ ମଦ ବେପାରିଙ୍କ କଥା କହିଲେ ନ ସରେ ପ୍ରତ୍ୟେକ ଗାଁର ପ୍ରତ୍ୟେକ ସାହିରେ ଖୁଲୁମଖୁଲା ଭାବେ ଏହା ମିଳୁଥିବାରୁ ତାକୁ ସେବନ କରି ଲୋକମାନେ ନିଶାସକ୍ତ ହୋଇ ରାସ୍ତାଘାଟରେ ପଡ଼ି ଗଡୁଥିବା ବେଳେ ଅସାମାଜିକ ବ୍ୟକ୍ତିମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି । ଏଥିନେଇ ପରିବାର ଠାରୁ ଗାଁ ସହର ମଧ୍ୟରେ ଅଧିକାଂଶ ସମୟରେ ଗଣ୍ଡଗୋଳର ମୂଖ୍ୟ ସୂତ୍ରଧର ହେଉଥିବା ଦେଖାଯାଉଛି ।ଚୋରା ମଦ ବିକ୍ରି ହେଉଥିବା ସ୍ଥାନ ଗୁଡିକୁ ଅବକାରୀ ବିଭାଗ ଜାଣିଥିବା ଏବଂ ସେହି ଅଞ୍ଚଳକୁ ଯାଉଥିଲେ ହେଁ ସେଥି ପ୍ରତି ନଜର ଦେଉନଥିବା ବେଳେ ଛୋଟ ମୋଟ କାଁ ଭାଁ ସ୍ଥାନରେ ଚଡାଉକରି ଅବକାରୀ ବିଭାଗ ତାର ପାରିବା ପଣିଆ ସାବ୍ୟସ୍ତ କରୁଛିୟ ଦେଶୀ ମଦଭାଟି ସହ ମେଣ୍ଟ କରି ପାକ୍ଷିକ ମାସକୀୟା ସିଂହ ଭାଗ ନେଉଥିବା କୁହାଯାଉଛି । ଯାହା ଫଳରେ ଖଡ଼ିଆଳ ଅଞ୍ଚଳରେ ନିଶାଦ୍ରବ୍ୟର ଚୋରା କାରବାର ଅବାଧରେ ଚାଲିଛି । ଏହି ଚୋରା କାରବାରକୁ ରୋକିବା ପାଇଁ ଜନ ସାଧାରଣଙ୍କ ତରଫରୁ ଦୃଢ ଦାବୀ ଦେଉଛି ।ଏଥିପ୍ରତି ଜିଲ୍ଲା ପ୍ରଶାସନ ନଜର ଦେବା ଜରୁରୀ ।

## ସମ୍ବଲପୁର ଜିଲ୍ଲାରେ ଯୋଗ ଦେଲେ ନୂତନ ଅତିରିକ୍ତ ଜିଲ୍ଲା ପାଳ

ସମ୍ବଲପୁର;(ମହାଭାରତ) :ଆଜି ସମ୍ବଲପୁର ଜିଲ୍ଲାର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ଶ୍ରୀ ଅଶୋକ କୁମାର ଭୋଇ ଏବଂ ଶ୍ରୀ ଇଶ୍ୱରଚନ୍ଦ୍ର ନାଏକ ଯୋଗଦାନ ଦେଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଯୋଗଦାନ ପରେ ବିଭିନ୍ନ ପଦାଧିକାରୀ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ । ସୂଚନାଯୋଗ୍ୟ, ଯେ ଶ୍ରୀ ଅଶୋକ କୁମାର ଭୋଇ ପୂର୍ବରୁ କନ୍ଧମାଳ ଜିଲ୍ଲାରେ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ । ଶ୍ରୀ ଇଶ୍ୱର ଚନ୍ଦ୍ର ନାଏକ ବାରିପଦା, ମୟୂରଭଞ୍ଜ ଠାରେ ଉପଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ ।

## ସମ୍ବଲପୁର ରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

ସମ୍ବଲପୁର; (ମହାଭାରତ):ସମ୍ବଲପୁର ରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ନିମନ୍ତେ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ବୈଠକ ସମ୍ବଲପୁର ମହାନଗର ନିଗମ ର ଆୟୁକ୍ତ ଶ୍ରୀ ବେଦଭୂଷଣ (ଆଇ.ଏ.ଏସ)ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଅନ୍ତର୍ଗତ ଏବେ ସମ୍ବଲପୁରରୁ କୋଲକାତା-କାମାଖ୍ୟା ଅଭିମୁଖେ ଫେବ୍ରୁଆରୀ ୭ ତାରିଖ ରୁ ଯାତ୍ରା ଆରମ୍ଭ ହେବ ।: ସମ୍ବଲପୁରରୁ ୭୭୫ ଯାତ୍ରୀଙ୍କ ଯାତ୍ରା ପାଇଁ ଆଶ୍ରୟସ୍ଥଳ ର ବ୍ୟବସ୍ଥା କରାଯାଇଛି । ସେଥିରେ ସମ୍ବଲପୁର ଜିଲ୍ଲାରୁ ୮୯ ଯାତ୍ରୀ ଶାମିଲ ଅଟନ୍ତିୟ ସୂଚନା ଅନୁଯାଇ ସମ୍ବଲପୁର ର ପାନ୍ଥନିବାସ ଠାରେ ସମ୍ବଲପୁର-୮୯, ସୁବର୍ଣ୍ଣପୁର-୫୨, ଦେଓଗଡ଼-୨୭ ଜଣ ଯାତ୍ରୀ ଙ୍କ ପାଇଁ, ସମ୍ବଲପୁର ର ପର୍ଶୁରାମ ଭଵନ ଠାରେ ଅନୁଗୁଳ- ୧୦୯ ଜଣ ଯାତ୍ରୀ ଙ୍କ ପାଇଁ, ସମ୍ବଲପୁର ର ରେଲୱେ କମ୍ୟୁନିଟି ହଲ ଠାରେ ଝାରସୁଗୁଡ଼ା-୫୦, ସୁନ୍ଦରଗଡ଼-୧୮୦, ବଲାଙ୍ଗୀର-୧୪୧ ଜଣ ଯାତ୍ରୀ ଙ୍କ ପାଇଁ, ସମ୍ବଲପୁର ର କ୍ଷେତ୍ରରାଜ ପୁର ରେ ସ୍ଥିତ ମାର୍ୱାଡି ପଞ୍ଚାୟତି ଧର୍ମଶାଳା ଠାରେ ବରଗଡ-୧୨୭ ଜଣ ଯାତ୍ରୀ ଙ୍କ ପାଇଁ ଆଶ୍ରୟସ୍ଥଳୀ ର ବ୍ୟବସ୍ଥା କରାଯାଇଛି ।

## ରାଜଗାଙ୍ଗପୁର ବ୍ଲକ ପରିସର ରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ସୁନ୍ଦରଗଡ଼, (ମହାଭାରତ): ରାଜଗାଙ୍ଗପୁର ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଶ୍ରୀ ମନୋଜ ମହାଜନ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜି ମୋଟ ୯୮ ଗୋଟି ଅଭିଯୋଗ ଆସିଥିଲାୟ ସେଥି ମଧ୍ୟରୁ ୪୨ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୫୬ ଗୋଟି ସାମୁହିକ ଅଭିଯୋଗ ରହିଥିଲାୟ ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୨ ଗୋଟି ଅଭିଯୋଗ ର ତ୍କ୍ଷଣାତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୫ ଗୋଟି ଏବଂ ରେଡକ୍ରୋସ ରୁ ଆର୍ଥିକ ସହାୟତା ନିମନ୍ତେ ୨ ଗୋଟି ଆବେଦନ ରହିଥିଲା ।

## ଚଳନ୍ତା ପଲସର୍ ବାଇକରେ ଲାଗିଲା ନିଆଁ

ଯୋଡା (ମହାଭାରତ)ଜାତୀୟ ରାଜପଥ ନମ୍ବର ୫୨୦ କଣ୍ଡରା ଟୋଲ୍ ଗେଟ୍ ନିକଟରେ ସୋମବାର ଅପରାହ୍ନରେ ଏକ ଚଳନ୍ତା ପଲସର୍ ବାଇକରେ ହଠାତ୍ ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି । ବାଇକରେ ନିଆଁ ଲାଗିବା ଦେଖି ବାଇକ୍ ଚାଳକ ସେଠାରେ ବାଇକ୍ ଛାଡ଼ି ଫେରାର ହୋଇଯାଇଥିବା କୁହାଯାଉଛି । ଟୋଲ୍ ଗେଟରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ର ଆଣି ସେଠାକାର କର୍ମଚାରୀ ଲିଭାଇବାକୁ ଚେଷ୍ଟା କରିଥିଲେ,ମାତ୍ର ତାହା କାମ କରି ନଥିଲା ଏବଂ ଦେଖୁ ଦେଖୁ ହୁତୁ ହୁତୁ ଜଳି ଯାଇଥିଲା ବାଇକ୍ । ଏମିତିରେ ସେଠାରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ଉ□ଜନା ପ୍ରକାଶ ପାଇଥିଲା । ଲୋକେ କିଛି ସମୟ ଧରି ଗାଡ଼ି ମୋଟର ଚଳାଚଳ ବନ୍ଦ କରିଦେଇଥିଲେ । ସୂଚନା ପାଇ ଯୋଡ଼ା ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ସ୍ଥିତି ସାମାନ୍ୟ ହୋଇଥିଲା । ବାଇକଟି ଯୋଡ଼ା ପଟୁ ଯାଉଥିଲା ବେଳେ, ଏହି ଘଟଣାକୁ ନେଇ ଏବେ ପୋଲିସ୍ ତଦନ୍ତ ଆରମ୍ଭ କରିଛି ।

## ତମିଆଁ ଗ୍ରାମପ□ାୟତ ଜନ ଶୁଣାଣି ଶିବିର

ପାଟଣାଗଡ଼ ବ୍ଲକ ତମିଆଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୧୫୦ ରୁ ଉର୍ଦ୍ଧ ଅଭିଯୋଗ କାରି ଲମ୍ବା ଧାଡ଼ିରେ ଠିଆହୋଇ ରେସନ କାର୍ଡ , ବାର୍ଦ୍ଧକ୍ୟ ଭତ୍ତା ,ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବସୁନ୍ଧରା ଯୋଜନାରେ ୪ ଡ଼ିସିମିଲ ଡିହ ପାଇଁ ଅଭିଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣାଗଡ ବିଡିଓ ସୁମନ ମିଞ୍ଜ ଓ ତହସିଲଦାର ଅର୍ଜୁନ ମାଝୀ ଯୋଗ ଦେଇଥଲେ ।

## ନୂତନ ବାଣପୁର ଜେଏମଏଫସି ଙ୍କୁ ସ୍ୱାଗତ

ବାଣପୁର :( ମହାଭାରତ )ଆଜି ବାଣପୁର କୋର୍ଟର ନୂତନ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି(ଜେଏମଏଫସି) ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି ଇପ୍ସିତା ପ୍ରିୟା ଏକ୍କା । ଏହି ଅବସରରେ ତାଙ୍କୁ ବାଣପୁର ଓକିଲ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା । ସଂଘ ସଭାପତି ବୃନ୍ଦାବନ ପ୍ରଧାନ, ସମ୍ପାଦକ ରଞ୍ଜନ କୁମାର ବେଦମତ୍ତାଙ୍କ ସମେତ ଉପସଭାପତି ରାମଚନ୍ଦ୍ର ପଲେଇ, ସହ ସମ୍ପାଦକ ନରେନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭ୍ୟ ସନ୍ତୋଷ ମହାପାତ୍ର, ଦେବବ୍ରତ ବଡ଼ଜେନା, ସୀତାରାମ ଅଗ୍ରୱାଲ ଆଦି ନୂତନ ବିଚାରପତିଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥଲେ କ୍ଷ ନୂତନ ବିଚାରପତି ବାଣପୁର ଓକିଲ ସଂଘର ସମସ୍ତ ପ୍ରକାର ସହଯୋଗ ଲୋଡ଼ିବା ସହ ବାର ଓ ବେ□ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି କୋର୍ଟ କାର୍ଯ୍ୟ କିପରି ସୁରୁଖୁରୁରେ ଜାରି ରହିବ ତାହାଉପରେ ଗୁରୁତ୍ୱ ଦେବେ ବୋଲି କହିଥିଲେ ।ସୂଚନା ଥାଉକି ପୂର୍ବତନ ବାଣପୁର ଜେଏମଏଫସି ସ୍ନାତକୀ ଦାସଙ୍କ ନୂଆପଡା ଏସଡିଜେଏମ ଭାବେ ବଦଳି ହେବାପରେ କେନ୍ଦ୍ରାପଡ଼ା ଜେଏମଏଫସି ଭାବେ କାର୍ଯ୍ୟରତ ଇପ୍ସିତା ପ୍ରିୟା ଏକ୍କା ନୂତନ ବାଣପୁର ଜେଏମଏଫସି ଭାବେ ଯୋଗ ଦେଇଛନ୍ତି ।



# ୧୯ତମ ଖଡ଼ିଆଳ ମହୋତ୍ସବ ୨୦୨୫ ଉଦଘାଟିତ



ଖଡ଼ିଆଳ:(ମହାଭାରତ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ରାଜା ଆର୍ତ୍ତତ୍ରାଣ ଉଚ୍ଚବିଦ୍ୟାଳୟ ଖେଳ ପଡିଆ ଠାରେ ଖଡ଼ିଆଳ ଅଞ୍ଚଳ ର ଲୋକ କଳା ,ସାହିତ୍ୟ, ସଂସ୍କୃତି, ଐତିହ୍ୟ, ଲୋକନୃତ୍ୟ ତଥା ଲୋପ ପାଇଯାଇଥିବା ପ୍ରାଚୀନ ଲୋକ କଳା ,ସଂସ୍କୃତି କୁ ପୁନଃଜୀବିତ କରିବା ନେଇ ଏହି ଖଡ଼ିଆଳ ମହୋତ୍ସବ ୨୦୦୫ ମସିହାରୁ ଅନେକ ବୁଦ୍ଧିଜୀବୀ ଙ୍କ ପ୍ରାୟସରେ ପାଳନ ହୋଇଆସୁଅଛି । ଚଳିତ ବର୍ଷ ଫେବୃଆରୀ ୩, ୪, ୫, ୬, ୭ ତାରିଖ ପର୍ଯ୍ୟନ୍ତ ପା□ ଦିନ ବ୍ୟାପି ରାଜା ଆର୍ତତ୍ରାଣ ଉଚ୍ଚବିଦ୍ୟାଳୟ ଖେଳ ପଡିଆରେ ମହା ଆଡମ୍ବର ସହ ଖଡ଼ିଆଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନ ରେ ପ୍ରଥମେ ଶୋଭାଯାତ୍ରା ଠାକୁରାଣୀ ମନ୍ଦିର ଠାରୁ ଖଡ଼ିଆଳର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀ,ବଡ଼ ଦଧିବାମନ ଓ ଗଡଜାତ ଦେବୀ ମା ରକ୍ତାମ୍ବରୀ ପୀଠରେ ପୂଜାର୍ଚ୍ଚନା ପରେ ବାଜାଗଜା, ଘୁମୁରା, ସଂର୍କିତନ, ପରାମ୍ପରିକ ଆଦିବାସୀ ନୃତ୍ୟ ର ତାଳେ ତାଳେ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରାରେ ଖଡ଼ିଆଳ ସହର ପରିକ୍ରମା କରି ରାଜା ଆର୍ତତ୍ରାଣ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆରେ ପହଞ୍ଚି ଥିଲା । ଐତିହାସିକ ଯୋଗୀପୀଠ ଋଷିପିଠି ଠାରେ ପୂଜାର୍ଚ୍ଚନା ପରେ ସେଠାରୁ ବିଶାଳ ମଶାଲ ଯାତ୍ରା ମହୋତ୍ସବ ପଡିଆକୁ ପହଞ୍ଚିଥିଲା । ଖଡ଼ିଆଳ ମହୋତ୍ସବର ଉଦଘାଟିତ ସମାରୋହ କୁ ମହୋତ୍ସବ କମିଟି ର ସଭାପତି ଜିତେନ୍ଦ୍ର ପଟ୍ଟନାୟକ ସଭାପତିତ୍ୱରେ ମୁଖ୍ୟ ଅତିଥି ଓ ଉଦଘାଟକ ଭାବରେ ଅଧକ୍ଷା ଜିଲ୍ଲାପରିଷଦ ନୂଆପଡା ଶ୍ରୀମତୀ ଡଲି ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବରେ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ ଡକ୍ଟର ଜିତାମିତ୍ର ପ୍ରସାଦ ସିଂଦେଓ, ଉପାଧକ୍ଷା ଜିଲ୍ଲାପରିଷଦ ନୂଆପଡା ଦୀପିକା ଦିପ, ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଗୋଷ୍ଠି ଉନ୍ନୟନ ଅଧିକାରୀ ଖଡ଼ିଆଳ ନରସିଙ୍ଗ ଗାଦବା, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଖଡ଼ିଆଳ ସ୍ୱାଧୀନ କେତନ ମହାରଣା ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତା ଭାବରେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡକ୍ଟର ଫଣିନ୍ଦମ ଦେଓ ଯୋଗ ଦେଇଥିଲେ । ଖଡ଼ିଆଳ ମହୋତ୍ସବ ପାଳନ କମିଟି ର ସଂଯୋଜକ ଡାକ୍ତର ସୁଶାନ୍ତ କୁମାର ବିଶି ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖଡ଼ିଆଳର ର ଛାତ୍ରୀ ମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ।କମିଟି ର ସମ୍ପାଦକ ସୁନିଲ କୁମାର ସାହୁ ସଂପାଦକୀୟ ବିବରଣୀ ପାଠ କରିଥିଲେ । ସଭା ଶେଷରେ କମିଟିର ସଂଯୋଜକ ପବିତ୍ର ମୋହନ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ । ପରେ ପ୍ରଥମ ସନ୍ଧ୍ୟାର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ମଞ୍ଚ ଦୁଲକି ଉଠି ଥିଲା । ମହୋତ୍ସବ ର ପ୍ରଥମ ଦିନର ସାଂସ୍କୃତିକ କାର୍ଯ୍ୟକ୍ରମରେ ଲିଟିଲ ଷ୍ଟାର ପବ୍ଲିକ ସ୍କୁଲ, କୋଟେନମୁଣ୍ଡା ପ୍ରାଥମିକ ବିଦ୍ୟାଳୟ, କୋନାବିରା ଉଚ୍ଚ ବିଦ୍ୟାଳୟ, ନଙ୍ଗଲବୋଡ଼ ଆଶ୍ରମ ସ୍କୁଲ, ଖଡ଼ିଆଳ ପବ୍ଲିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଖଡ଼ିଆଳ, ପଳସଦା ସେବାଶ୍ରମ ଓ ଆଦର୍ଶ ବିଦ୍ୟାଳୟ ବାଦୀ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ ହୋଇଥିଲାୟ ଏହା ଛଡ଼ା ସକ୍ଷମ ଏକାଡେମୀ ଭବାନୀପାଟଣା ର ଓଡିଶୀ ନୃତ୍ୟ, ଡାନ୍ସ ଏକାଡେମୀ କୋଲକାତା ର ନୃତ୍ୟକଳା, ପଦମପୁର ର ଜ୍ୟୋସ୍ନା ଗ୍ରୁପ, ଖଡ଼ିଆଳର ଡାନ୍ସ ହବ, ଧର୍ମେଷ ଡାନ୍ସ ଏକାଡେମୀ ଖଡ଼ିଆଳ ଓ ସାହୁ ପଡ଼ାର ସୁପ୍ରିୟା ଓ ଗ୍ରୁପ ଆଦି ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ ।ପ୍ରଥମ ସନ୍ଧ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାରର ଲୋକ କଳା ଓ ଲୋକ ନୃତ୍ୟ ମାନ ପରିବେଷଣ କରି ଥିଲେ । ଏହାକୁ ହଜାର ହଜାର ସଂଖ୍ୟା ରେ ଦର୍ଶକ ଉପଭୋଗ କରି ମନମୁଗ୍ଧ କରିଥିଲେ ।ଏହି ମହୋତ୍ସବ ଆସନ୍ତା ଫେବୃଆରୀ ମାସ ସାତ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ଚଳିତ ବର୍ଷ ଖଡ଼ିଆଳ ମହୋତ୍ସବ ରେ ୧୮୦ ରୁ ଅଧିକ ଆକର୍ଷଣୀୟ ଷ୍ଟଲ ଲାଗିଥିବା ସହ ମିନବଜାର ରେ ଦର୍ଶକ ମାନେ ମଜା ନେଉଛନ୍ତି । ଅପର ପକ୍ଷେ ମ□ କୁ ତାଜମହଲ ର ରୂପ ଦିଆଯାଇଥିବାବେଳେ ଏକ କବରସ୍ଥାନ ରେ ସାଢେ ଚାରିକୋଟି ଓଡ଼ିଆଙ୍କ ମଉଡମଣୀ ଜଗତର ନାଥ ପ୍ରଭୁ ଜଗନ୍ନାଥ ଙ୍କୁ ପୂଜାର୍ଚ୍ଚନା କରିବାକୁ ନେଇ ବିଭିନ୍ନ ସ୍ଥାନରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହା ଜଗନ୍ନାଥ ପ୍ରେମୀଙ୍କୁ ଏକ କୁଠାରଘାତ ଦିଆଯାଇଛି ବୋଲି ବିଭିନ୍ନ ବୁଦ୍ଧିଜୀବୀ ମାନେ ଚର୍ଚ୍ଚା କରୁଛନ୍ତି । ଅପର ପକ୍ଷେ ବିଶ୍ୱହିନ୍ଦୁ ପରିଷଦ ଶାଖା ତରଫରୁ କବରସ୍ଥାନରେ ପ୍ରଭୁ ଜଗନ୍ନାଥ ଙ୍କୁ ପୂଜା କରିବା ନେଇ ବିରୋଧ କରି ଜିଲ୍ଲା ପ୍ରଶାସନ ଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






# ଜଗନ୍ନାଥ ମନ୍ଦିର ନୂତନ କମିଟି ଗଠନ ପାଇଁ ଦାବି



ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ସଦରମହକୁମା ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର କମିଟିକୁ ନେଇ ଦେଖା ଦେଇଛି ବିବାଦ। ରାଜାରାଜୁଡା ଅମଳରୁ ଜଗନ୍ନାଥ ମହାପ୍ରଭୁ ହିନ୍ଦୋଳଗଡ଼ରେ ଦଧିବାମନ ଜୀଉ ରୂପେ କେଉଁ ଯୁଗରୁ ପୂଜାପାଇ ଆସୁଛନ୍ତି ରାଜପ୍ରସାଦ ନିକଟରେ ।ଦେବୋତ୍ତର ଅଧୀନରେ ଥିବା ରାଜୁଡା ଅମଳର ଅର୍ଦ୍ଧନିର୍ମିତ ମନ୍ଦିର ଇତ୍ୟବସରରେ ପରିଣତ ହୋଇଛି। ପୂର୍ଣ୍ଣାଙ୍ଗ ଭବ୍ୟ ମନ୍ଦିରରେ ଓ ପୁରୀ ଶ୍ରୀମନ୍ଦିର ରୀତିନୀତି ଅନୁଯାଇ ଏଠାରେ ସମସ୍ତପ୍ରକାର ରୀତିନୀତି ପୂଜା ପର୍ବ ରଥଯାତ୍ରା ପାଳନ ହୋଇଥାଏ ପ୍ରଶାସନ,ପରିଚାଳନା କମିଟିର ମିଳିତ ସହଯୋଗରେ। ତେବେ ପରିଚାଳନା କମିଟି ବହୁତ ପୁରୁଣା ହୋଇଥିବାବେଳେ ସ୍ୱଳ୍ପ ନିର୍ଦ୍ଧିଷ୍ଟ ବ୍ୟକ୍ତିବିଶେଷଙ୍କୁ ନେଇ ଚାଲିଥିବା ଏହି କମିଟି ମନ୍ଦିରର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଠିକାଦାରୀ ଉଦ୍ଧେଶ୍ୟରେ କରିଥାନ୍ତି ବୋଲି ଲିଖିତ ଅଭିଯୋଗ କରିଛନ୍ତି ହିନ୍ଦୋଳ ଜନସାଧାରଣ। ଆହୁରିମଧ ଅଭିଯୋଗ କରିଛନ୍ତି ପ୍ରଭାବଶାଳି ରାଜନୈତିକ ବ୍ୟକ୍ତିଙ୍କ ଛତ୍ରଛାୟ ତଳେଥିବା ନିର୍ଦ୍ଧିଷ୍ଟ କିଛି ଠିକାଦାର ଠିକାଦାରୀ ଉଧେଶ୍ୟରେ ପରିଚାଳନା କମିଟିକୁ ହତମୁଠା ରଖିବା ଦ୍ଵାରା ଜନସାଧାରଣ ମନ୍ଦିରସମ୍ବନ୍ଧୀୟ ସମସ୍ତ କାର୍ଯ୍ୟରୁ ଅନ୍ଧାରରେ ରହିବା ସହ ମନ୍ଦିର ପରିବେଶରେ ସାମିଲ ହୋଇପାରୁନାହାନ୍ତି। ଯାହାଫଳରେ ଏକଛତ୍ରବାଦ ଶାସନ ଚାଲିବା ସହ ବହୁ ଅନିୟମିତତା ହେଉଅଛି। ଆହୁରି ମଧ କେନ୍ଦ୍ରମନ୍ତ୍ରୀଙ୍କ ଅନୁଦାନରେ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲେ ମଧ ସେଥିର କୌଣସି ନାମଫଳକ କିମ୍ବା କେନ୍ଦ୍ରମନ୍ତ୍ରୀଙ୍କ ନାମ ଉଲ୍ଲେଖ ନରହିବା ସହ ଅନେକଗୁଡିଏ କାର୍ଯ୍ୟର କୌଣସି ସୂଚନା ନରହିବା, ମୁଖ୍ୟ ରାସ୍ତାଟି ସମ୍ପୂର୍ଣ୍ଣ ହୋଇନପାରିବା ସନ୍ଦେହ ଦ୍ୱିଗୁଣିତ କରିଛି ବୋଲି ଅଭିଯୋଗକାରି ଜନସାଧାରଣ କୁହନ୍ତି। ତେବେ ଆଜି ଦେବୋ□ର ଅଧିକାରୀ ତଥା ହିନ୍ଦୋଳ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରି ଏକଦାବିପତ୍ର ଦେଇ ଜନସାଧାରଣ ଦାବିକରିଛନ୍ତି ଠିକାଦାରଙ୍କ ଅଧୀନରେ ଥିବା ପୁରୁଣା ପରିଚାଳନା କମିଟିକୁ ତୁରନ୍ତ ଭାଙ୍ଗି ସବୁବର୍ଗ ଶ୍ରେଣୀର ସମସ୍ତ ୱାର୍ଡର ଜନସାଧାରଣଙ୍କୁ ନେଇ ଏକ ସାର୍ବଜନୀନ କମିଟି ଗଠନ କରାଯାଉ ଏବଂ ନୂତନ ପରିଚାଳନା କମିଟି ସହଯୋଗରେ ନୂତନରୋଷେଇ ଘର ସମେତ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ କରାଯାଉ। ଆଜି ଏଥିପାଇଁ ହିନ୍ଦୋଳ ଏନଏସି ଜନସାଧାରଣ ଙ୍କ ପକ୍ଷରୁ ଶ୍ରୀଧର ବେହେରା, ସରୋଜ ମହାପାତ୍ର, ଅଜୟ ଦାସ,ମୁରଲୀ ନାହାକ, ରମେଶ ମିଶ୍ର,ସନ୍ତୋଷ ମହାପାତ୍ର,ଏନ ଏ ସି ଉପାଧାକ୍ଷା ପ୍ରତିମା ରାଉତ, କାଉନସିଲର ଶରତ ଭୂତିଆ, ଅନୁପମା ସାହୁ, ଶୁଭଲକ୍ଷ୍ମୀ ଦେହୁରୀ,ତୃପ୍ତିମୟୀ ବେହେରା, ବିଷ୍ଣୁପ୍ରିୟା ନାଏକ, ସୁମତି ଦେହୁରୀ, ରିତାରାଣୀ ବେହେରା, ସମାଜସେବୀ ବିଜୟ ବେହେରା, କୈଳାଶ ବେହେରା, ରମେଶ ସାହୁ, ପ୍ରମୋଦ ଶଙ୍କର ବେହେରାଙ୍କ ସହିତ ସନ୍ତୋଷ ରାଉତ ପ୍ରମୁଖ ଶତାଧିକ ଜନସାଧାରଣ ଉପଜିଲ୍ଲାପାଳଙ୍କ ଉଧେଶ୍ୟରେ ସହକାରୀ ଜିଲ୍ଲାପାଳ ଇସାନି ପଣ୍ଡାଙ୍କ ଦାବିପତ୍ର ପ୍ରଦାନ କରିଛନ୍ତି।

# ବ୍ଲକ୍ ସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ



କପ୍ତିପଦା -(ମହାଭାରତ ): କପ୍ତିପଦା -କପ୍ତିପଦକ୍ଷ ବ୍ଲକ୍ ସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ କପ୍ତିପଦା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ସିଂ ଯୋଗଦେଇ ଆଜିର ବାଳିକା କାଲିର ନାରୀ । ସେମାନଙ୍କର ଉପଯୁକ୍ତ ଯତ୍ନ ନେଇ ତାଙ୍କୁ ଶିକ୍ଷା ଲାଭ ର ସୁଯୋଗ ପ୍ରଦାନ କଲେ, ପୁଅ ଝିଅଙ୍କ ମଧରେ ଫରକ୍ ନଦେଖି ସମସ୍ତଙ୍କୁ ସମ୍ମାନ ପ୍ରଦାନ କଲେ ସମାଜର ଉତ୍ତତି ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଭାବରେ ଆୟୋଜିତ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ରଶ୍ମି ରାଣୀ ମଢେଇ ଯୋଗଦେଇ ନିଜର ଅନୁଭୂତି ଆଧାରରେ କିଭଳି ନିଜର ନିଷ୍ଠା ଅଧବସାୟ ବଳରେ ଛୋଟରୁ ଆଜି ବଡ ହୋଇଛନ୍ତି ତାହା ବର୍ଣ୍ଣନା କରିଥିଲେ । ଅନ୍ୟତମ ଅତିଥି ଭାବରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅକ୍ଷୟ ବେହେରା , ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କପ୍ତିପଦକ୍ଷର ପ୍ରଧାନ ଶିକ୍ଷକ ଗୋଲକ ଚନ୍ଦ୍ର ବେଜ୍ ଉପସ୍ଥିତ ରହି ଜାତୀୟ ଶିଶୁ କନ୍ୟା ଦିବସ ସମ୍ପର୍କରେ ଆଲୋଚନା ରଖିଥିଲେ ।ସ୍ୱାଗତ ଅଭିଭାଷଣ ମକ୍ସମମ ମୁକ୍ତିକାନ୍ତ ବେହେରା ଦେଇଥିବା ବେଳେ ଅତିଥି ପରିଚୟ ମକ୍ସମମ ବେଣୁଧର ଦାସ ପ୍ରଦାନ କରି ଥିଲେ। କାର୍ଯ୍ୟକ୍ରମରେ ପ୍ରବନ୍ଧ ଲିଖନ , ଚିତ୍ରାଙ୍କନ , ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମୂଲ୍ୟାୟନ କକ୍ଷରୀଭକ୍ଷବରେ ମକ୍ସମମ ଅଶୋକ କୁମାର ସେଠୀ , ନରେନ୍ଦ୍ର ପୃଷ୍ଟି , ଲକ୍ଷ୍ମୀଧର ସାହୁ , ଚିତ୍ତରଞ୍ଜନ ରାଉଳ ଯୋଗ ଦେଇଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଏକ ସଚେତନତା ରାଲି ଗ୍ରାମ୍ୟ ପରିକ୍ରମା କରିଥିଲା । କାର୍ଯକ୍ରମ ଶେଷରେ ଧନ୍ୟବକ୍ଷଦ ଅର୍ପଣ କରିଥିଲେ ମକ୍ସମମ ଉତ୍ତମ କୁମାର ରଣା । କାର୍ଯକ୍ରମ ପରିଚାଳନାରେ ଲକ୍ଷ୍ମୀକାନ୍ତ ବେହେରା ତଥା ସମସ୍ତ ମାର୍ଗଦର୍ଶକ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

# ଡୁମୁରିଆ ରେ ମାଣ୍ଡିଆ ମଣ୍ଡି ଉଦଘାଟିତ



ପାଟଣା:-(ମହାଭରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ କାର୍ଯ୍ୟାଳୟ ରେ ଶ୍ରୀ ଅନ୍ନ ଅଭିଯାନ ମାଣ୍ଡିଆ ମଣ୍ଡି ଉଦଘାଟିତ ହୋଇ ଛି। ଏହି ମାଣ୍ଡିଆ ମଣ୍ଡି କୁ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ କୁମାର ଦଣ୍ଡପାଟ ଯୋଗାଦାନ କରି ଉଦଘାଟିତ କରିଛନ୍ତି । ସମ୍ମାନିତ ଅତିଥି ଭାବେ ଜିଲ୍ଲା କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜୟୀ ମିଶ୍ର ଯୋଗ ଦେଇ ବୈଜ୍ଞାନିକ ପଦ୍ଧତି ରେ ଚାଷ ,ସରକାରୀ ବିକ୍ରୟ ବ୍ୟବସ୍ଥା, ଚାଷୀ ଙ୍କୁ ମିଳୁଥିବା ପ୍ରୋତ୍ସାହନ ବିଷୟରେ ଅଭିଭାଷଣ ରଖି ଥିଲେ। ଅନ୍ୟ ବରଣ୍ୟ ଅତିଥି ଭାବେ ଜିଲ୍ଲା ସ୍କିମ ଅଧିକାରୀ ସୁମନ ପ୍ରଭାତ ରାୟ ଯୋଗ ଦେଇ ଆଗାମୀ ଭବିଷ୍ୟତ ରେ ମାଣ୍ଡିଆ ଚାଷ ମାନେ କିପରି ଅଧିକ ଭାବରେ ଚାଷ କରିବାକୁ ଚାଷୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ସରପଞ୍ଚ ଗୌରହରି ନାଏକ ଗ୍ରାମାଞ୍ଚଳ ରେ ମାଣ୍ଡିଆ ମଣ୍ଡି ଖୋଲା ଯାଇଥିବା ରୁ ଶ୍ରୀ ଅନ୍ନ ଅଭିଯାନ କୁ ଧନ୍ୟବାଦ୍ ଦେଇ ଛନ୍ତି। ପାଟଣା ବ୍ଲକ କୃଷି ଅଧିକାରୀ ବର୍ଷା ବୈଶାଳୀ ସ୍ୱାଗତ ଅଭିଭାଷଣ ଦେବା ସହ ଚଳିତ ବର୍ଷ ୮୨୫କ୍ୱିଣ୍ଟାଲ ମାଣ୍ଡିଆ କିଣା ଯିବା ନିମନ୍ତେ ଲକ୍ଷ୍ୟ ଥିବା କହିଛନ୍ତ। ପାଟଣା ସହ କୃଷି ଅଧିକାରୀ ପରେଶ୍ କୁମାର ଦାଶ ମାଣ୍ଡିଆ ଉପକାରିତା,ଜଳବାୟୁ ପରିବର୍ତ୍ତନ ର ଭୂମିକା ବିଷୟରେ ଆଲୋଚନା କରିଥିଲେ। ଅନ୍ୟ ପକ୍ଷରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସମୀର କୁମାର ଦାଶ,ଶ୍ରୀ ଅନ୍ନ ଅଭିଯାନ, ଆନ୍ନ ସବ ସେଠୀ, ପଦ୍ମଲୋଚନ ନାୟକ, ମୁଖ୍ୟ କାର୍ଯକାରୀ ଅଧିକାରୀ ସିଂହବାହିନୀ ଚାଷୀ ଉତ୍ପାଦକ କମ୍ପାନୀ ଲିମିଟେଡ, ହେମନ୍ତ କୁମାର ମହାନ୍ତ,ଟି.ଡବ୍ଲୁ. ସି.ସି,ସୁଧାଂଶୁ ଶେଖର ପାଇକରାୟ ପଞ୍ଚାୟତ କାର୍ଯନିର୍ବାହୀ ଅଧିକାରୀ ଡୁମୁରିଆ ଯୋଗଦେଇଥିଲେ। ସିଂହବାହିନୀ ଚାଷୀ ଉତ୍ପାଦକ କମ୍ପାନୀ ତରଫରୁ ମୋଟ ୭୫ଜଣ ଚାଷୀଙ୍କର ଏକଶହ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଥିଲା। ସହଯୋଗୀ ସଂସ୍ଥା ଭାରତ ଏରେଣ୍ଡେଇ କାର୍ଯକ୍ରମ କୁ ପରିଚାଳନା କରିଥିବା ବେଳେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ କେନ୍ଦୁଝରଙ୍କ ସହାୟତା ରେ ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗ କେନ୍ଦୁଝର ସୌଜନ୍ୟ ରୁ ଉକ୍ତ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଚାରୋଟି ଗ୍ରାମପଞ୍ଚାୟତ ରୁ ୨୦୦ ରୁ ଉର୍ଦ୍ଧ ଚାଷୀ ଯୋଗଦେବା ସହିତ ମାଣ୍ଡିଆ ରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ର ମଜା ନେଇଥିଲେ ।କାର୍ଯକ୍ରମ କୁ ଶିବନାଥ ପ୍ରଧାନ ସଂଯୋଜନା କରିଥିବା ବେଳେ କୃଷି ବିଭାଗ ତରଫରୁ ଧରଣୀଧର କିଶାନ, ଇନ୍ଦ୍ରଜିତ ପୁହାଣ, ଦୁର୍ଗା ଚରଣ ତ୍ରିପାଠୀ, ଦମୟନ୍ତୀ ମହାନ୍ତ, ବନଲତା ସେଠୀ ଓ କୃଷକ ସାଥୀ ମାନେ ଯୋଗ ଦେଇଥିଲେ ।ମା ପାର୍ବତୀ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ବଡମହୁଲଡିହା ଦ୍ୱାରା ମାଣ୍ଡିଆ ପ୍ରସ୍ତୁତ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା ।ଶେଷରେ ତ୍ରିଲୋଚନ ମହାନ୍ତ, ବ୍ଲକ ସଂଯୋଜକ ଭାରତ ଧନ୍ୟବାଦ୍ ଅର୍ପଣ କରିଥିଲେୟ କାର୍ଯକ୍ରମ କୁ ହରିଶ କୁମାର ସାହୁ, ରଶ୍ମି ରଂଜନ ଗ୍ରହାଚାର୍ଯ୍ୟ, ଋଷିନଥ ମହାନ୍ତ, ରଶ୍ମିରେଖା ମହାନ୍ତ, କେତକୀ ମହାନ୍ତ, ହୀରାମଣି ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ସାହାରପଡ଼ା ଶ୍ରୀ ଅନ୍ନ ଅଭିଯାନ ତରଫରୁ ମାଣ୍ଡିଆ ମଣ୍ଡି ଉଦଘାଟିତ



ପାଟଣା:(ମହାଭରତ)କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ ରାଇଡିହା ଗ୍ରାମ ପଞ୍ଚାୟତ ସ୍ଥିତ କଟୁପଡ଼ା ଠାରେ ସାହାରପଡା କୃଷି ଉତ୍ପାଦକ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ସାହାରପଡା ବ୍ଲକ ଅଧକ୍ଷା ରିନା ନାଏକ ଙ୍କ ଦ୍ୱାରା ମାଣ୍ଡିଆ ମଣ୍ଡି ର ଶୁଭ ଉଦଘାଟନ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ସଦର ଡିଭିଜନ ର ବିଶ୍ୱଜୟୀ ମିଶ୍ର ,ଶ୍ରୀ ଅନ୍ନ ଅଭିଯାନ କେନ୍ଦୁଝର ର ସ୍କିମ୍ ଅଫିସର ସୁମନ ସ୍ମିତା ତରାଇ ,ବ୍ଲକ କୃଷି ଅଧିକାରୀ ତନୟା ସାହୁ,ସହକାରୀ କୃଷି ଅଧିକାରୀ ଅଜିତ କୁମାର ମଲ୍ଲିକ ଟି ଡି ସି ସି ଡାଟା ଏଣ୍ଟ୍ରି ଓପରେଟର ହେମନ୍ତ ମହାନ୍ତ , ଶ୍ରୀ ଅନ୍ନ ଅଭିଯାନ ତରଫରୁ ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରିୟବ୍ରତ ପଣ୍ଡା ଓ ଆତ୍ତା ସାହେବ୍ ଅତିରିକ୍ତ ଜିଲ୍ଲା କାର୍ଯ୍ୟକ୍ରମ ସମନ୍ୱୟକାରୀ ଅଧିକାରୀ ପ୍ରମୁଖ ଯୋଗଦେଇଥିବାବେଳେ ଅନ୍ୟାନ୍ୟ ଅତିଥି ମାନଙ୍କ ମଧରେ ଏସ ଟି ଏସ ସି ମୋର୍ଚ୍ଚା ର ମମତା ନାଏକ,କେନ୍ଦୁଝର ସାଂସଦ ପ୍ରତିନିଧି ସୁଦର୍ଶନ ମହାନ୍ତ,ସାଂସଦ ଙ୍କ ଶିକ୍ଷା ପ୍ରିତିନିଧି ଗଗନ ବିହାରୀ ସେଠୀ, ରାଇଡିହା ସରପ□ ବିଜୁ ନାଏକ,ଖଡିକପଦା ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ ।ସି ୱାଇ ଏସ ଡି ସଂସ୍ଥା ସହଯୋଗ ରେ କରାଯାଇଥିବା ମାଣ୍ଡିଆ ଚାଷ ର ବିକ୍ରି ନିମନ୍ତେ ଜିଲ୍ଲା ପ୍ରଶାସନ ୨୦୨୪/ ୨୦୨୫ ଆର୍ଥିକ ବର୍ଷ ନିମନ୍ତେ ସାହାରପଡା କୃଷକ ଉତ୍ପାଦକ ସଙ୍ଗଠନ କୁ ନିଯୁକ୍ତ କରାଯାଇ କୃଷକ ମାନଙ୍କ ଠାରୁ ମାଣ୍ଡିଆ ସଂଗ୍ରହ କରାଯିବ ।ଚଳିତ ବର୍ଷ ମାଣ୍ଡିଆ ର ବିକ୍ରି ମୂଲ୍ୟ ୪୫୦୦ ଧାର୍ଯ୍ୟ କରାଯାଇଥିବା ବେଳେ ବିକ୍ରି ମୂଲ୍ୟ ସିଧା ସଳଖ ଚାଷୀ ମାନଙ୍କ ଆଧାର ସଂଲଗ୍ନ ବ୍ୟାଙ୍କ ଖାତା କୁ ତିନି ଦିନ ମଧରେ ଦିଆଯିବ ।ବିକ୍ରି ର ନୋଡାଲ କ୍ରୟକାରି ସଂସ୍ଥା ଭାବରେ ଟି ଡି ସି ସି କୁ ଦାୟିତ୍ୱ ଦିଆଯାଇଥିବା ଜିଲ୍ଲା କୃଷି ଅଧିକାରୀ ଶ୍ରୀ ମିଶ୍ର ତାଙ୍କ ଅଭିଭାଷଣ ରେ ସୂଚନା ଦେଇଥିଲେ ।ଏହି ପରିପ୍ରେକ୍ଷୀରେ ମାଣ୍ଡିଆ ରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ର ଖାଦ୍ୟ ଆସିଥିବା ସମସ୍ତ ଚାଷୀ ମାନଙ୍କୁ ଦିଆଯାଇଥିଲା ।ତେବେ ସାହାପଡ଼ା ଶ୍ରୀ ଅନ୍ନ ଅଭିଯାନ ତରଫରୁ ବ୍ଲକ ସଂଯୋଜିକା ପ୍ରିତିନନ୍ଦା ବେଉରା କୃଷକ ଉତ୍ପାଦକ ସଙ୍ଗଠନ ର ସି ଇ ଓ ରାମଦାସ ଟୁଡୁ ଙ୍କ ସମେତ ପାର୍ଥ ସାରଥୀ ପାତ୍ର,ସୁଧାଂଶୁ ଶେଖର ନାୟକ ,ସରୋଜ କୁମାର ବାରିକ,ସତ୍ୟ ପ୍ରିୟ ମହାନ୍ତ,ଉଦୟ ନାଥ ମାରାଣ୍ଡି, ସ୍ନିଗ୍ଧାରାଣୀ ମହାନ୍ତ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଓସ୍ତପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି: ଅଭିଯୋଗ ପରେ ପୁଲିସର ତଦନ୍ତ ଆରମ୍ଭ

ଅସ୍ତରଙ୍ଗ(ମହାଭାରତ): ଅସ୍ତରଙ୍ଗ ବ୍ଲକ ନଈଗୁଆଁ ପଞ୍ଚାୟତ ଓସ୍ତପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶନିବାର ରାତିରେ ଦୁର୍ବୃତ୍ତମାନେ ବିଭିନ୍ନ ପ୍ରକାର ସାମଗ୍ରୀ ଚୋରି କରି ନେଇଛନ୍ତି ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱରେ ଥିବା ଏଏନ୍ଏମ୍ କର୍ମୀଲକ୍ଷ୍ମୀପ୍ରିୟା ଏନେଇ କାକଟପୁର ଥାନାରେ ଅଭିଯୋଗ ପରେ ଘଟଣା ସ୍ଥଳରେ ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି ସୂଚନାନୁସାରେ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଏଏନ୍ଏମ୍ କର୍ମୀ ଲକ୍ଷ୍ମୀପ୍ରିୟା ଗତ ଶନିବାର ଦିନ ମାସିକ କାର୍ଯ୍ୟର ରିଟର୍ଣ୍ଣ ଦାଖଲ କରିବାକୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ ପରେ ଏକ ମିଟିଂରେ ଯୋଗଦେବା ଓ ନିଜ ସ୍ୱାମୀର ଶରୀର ଅସୁସ୍ଥ ଯୋଗୁଁ ସେ ଘରକୁ ପଳାଇଥିଲେ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ୟଜଣେ ନିୟମିତ ନର୍ସ ଦୀର୍ଘଦିନ ହେବ ମ୍ୟାଟରନିଟ୍ ଲିଭ୍ ରେ ରହିଛନ୍ତି ସ୍ୱାସ୍ଥ୍ୟକେନ୍ଦ୍ରରେ ସୁବିଧା ନଥିବାରୁ ଏଏନ୍ଏମ୍ କର୍ମୀ ଜଣକ ରାତିରେ ମଧ ଏଠି ରହୁନାହାନ୍ତି ଆଜି ସୋମବାର ଦିନ ଘରୁ ଫେରି କାର୍ଯ୍ୟାଳୟ ଫାଟକ ଖୋଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରବେଶ କରି ଦେଖନ୍ତି ଯେ ଚୋରି ହୋଇଛି କେହି ଦୁର୍ବୃ□ ଦୁଇଟି ଇନଭର୍ଟରର ବ୍ୟାଟେରୀ,ଗୋଟିଏ ପାଣି ମଟର ଓ ଅନ୍ୟାନ୍ୟ ଆସବାପତ୍ର ଚୋରିକରି ନେଇଛି କାର୍ଯ୍ୟାଳୟ ପଛପଟେ ପାଚେରୀ ଡେଇଁ କବାଟର ତାଲା ଭାଙ୍ଗି ଦୁର୍ବୃତ୍ତ କଳାକନା ବୁଲାଇବା ଦେଖିବାକୁ ମିଳିଛିଘଟଣା ସମ୍ପର୍କରେ ଲକ୍ଷ୍ମୀପ୍ରିୟା ସ୍ଥାନୀୟ ଗ୍ରାମବାସୀ ଜଣାଇବା ସମେତ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ସଞ୍ଜୟ ପ୍ରଧାନଙ୍କୁ ଅବଗତ କରାଇଥିଲେ ଶ୍ରୀ ପ୍ରଧାନ ଘଟଣା ସ୍ଥଳକୁ ଆସି ଚୋରି ଘଟଣାର ଯାଞ୍ଚ ପରେ ପରାମର୍ଶ କ୍ରମେ ଲକ୍ଷ୍ମୀପ୍ରିୟା ଏ ବିଷୟରେ କାକଟପୁର ଏକ ଲିଖିତ ଅଭିଯୋଗ କରିଥିଲେ ଅଭିଯୋଗ ପରେ କାକଟପୁର ପୁଲିସ ଘଟଣା ସ୍ଥଳରେ ସନ୍ଧ୍ୟାରେ ପହଞ୍ଚି ପାରମ୍ଭିକ ତଦନ୍ତ ଆରମ୍ଭ କରିଛି ।

# ଶ୍ରୀନାଥ ଚନ୍ଦ୍ର ଉ:ପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

(ବସ୍ତା /ମହାଭାରତ) ବସ୍ତା ବ୍ଲକ ପାଉଁଶକୁଳି ସ୍ଥିତ ଶ୍ରୀନାଥ ଚନ୍ଦ୍ର ଉ:ପ୍ରା ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ମହାଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ କୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦୁ ମୁର୍ମୁ ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ ବସ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାସନ୍ତୀ ପୁଷ୍ଟି ଏବଂ ବରେନ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିନ୍ଦୁବାଳା ସେନାପତି, ସମିତି ସଦସ୍ୟା ଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ପାତ୍ର, ମୋ ସ୍କୁଲ ଅଭିଯାନର ସଭାପତି ବୃନ୍ଦାବନ ପଣ୍ଡା, ସମ୍ମାନୀୟ ଅତିଥି ଭାବେ ସିଆରସିସି ତପନ କୁମାର ସେନ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ଦାସ, ନାରାୟଣ ଉପାଧ୍ୟାୟ, ଚନ୍ଦୁ କିସ୍କୁ ,ସମାଜ ସେବୀ ଅଶୋକ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ଙ୍କୁ ଗଳ୍ପ ଓ ଉଦାହରଣ



ମାଧମରେ ଅଭିଭାଷଣ ରଖିବା ସହିତ, କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କାର ବଣ୍ଟନ କରିଥିଲେ ।ଏହି ଅବସରରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନାରେ ସହଯୋଗ କରିଥିବା ବେଳେ, ସହକାରୀ ଶିକ୍ଷକ ଜଗନ୍ନାଥ ମଲ୍ଲିକ ଅତିଥି ପରିଚୟ ଓ ମଞ୍ଚ ଆହ୍ୱାନ, କରୁଣାକର ମାରାଣ୍ଡି ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବ୍ଲକ ଗଠନ ଦାବିରେ ଶରତ ବିକାଶ ମଞ୍ଚର ଭୁବନେଶ୍ୱର ଲୋୟର ପିଏମଜିରେ ଗଣ ଧାରଣା ପ୍ରଦର୍ଶନ :



କପ୍ତିପଦା -(ମହାଭାରତ ): କପ୍ତିପଦା -ମୟୂରଭଞ୍ଜ ଜିଲ୍ଲାର ସବୁଠାରୁ ପଛୁଆ ତଥା ଅବହେଳିତ ଉପାନ୍ତ ଅଞ୍ଚଳଭାବେ ପରିଚିତ କପ୍ତିପଦା ଉପଖଣ୍ଡର ଶରତ ଅଞ୍ଚଳକୁ ନେଇ ଶରତ ବ୍ଲକ ପ୍ରତିଷ୍ଠା ଦାବି ଦୀର୍ଘ ତିନି ଦଶନ୍ଧିର ଦାବି ଅଟେ । ଏହି ଅଞ୍ଚଳରେ ଶରତ, ରାଣୀପୋଖରୀ, ଦେଓ୍ୱାନବାହାଲି, ସରଢିହା, ନୋଟ, ଲାବଣ୍ୟଦେଇପୁର, କଳମଗଡିଆ, ରାମଚନ୍ଦ୍ରପୁର ଓ ପଦ୍ମପୋଖରୀ ପଞ୍ଚାୟତ ରହିଛି। ଏହି ସବୁ ପଞ୍ଚାୟତ ସମୂହକୁ ନେଇ ଶରତ ବ୍ଲକ ଗଠନ ଦାବିରେ ଆଜି ଶରତ ଅଞ୍ଚଳର ଅଗ୍ରଣୀ ସାମାଜିକ ସଂଗଠନ ଶରତ ବିକାଶ ମ□ ପକ୍ଷରୁ ଓଡ଼ିଶା ବିଧାନସଭା ସମ୍ମୁଖ ଲୋୟର ପିଏମଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାଜସ୍ୱ ବିଭାଗ ସଚିବ ଶ୍ରୀମତୀ ମଧୁସ୍ମିତା ସାହୁ(ଓ.ଇ.ଝ)ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛିୟ ଗଣଧାରଣା ଚାଲିଥିବା ସମୟରେ କମିଶନରେଟ ପୋଲିସ ରଥ୍ନ-ମକ୍କ୍ସଘ ଞରବଙ୍କ ଶରତ ବିକାଶ ମଞ୍ଚର ଏକ ପ୍ରତନିଧି ଦଳଙ୍କୁ ଓଡ଼ିଶା ସଚିବାଳୟ ପ୍ରକୋଷ୍ଠ ପର୍ଯ୍ୟନ୍ତ ନେଇ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ସହଯୋଗ କରିଥିଲେ । ୬୦ରୁ ୯୦ ଦିନ ଭିତରେ ତଦନ୍ତ କରି ଶରତ ବ୍ଲକ ଗଠନ କରିବା ଦିଗରେ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିବା ପ୍ରକାଶୟ ଅନ୍ୟାନ୍ୟ ଦାବି ଗୁଡ଼ିକ ମଧରେ ଶରତ ଜନଗଣନା ବ୍ଲକ)ରେ ଜେ.ମ.ଏଫ.ସି କୋର୍ଟ ପ୍ରତିଷ୍ଠା, ଶରତ ଯୁକ୍ତ ଦୁଇ ମହାବିଦ୍ୟାଳୟକୁ +୩ ମହାବିଦ୍ୟାଳୟର ମାନ୍ୟତା ପ୍ରଦାନ, ଶରତରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଏକଲବ୍ୟ ଆବାସିକ ବିଦ୍ୟାଳୟ ସ୍ଥାପନ, ତହସିଲ କାର୍ଯ୍ୟାଳୟ ପ୍ରତିଷ୍ଠା, ଅଗ୍ନିଶମ କାର୍ଯ୍ୟଳୟ ପ୍ରତିଷ୍ଠା, ଶରତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ପ୍ରମୁଖ ସ୍ଥାନ ପାଇଛିୟ ନିକଟ ଅତୀତରେ ଓଡ଼ିଶା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓଡ଼ିଶାରେ ନୂତନ ବ୍ଲକ ଗଠନ ହେବାକୁ ନେଇ ରାଜ୍ୟ ସରକାର ଚିନ୍ତା କରୁଥିବା ନେଇ ଘୋଷଣା କରିଥିବାରୁ ଶରତଠାରେ ବ୍ଲକ ଗଠନ ସୁନିଶ୍ଚିତ ହେବାକୁ ଶରତ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି। ଆଜିର ଗଣବିକ୍ଷୋଭରେ ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରିମିଲ ସିଂ ଗୋଇପାଇ, ସମ୍ପାଦକ କୁସୁନୁ ଗିଲୁଆ, ଉପ-ସଭାପତି ଡୁବୁରାଜ ବୋଇପାଇ, ଶରତ ଗ୍ରାମ ପଞ୍ଚାୟତ ନାଏବ ସରପ□ ଦୁଲାରାମ ବାନାରା,ସିଦିଓ ଗୋଇପାଇ, ବିକ୍ରମ ବିରୁଲି, ମୟୂରଭଞ୍ଜ ଜିଲ୍ଲାର ବିଶିଷ୍ଟ ସମାଜସେବୀ ଶ୍ରୀମତୀ ଗୀତା ହେମ୍ବ୍ରମ, ଯୁବନେତା ଜାମାଦାର ବାଲମୁଚୁ, ପିତାମ୍ବର ସାହୁ, ଦାମୁ ଖୁଣ୍ଟିଆ, ଦୀପକ ଖୁଣ୍ଟିଆ, ବାଗୁନ ବାନାରା, ମାହାନ୍ତି ଦେଓଗାମ, ବିଶୁ ଗୋଇପାଇ, ମକୁରୁ ମେଲଗାନ୍ଧି,ଦାନିଏଲ ଖୁଣ୍ଟିଆ, ଘନ ପାତ୍ର , ଅଜୟ ବିରୁଆ, ପିମେନ ପୂର୍ତ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗଣଧାରଣାରେ ଶରତ ଅଞ୍ଚଳର ୦୯ଗୋଟି ସାରା ଗ୍ରାମ ପଞ୍ଚାୟତରୁ ପ୍ରାୟ ୩୦୦୦(୩୦୦୦) ଲୋକ ଅଂଶଗ୍ରହଣ କରିଥିଲେ ବୋଲି ସଂଗଠନର ସଭାପତି ଶ୍ରୀ ସିଂ ପ୍ରକାଶ କରିଛନ୍ତି।

# ଝୁମି ଉଠୁଛି ସୁକିନ୍ଦା ଶିଳ୍ପ ମହୋତ୍ସବ



ଦାନଗଦି:(ମହାଭାରତ) ଧୁମ୍ ଧାମ ରେ ପାଳନ ହୋଇଛିଯାଇଛି ସୁକିନ୍ଦା ଶିଳ୍ପ ମହୋତ୍ସବ ୦୪/୦୧/୨୫ ସକାଳ ଉଦ୍‌ଘଟିକା ସମୟରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ନେତୃତ୍ୱରେ ଦାନଗଦି ମିଲ୍ଟାରି ଛକ ରୁ ଆରମ୍ଭ ହୋଇ ତେଲିବାହାଲି ମହାପାଟ ପଡ଼ିଆରେ ଏକ ପଟୁଆର ରେ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦିପବଳ ସାମନ୍ତଙ୍କ ନେତୃତ୍ୱ କ୍ରମେ ବିଶାଳକାୟ ଗଣ ଦୌଡ଼ ରେ ସାମିଲ ହୋଇ ମହାପାଟ ପଡ଼ିଆରେ ହଜାର ହଜାର ସଂଖ୍ୟାରେ ସଭିଏଁ ପହଞ୍ଚିଥିଲେ ,ଓଡ଼ିଶା ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ପ୍ରଦିପ ବଳ ସାମନ୍ତ ମହୋତ୍ସବକୁ ଉଦ୍ଘାଟନ କରିଥିଲେ , ୪ ତାରିଖ ସନ୍ଧ୍ୟା ରେ କ୍ୟୁରେସି, ଓଲିଉଡ୍ କଣ୍ଠଶିଳ୍ପୀ ମଷ୍ଟୁ ଛୁରିଆ ଓ ଦୀପ୍ତିରେଖା ପାଢ଼ୀ କାର୍ଯ୍ୟକ୍ରମରେ ସାମିଲ ହୋଇ। ଦର୍ଶକଙ୍କୁ ବେସ ଝୁମେଇଥିବାବେଳେ ୫ ତାରିଖରେ ଅସୀମା ପଣ୍ଡା, ଶିବାନୀ ସଂଗୀତାଙ୍କ ସହ ପ୍ରଜ୍ଞା-ଶଙ୍କର ଏବଂ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍, ୬ ତାରିଖ ତାରିଖରେ ବଲିଉଡ୍ ଗାୟିକା ମୋନାଲି ଠାକୁରଙ୍କ ସମେତ ଓଲିଉଡ୍ର ରିୟା ଦେ, ସ୍ୱୟମ ପାଢ଼ୀ, ମିଷ୍ଟର ଗୁଲୁଆ, ୭ ତାରିଖ ଚାରିଖରେ ସବ୍ୟସାଚି ମିଶ୍ର ଭୂମିକା, କ୍ରିଷ୍ଣା ବେହୁରା, ଅନୁଗୁଳିଆ ବଣି, ଲିଷା, ଅନୁରାଧା ପାଣିଗ୍ରାହୀ, ସଂଜୀବ ପରିଚ୍ଛା ଯୋଗ ଦେବାସହ । ପପୁ ପମ୍ପମ୍, ଶୀତଲ, ଅନ୍ତରା ଚଳବ□ୀ ଅଭିନେତା ସମ୍ମୁଖ ମହୋତ୍ସବ ରେ ଯୋଗ ଦେବାସହ ପା□ଦିନ ଚାଲୁରହିବା ଶିଳ୍ପ ମହୋତ୍ସବ କୁ ରଙ୍ଗଭରିଦେବାସହ ସଭିଙ୍କୁ ମନୋରଞ୍ଜନ କରାଇବେ ,ଶିଳ୍ପ ମହୋତ୍ସବ ଭାଇଚାରା କୁ ବଢ଼ାଇବାସହ ଆନନ୍ଦ ଉଲ୍ଲାସରେ ପାଞ୍ଚଦିନ ଧରି ପାଳନ ହେବ ବୋଲି ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ।

# ଆସାମ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ,୪।୨ :** ବିଦେଶୀ ଘୋଷିତ ବ୍ୟକ୍ତିମାନଙ୍କୁ ଦେଶାନ୍ତର କରିବା ପାଇଁ କୌଣସି ପଦକ୍ଷେପ ନ ନେଇଥିବାରୁ ମଙ୍ଗଳବାର ସୁପ୍ରିମକୋର୍ଟ ଆସାମ ସରକାରଙ୍କୁ କଡ଼ା ସ୍ୱରରେ ଭର୍ତ୍ସନା କରିଛନ୍ତି । ସେମାନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାହିଁକି ଅଟକ କେନ୍ଦ୍ରରେ ରଖାଯାଇଛି ବୋଲି ପ୍ରଶ୍ନ କରିଛନ୍ତି । ଏହି ମାମଲାରେ ଏକ କଡ଼ା ଟିପ୍ପଣୀ ଦେଇ, ଜଷ୍ଟିସ୍ ଏଏସ୍ ଓକାଙ୍କ ନେତୃତ୍ୱାଧୀନ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି, ଆପଣ କିଛି ଶୁଭ ସମୟର ଅପେକ୍ଷା କରୁଛନ୍ତି କି ?ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ବିଚାରପତି ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଜଣେ ବ୍ୟକ୍ତିଙ୍କୁ ବିଦେଶୀ ଘୋଷଣା କରାଯିବା ପରେ, ତାଙ୍କୁ ତୁରନ୍ତ ଦେଶାନ୍ତର କରାଯିବା ଉଚିତ୍ । ଆସାମ ସରକାର ସ୍ପଷ୍ଟ କରିଥିଲେ ଯେ, ଏହି ବ୍ୟକ୍ତିମାନଙ୍କର ବିଦେଶୀ ଠିକଣା ଜଣା ନାହିଁ, ତେବେ ମଧ୍ୟ ନିର୍ବାସନ ପ୍ରକ୍ରିୟା ଆରମ୍ଭ କରାଯାଇ ନାହିଁ। ଏଥିରେ ଆଶ୍ଚର୍ଯ୍ୟ ପ୍ରକାଶ କରି ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କ ସତ୍ୟପାଠକୁ ସ୍ପଷ୍ଟ ଭାବରେ ତ୍ରୁଟିପୂର୍ଣ୍ଣ ବୋଲି କହିଛନ୍ତି ଏବଂ ଏହା ଉପରେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି । ଖଣ୍ଡପୀଠ ଭିଡିଓ କନଫରେନ୍ସିଂ ମାଧ୍ୟମରେ ହାଜର ହୋଇଥିବା ଆସାମର ମୁଖ୍ୟ ସଚିବଙ୍କୁ ପଚାରିଛନ୍ତି ଯେ, ଠିକଣା ଜଣା ନଥିବା କାରଣରୁ ଆପଣ ନିର୍ବାସନ ଆରମ୍ଭ କରିବାକୁ ମନା କରିଦେଇଥିଲେ ? ଏହା ଆମର ଚିନ୍ତାର କାରଣ କାହିଁକି ହେବ ? ତୁମକୁ ସେମାନଙ୍କୁ ସେମାନଙ୍କ ଦେଶକୁ ପଠାଇବାକୁ ପଡିବ । ଆପଣ କୌଣସି ଶୁଭସମୟ ପାଇଁ ଅପେକ୍ଷା କରୁଛନ୍ତି କି ? ଯଦିଓ ଠିକଣା ଜଣା ନାହିଁ, ତଥାପି ଆପଣ ସେମାନଙ୍କୁ ଦେଶାନ୍ତର କରିପାରିବେ । ତୁମେ ସେମାନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ହେପାଜତରେ ରଖିପାରିବ ନାହିଁ । ବିଦେଶୀଙ୍କ ଠିକଣା ଜଣା ନାହିଁ, କ'ଣ ନିର୍ବାସନ କାର୍ଯ୍ୟକାରୀ ନ କରିବାର ଏକ କାରଣ ହୋଇପାରେ କି ବୋଲି ଶୀର୍ଷକୋର୍ଟ ପ୍ରଶ୍ନକରିଛନ୍ତି । ଥରେ ଆପଣ କାହାକୁ ବିଦେଶୀ ଘୋଷଣା କରିସାରିବା ପରେ, ପରବର୍ତ୍ତୀ ଯୁକ୍ତିଯୁକ୍ତ ପଦକ୍ଷେପ ନେବାକୁ ପଡିବ। ତୁମେ ସେମାନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ହେପାଜତରେ ରଖିପାରିବ ନାହିଁ । ସମ୍ବିଧାନର ଧାରା ୨୧ ମଧ୍ୟ ଅଛି । ଆସାମରେ ଅନେକ ବିଦେଶୀ ଅଟକ କେନ୍ଦ୍ର ଅଛି । ତୁମେ ଏପର୍ଯ୍ୟନ୍ତ କେତେ ଜଣଙ୍କୁ ନିର୍ବାସିତ କରିଛ ବୋଲି କୋର୍ଟ ରାଜ୍ୟ ସରକାରଙ୍କୁ ପଚାରିଛନ୍ତି । ଖଣ୍ଡପୀଠ ଆସାମ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଦୁଇ ସପ୍ତାହ ମଧ୍ୟରେ ଅଟକ କେନ୍ଦ୍ରରେ ରଖାଯାଇଥିବା ୬୩ଜଣଙ୍କର ଦେଶାନ୍ତର ଆରମ୍ଭ କରନ୍ତୁ ଏବଂ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ସମ୍ପର୍କରେ ଏକ ସତ୍ୟପାଠ ଦାଖଲ କରନ୍ତୁ । ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ଆବେଦନରେ ଆସାମରେ ବିଦେଶୀ ଘୋଷିତ ବ୍ୟକ୍ତିମାନଙ୍କୁ ନିର୍ବାସନ ଏବଂ ଅଟକ କେନ୍ଦ୍ରରେ ଉପଲବ୍ଧ ସୁବିଧା ସହିତ ଜଡିତ ପ୍ରସଙ୍ଗ ଉଠାଯାଇଛି। ଯେତେବେଳେ ଆସାମ ସରକାରଙ୍କ ଆଇନଜୀବୀ କୋର୍ଟଙ୍କୁ ପଚାରିଥିଲେ ଯେ, ଯଦି ସେମାନଙ୍କ ଠିକଣା ଜଣା ନାହିଁ, ତେବେ ଆମେ ସେମାନଙ୍କୁ କେଉଁଠାକୁ ପଠାଇବୁ ?ଜଷ୍ଟିସ୍ ଓକା କହିଥିଲେ ଯେ, ତୁମେ ତାଙ୍କୁ ସେହି ଦେଶର ରାଜଧାନୀକୁ ପଠାଇପାରିବ । ଧରନ୍ତୁ ବ୍ୟକ୍ତି ଜଣକ ପାକିସ୍ତାନର, ତୁମେ ପାକିସ୍ତାନର ରାଜଧାନୀର ନାମ ଜାଣିଛ କି ନାହିଁ? ଆପଣ ସେମାନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଟକ ରଖିପାରିବେ ନାହିଁ ଯେ, ସେମାନଙ୍କର ବିଦେଶୀ ଠିକଣା ଜଣା ନାହିଁ । ତୁମେ କେବେ ମଧ୍ୟ ସେମାନଙ୍କର ଠିକଣା ପାଇବ ନାହିଁ ।ଅଟକ କେନ୍ଦ୍ରରେ ବନ୍ଦ ଥିବା ଲୋକଙ୍କ ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଶାଦାନ ଫରାସତ ଯୁକ୍ତି ଦେଇଥିଲେ ଯେ, ସରକାର କେବଳ ନିର୍ଣ୍ଣୟ କରୁଛନ୍ତି ସେମାନେ ଭାରତୀୟ ନୁହଁନ୍ତି । କିନ୍ତୁ ସେମାନେ କେଉଁ ଦେଶର ନାଗରିକ ତାହା ନିଷ୍ପତ୍ତି ନେଉନାହାନ୍ତି ।

# ମୋ ଆମେରିକା ଗସ୍ତ ସଂପର୍କରେ ମିଛ କହୁଛନ୍ତି ରାହୁଲ ଗାନ୍ଧି : ଜୟଶଙ୍କର

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ଲୋକସଭାରେ ସୋମବାର ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଚର୍ଚ୍ଚା ସମୟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ ନ ଦିଆଯିବା କଥା ଉଠାଇଥିଲେ । ଏହା ସହିତ ସେ କହିଥିଲେ ଯେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ନିମନ୍ତ୍ରଣ ମାଗିବାକୁ ଆମେରିକା ଯାଇଥିଲେ । ତେବେ ଏସ ଜୟଶଙ୍କର ରାହୁଲ ଗାନ୍ଧିଙ୍କ ଏହି ଦାବିକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱର କୌଣସି ନେତାଙ୍କ ଶପଥ ଗ୍ରହଣ ସମାରୋହରେ ଯୋଗ ଦିଅନ୍ତି ନାହିଁ । ଭାରତର ପ୍ରତିନିଧିତ୍ୱ ସାଧାରଣତଃ ରାଷ୍ଟ୍ରଦୂତଙ୍କ ଜରିଆରେ ହୋଇଥାଏ । ମୁଁ ଆମେରିକା ଯାଇ ତତ୍କାଳୀନ ବାଇଡେନ୍ ପ୍ରଶାସନର ଅଧିକାରୀମାନଙ୍କୁ ଭେଟିଥିଲି । ତେବେ ଏସ ଜୟଶଙ୍କର ରାହୁଲ ଗାନ୍ଧିଙ୍କ ଦାବିକୁ ଖଣ୍ଡନ କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱର କୌଣସି ନେତାଙ୍କ ଶପଥ ଗ୍ରହଣ ସମାରୋହରେ ଯୋଗ ଦିଅନ୍ତି ନାହିଁ । ଭାରତର ପ୍ରତିନିଧିତ୍ୱ ସାଧାରଣତଃ ରାଷ୍ଟ୍ରଦୂତଙ୍କ ଜରିଆରେ ହୋଇଥାଏ । ମୁଁ ଆମେରିକା ଯାଇ ତତ୍କାଳୀନ ବାଇଡେନ୍ ପ୍ରଶାସନର ଅଧିକାରୀମାନଙ୍କୁ ଭେଟିଥିଲି । ଜୟଶଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ରାହୁଲ ଗାନ୍ଧିଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି। ସେ ଲେଖିଛନ୍ତି, ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଜାଣିଶୁଣି ୨୦୨୪ ଡିସେମ୍ବରରେ ମୋର ଆମେରିକା ଗସ୍ତକୁ ନେଇ ମିଛ କହିଥିଲେ ।

ମୁଁ ବାଇଡେନ୍ ପ୍ରଶାସନର ବୈଦେଶିକ ସଚିବ ଏବଂ ଏନଏସଏଙ୍କୁ ଭେଟିବାକୁ ଯାଇଥିଲି। ମୁଁ ଆମର କନସୁଲ ଜେନେରାଲଙ୍କ ଏକ ସମାବେଶରେ ମଧ୍ୟ ଅଧ୍ୟକ୍ଷତା କରିଥିଲି । ମୋର ରହଣି ସମୟରେ, ଆସୁଥିବା ଏନଏସଏ ମୋ ସହିତ ସାକ୍ଷାତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ନିମନ୍ତ୍ରଣ ନେଇ କୌଣସି ସ୍ତରରେ ଆଲୋଚନା ହୋଇନଥିଲା । ଏହା ସମସ୍ତେ ଜାଣନ୍ତି ଯେ ଆମ ର ପ୍ରଧାନମନ୍ତ୍ରୀ ଏଭଳି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରନ୍ତି ନାହିଁ । ବାସ୍ତବରେ, ଭାରତର ପ୍ରତିନିଧିତ୍ୱ ସାଧାରଣତଃ ସ୍ୱତନ୍ତ୍ର ଦୂତଙ୍କ ଦ୍ୱାରା ହୋଇଥାଏ । ରାହୁଲ ଗାନ୍ଧିଙ୍କ ମିଛର ରାଜନୈତିକ ଉଦ୍ଦେଶ୍ୟ ଥାଇପାରେ, କିନ୍ତୁ ଏହା ବିଦେଶରେ ଦେଶକୁ କ୍ଷତି ପହଞ୍ଚାଇଥାଏ ।

# ୟୁପିଏ ସରକାର ଅମଳରେ ବି ନିଯୁକ୍ତି ପ୍ରସଙ୍ଗରେ ପଦକ୍ଷେପ ନିଆଯାଇନଥିଲା



**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଲୋଚନାରେ ଭାଗ ନେଇ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କହିଛନ୍ତି ଯେ ଯୁବ ନିଯୁକ୍ତି ପ୍ରସଙ୍ଗରେ ସରକାର ଗମ୍ଭୀର ନୁହଁନ୍ତି । ସେ କହିଛନ୍ତି ଯେ ପୂର୍ବ ୟୁପିଏ ସରକାର କିମ୍ବା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର ଏହି ପ୍ରସଙ୍ଗରେ କୌଣସି ପଦକ୍ଷେପ ଦେଇନାହାଁନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଭଲ ଥିଲା, କିନ୍ତୁ ସତ କଥା ହେଉଛି ଏହି ପଦକ୍ଷେପ ସମ୍ପୂର୍ଣ୍ଣ ବିଫଳ ହୋଇଛି । ନିଯୁକ୍ତି ନେଇ ସରକାରଙ୍କ ଯୋଜନା ସ୍ପଷ୍ଟ ହୋଇନାହିଁ । ରାଷ୍ଟ୍ରପତିଙ୍କ ଅଭିଭାଷଣରେ କିଛି ନୂଆ ନାହିଁ ବୋଲି ସେ କହିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଭଲ ଥିଲା, କିନ୍ତୁ ସତ କଥା ହେଉଛି ଏହି ପଦକ୍ଷେପ ସମ୍ପୂର୍ଣ୍ଣ ବିଫଳ ହୋଇଛି। ନିଯୁକ୍ତି ନେଇ ସରକାରଙ୍କ ଯୋଜନା ସ୍ପଷ୍ଟ ହୋଇନାହିଁ । ରାଷ୍ଟ୍ରପତିଙ୍କ ଅଭିଭାଷଣରେ କିଛି ନୂଆ ନାହିଁ ବୋଲି ସେ କହିଛନ୍ତି । ସେ ଦର୍ଶାଇଛନ୍ତି ଯେ ଦେଶରେ ଉତ୍ପାଦନ କ୍ଷେତ୍ରରେ ହ୍ରାସ ଘଟିଛି । ସେ ମୋବାଇଲ ଫୋନର ଉଦାହରଣ ଦେଇ କହିଥିଲେ ଯେ ଭାରତରେ ମୋବାଇଲ ଫୋନ୍ ଉତ୍ପାଦନ ହେଉନାହିଁ। ସେମାନଙ୍କୁ ଏଠାରେ ଆସେମ୍ବଲ କରାଯାଉଛି । ମୋବାଇଲର ପ୍ରତ୍ୟେକ ଅଂଶ ଚାଇନାରୁ ଆସିଥାଏ ଏବଂ କେବଳ ଏଠାରେ ଆସେମ୍ବଲ ହୋଇଥାଏ । ସେ କହିଛନ୍ତି ଯେ ବିଶ୍ୱ ଦ୍ରୁତ ଗତିରେ ବଦଳୁଛି, କିନ୍ତୁ ଆମେ ଏହା ଉପରେ ଧ୍ୟାନ ଦେଉନାହୁଁ ।

# ବିସ୍ଫୋରଣ, ୧୯ ମୃତ

**ନୂଆଦିଲ୍ଲୀ,(ଏଜେନ୍ସି):** ଉତ୍ତର ସିରିଆର ମନ୍ବିଜ୍ ସହରରେ ଭୟଙ୍କର ବୋମା ବିସ୍ଫୋରଣ ଘଟି ୧୯ ଜଣଙ୍କର ମୃତ୍ୟୁ ଘଟିଛି । କିଛି ସ୍ଥାନୀୟ କୃଷି ଶ୍ରମିକଙ୍କୁ ନେଇ ଏକ ଟ୍ରକ୍ ଯାଉଥିବାବେଳେ ନିକଟରେ ଥିବା ଏକ କାରରେ ବୋମା ବିସ୍ଫୋରଣ ଘଟିଥିବା ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି । ମୃତକଙ୍କ ମଧ୍ୟରେ ୧୮ ଜଣ ମହିଳା ଓ ଜଣେ ପୁରୁଷ ରହିଛନ୍ତି । ସେହିପରି ଅନ୍ୟ ୧୫ ଜଣ ମହିଳା ଆହତ ହୋଇଛନ୍ତି । ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତ ମହିଳାଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ଥିବା ନେଇ ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ମାଜାର ନୂତନ ଅଭିଯାନ ସହିତ ଜୀବନର ପ୍ରତ୍ୟେକ ଦିନର ବିଜୟକୁ ଉତ୍ସବରେ ପରିଣତ କରନ୍ତୁ

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ମାଜା, ଭାରତର ସବୁଠାରୁ ଆଦରଣୀୟ ଆମ୍ବ ପାନୀୟ, ଲକ୍ଷ ଲକ୍ଷ ଆମ୍ବକୁ ଭଲ ପାଉଥିବା ପ୍ରିୟଜନଙ୍କ ପସନ୍ଦ ପାଇଁ ସେମାନଙ୍କ ପାଖକୁ ଯାଉଛି ପାନୀୟର ପ୍ରତ୍ୟେକ ସିପ୍‌ରେ ଆମ୍ବର ମତୱାଲା ସ୍ୱାଦର ଆନନ୍ଦ ସହିତ । ପ୍ରକୃତ ରସୁଆଳ ଆଲଫୋନଜୋ ଆମ୍ବର ଗୁଣରୁ ପ୍ରସ୍ତୁତ, ମାଜାର ବର୍ତ୍ତମାନ ଅଭିଯାନ "ମାଜା ହୋ ଯାଏ", ବାସ୍ତବରେ କୋକା-କୋଲା ଇଣ୍ଡିଆର ଘରୋଇ ବ୍ରାଣ୍ଡର ପୁନଃପରିଭାଷା ସହିତ ଏହାର ପାଳନ ଅଟେ। ଏହି ଅଭିଯାନ ଅତି ଦୃଢ଼ଭାବରେ ଶକ୍ତିଶାଳୀ ସାଂସ୍କୃତିକ ବୈଭବତାରୁ ଆସିଅଛି ଯେତେବେଳେକି ଭାରତକୁ ଏହାର ଏକ ବିରାଟ ମହୋତ୍ସବର ମାଇଲଖୁଂଟ ନିମନ୍ତେ ବୃଦ୍ଧି କରିବା ପାଇଁ ଏଭଳି ଏକ ଛୋଟ ପ୍ରୟାସ ଦ୍ୱାରା କୌଣସି ଦୃଷ୍ଟି ଆକର୍ଷଣରୁ ଦୂରେଇ ଯାଇ ଆମର ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିପାରିଛି। ଏହା ସେଭଳି ଏକ ସ୍ମୃତି ଯାହାକି ଗର୍ବର ଗାଥାକୁ ଆଗକୁ ବଢ଼ାଇବା ସହିତ ବିରଳ ଭାବରେ ଏହାର ଅନୁମୋଦନକୁ ଆଶା କରୁଅଛି । ମାଜାର ଏହି ପ୍ରକ୍ରିୟା ବାସ୍ତବରେ ଏଭଳି ଏକ କ୍ଷୁଦ୍ର ଉତ୍ସବ ପାଳନକୁ ଅତି ସାଧାରଣ ଭାବରେ ପାଳନ କରିବା ସହିତ ଅସାଧାରଣ ଗୁଣବତାକୁ ଏକାଠି କରିପାରିଛି ।

ଅଭିଯାନର ଏହି ଚଳଚ୍ଚିତ୍ରରେ ମାଜାକୁ ଅତି ନିଖୁଣ ଭାବରେ ଦୈନନ୍ଦିନ ଜୀବନର ବିଜୟର ଉତ୍ସବକୁ ନେଇ ଏହାକୁ ବିଶ୍ୱାସ କରିବା ଉପରେ ଜୀବନର ସମସ୍ତ ସୁନ୍ଦରତାକୁ ଏକାଠି କରାଯାଇଛି । ବିରତି ତଥା ମୁହୂର୍ତ୍ତକୁ ଏକାଠି କରିବା ପାଇଁ ଏହା ମନେ ପକାଇବାକୁ ବୁଝାଇଥାଏ ଏବଂ ଏଭଳି ଏକ ଛୋଟ ଖୁସି ପାଇଁ ନିଜକୁ ଗୌରବାନ୍ୱିତ କରିବାକୁ ପଥ ଦେଖାଇଥାଏ । ମାଜା ସେହିଭଳି ଭାବରେ ସମସ୍ତ ପ୍ରକାର ସ୍ୱୀକୃତିପ୍ରାପ୍ତ ତଥା ପ୍ରଶଂସାକୁ ଦୈନନ୍ଦିନ ଜୀବନରେ ବିଜୟ ଉଲ୍ଲାସ ପାଇଁ ଏକ ସରଳ ତଥା ଶକ୍ତିଶାଳୀ ଅନୁମୋଦନ ଅଟେ । ଏହି ଅଭିଯାନରେ ନିଜର ଚିନ୍ତାଧାରାକୁ ବ୍ୟକ୍ତ କରିବାକୁ ଯାଇ ଅଜୟ କୁନାଲେ, ନିର୍ଦ୍ଦେଶକ-ମାର୍କେଟିଂ, ନ୍ୟୁଟ୍ରିସିଅନ କାଟେଗୋରୀ, କୋକା-କୋଲା ଇଣ୍ଡିଆ ଏବଂ ସାଉଥୱେଷ୍ଟଏସୀୟ କହିଛନ୍ତି, "ଦୀର୍ଘ ୫ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ମାଜା ଏକ ସବୁଠାରୁ ପ୍ରାମାଣିକ ଆମ୍ବ ରସର ଉଚ୍ଚକୋଟିର ଅଭିଜ୍ଞତାକୁ ଭାରତୀୟ ଗ୍ରାହକଙ୍କ ପାଖରେ ପହଂଚାଇବା ସହିତ ଦେଶର ସବୁଠାରୁ ପ୍ରଥମ ସମସ୍ତଙ୍କର ଅତି ପ୍ରିୟ ଆଦରଣୀୟ ମୃଦୁ ପାନୀୟ ବ୍ରାଣ୍ଡ ରହିଆସିଛି । ବର୍ତ୍ତମାନ ଆମେ ଏହି ବ୍ରାଣ୍ଡର ରଣନୀତିକୁ ଅଧିକ ଶକ୍ତିଶାଳୀ କରିବା ସହିତ ମାଜାର ଗୁଣବତାକୁ ଏହାର ପ୍ରାମାଣିକ ଆମ୍ବର ଅଭିଜ୍ଞତା ଯୋଡ଼ି ଗ୍ରାହକମାନଙ୍କର ଦୈନନ୍ଦିନ ଜୀବନରେ ପ୍ରଦାନ କରିବାର ପ୍ରୟାସ ଜାରି ରଖିଛୁ।

# "ଫାଂଟା ମାଙ୍ଗତା"ରେ କାର୍ତ୍ତିକ ଆରିୟାନଙ୍କ ଚମକତା

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ଫାଂଟା, କୋକା-କୋଲା ଇଣ୍ଡିଆର ଏକ ସ୍ୱାଦଭରା ମୃଦୁପାନୀୟ ବ୍ରାଣ୍ଡ ଏହାର ନୂଆ ଅଭିଯାନ "ଫାଂଟା ମାଙ୍ଗତା"କୁ ନେଇ ଆସିଛି ଯେଉଁଥିରେ ସବୁଠାରୁ ଅଧିକ ଆକର୍ଷଣୀୟ ବ୍ରାଣ୍ଡ ଆମ୍ବାସଡ଼ର କାର୍ତ୍ତିକ ଆରିୟାନ ନିଜର କଳା ପ୍ରଦର୍ଶନ କରିଛନ୍ତି। ଏହି ଅଭିଯାନ ଯାହାକୁକି ସେମାନେ ଅଧିକ ଭଲ ପାଇଥାନ୍ତି ଜେନଜେଡ଼ ପିଢ଼ିର ପାଳନକୁ ଅନୁଧ୍ୟାନ କରିଥାନ୍ତି କାରଣ ସେମାନେ ଏଭଳି ଏକ ସ୍ୱାଦ ପ୍ରତି ଆକୃଷ୍ଟ ହୋଇଥାନ୍ତି ଯାହାକି ଆଉ କୌଣସିର ଆବଶ୍ୟକତା ନଥାଏ। ଦଶନ୍ଧି ଧରି, ଫାଂଟା ଏକ ମୃଦୁପାନୀୟ ଠାରୁ ମଧ୍ୟ ଅଧିକ ଭାବରେ ବିସ୍ତାର ଲାଭ କରିଛି – ଏହାର ଉଜ୍ଜ୍ୱଳତା, କୌତୁହଳତା, ଅନୁପମ ସ୍ୱାଦ ସହିତ ଏହାର ଆନନ୍ଦଦାୟକତାକୁ ନେଇ ଏବଂ ଏହା ସବୁବେଳେ ସେହି ପ୍ରିୟଜନଙ୍କ ପାଖରେ ରହିଛି ଯେଉଁମାନେ ବିନାଦ୍ୱିଧାରେ ମଜ୍ଜା ନେଉଛନ୍ତି। ଏହି ଅଭିଯାନ ସହିତ, ବ୍ରାଣ୍ଡଟି ଅତି ଗଭୀରତମ ସ୍ତରକୁ ଯାଇ ଆନନ୍ଦ ପାଇବାର ଲାଳସା ଖୋଜିଥାଏ ତଥା ସମସ୍ତଙ୍କୁ ପ୍ରୋତ୍ସାହିତ କରିଥାଏ ଯେପରିକି ଆଉ କୌଣସି ଜିନିଷର ଲାଳସା ସେମାନଙ୍କ ବାଟ ବନ୍ଦ ନ କରୁ ଏବଂ ସେହି ସବୁଠାରୁ ବଡ଼ ଲାଳସା ଯାହାସବୁ ବେଳେ ଥାଏ ତାହା – ଫାଂଟା ଅଟେ। "ଅଉର କୁଛନେହିଁ ମାଙ୍ଗତା, ସିର୍ଫ ଫାଂଟା ମାଙ୍ଗତା" ଏଭଳି ଏକ ଧାରଣାକୁ ଜୀବନରେ ଆଣିବା ପାଇଁ, ଏହି ଅଭିଯାନ ଚଳଚ୍ଚିତ୍ରର ସଂଳାପକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଛି ଯାହାକି କେବଳ ଗୋଟିଏ ଫାଂଟାର ସେହି ମଧୁରତାକୁ ଓଠରେ ଧରି ରଖିବାର ଆନନ୍ଦ କ୍ଷଣ ହିଁ ଏହାର ଉତର ଅଟେ। ଏଭଳି ଏକ ସିଗ୍‌ନେଟୋରୀ, ସ୍ତୁତିଦାୟୀ ତଥା ଆକର୍ଷଣୀୟ, କାର୍ତ୍ତିକ ଆରିୟାନ ଫାଂଟାକୁ ଯଥାର୍ଥରେ ଏକ ବିକଳ୍ପ ସହଯୋଗୀ ଭାବରେ ପ୍ରତ୍ୟେକ ମାନସିକତା, ମୁହୂର୍ତ୍ତ ତଥା ତୀବ୍ରତାକୁ ନେଇ ସଫଳ ପ୍ରତିପାଦନ କରିପାରିଛନ୍ତି। ସୁମେଲୀ ଚାଟାର୍ଜ୍ଜୀ, ବରିଷ୍ଠ କାଟେଗରୀ ନିର୍ଦ୍ଦେଶକ, ସ୍ପାର୍କଲିଙ୍ଗ ଫ୍ଲେବରସ୍, କୋକା-କୋଲା ଇଣ୍ଡିଆ ଆଣ୍ଡ ସାଉଥ ୱେଷ୍ଟଏସୀୟ, ମତ ବିନିମୟ କରି କହିଛନ୍ତି, "ଜଣେ ଯୁବତାରକାଙ୍କର ଜୀବନ କର୍ମମୟ ଅଟେ, କିନ୍ତୁ ନିଜର ଦୈନିକ ତୀବ୍ର ଲାଳସାକୁ ଚରିତ୍ରାର୍ଥ କରିବା ପାଇଁ ସେସବୁବେଳେ ସମୟ ଖୋଜିଥାନ୍ତି ସୁତରାଂ ଫାଂଟାର ସେହି ଓଠରେ ପାଣି ଆସିଯିବା ଭଳି ସୁସ୍ୱାଦ ହିଁ ହେଉଛି ଏହାର ପ୍ରକୃତ ସମାଧାନ। ଏଇ ନୂଆ ଫାଂଟା ମାଙ୍ଗତା ଅଭିଯାନ ଏକ କୌତୁହଳ ପ୍ରଦ ତଥା ମୌଜର ଏକ ମୋଡ଼ ଯାହାକି କିଶୋର ମାନଙ୍କ ପାଇଁ ଏଥିରେ ନିଜକୁ ହଜାଇ ଦେବା ତଥା ଓଠର ଲାଳସାକୁ ପୂରା କରିବା ପାଇଁ ସେମାନେ ଏଥି ପାଇଁ ଉପଯୁକ୍ତ ସମୟ ଦେଇଥାନ୍ତି।

# ଆମେରିକାକୁ ବର୍ବାଦ କରିଦେବ ଟ୍ରମ୍ପଙ୍କ ନିଷ୍ପତ୍ତି

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ରାଷ୍ଟ୍ରପତି ଭାବେ କାର୍ଯ୍ୟଭାର ସମ୍ଭାଳିବା ପରେ ମେକ୍ସିକୋ, କାନାଡା ଏବଂ ଚୀନ ଉପରେ ଟାରିଫ୍ କଷିଛନ୍ତି ଡୋନାଲ୍ଡ ଟ୍ରମ୍ପ । ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ବିଶେଷଜ୍ଞ । ଇତିହାସର ଏହା ସବୁଠୁ ମୂର୍ଖତାପୂର୍ଣ୍ଣ ଟ୍ରେଡ୍ ୱାର୍ ବୋଲି ଅର୍ଥନୀତିଜ୍ଞ କହିଛନ୍ତି । ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ପ୍ରକାଶିତ ଏକ ଆର୍ଟିକିଲରେ ଏଭଳି ଉଲ୍ଲେଖ କରାଯାଇଛି । ଆମେରିକାର ରାଷ୍ଟ୍ରପତି ପଦ ସମ୍ଭାଳିବା ପରେ ଡୋନାଲ୍ଡ ଟ୍ରମ୍ପ ତାଙ୍କର ନିର୍ବାଚନୀ ପ୍ରତିଶ୍ରୁତ ପୂରଣ କରିବାରେ ଲାଗିପଡିଛନ୍ତି । ଶପଥ ନେବା ପରେ ସେ କାନାଡ଼ା ଉପରେ ୨୫ ଏବଂ ଚୀନ ଉପରେ ୧୦ ପ୍ରତିଶତ ଟାରିଫ୍ କଷିଛନ୍ତି । ଏହା ସହ କାନାଡାରୁ ଆସୁଥିବା ତୈଳ ଉପରେ ୧୦ ପ୍ରତିଶତ ଟାରିଫ୍ ଲଗାଇଛନ୍ତି । ଏହି ନୀତି ଦ୍ୱାରା ଅବୈଧ ପ୍ରବାସୀ, ଟ୍ରେଡ୍ ଡେଫିସିଟ୍ ଏବଂ ଅବୈଧ ଡ୍ରଗ୍ସ ସମସ୍ୟା ଉପରେ ଲଗାମ ଲାଗିବ ବୋଲି ଟ୍ରମ୍ପ ଦାବି କରିଛନ୍ତି । ହେଲେ ଅର୍ଥନୀତିଜ୍ଞମାନେ ଏହି ନିଷ୍ପତ୍ତିକୁ ଆତ୍ମଘାତୀ ପଦକ୍ଷେପ ବୋଲି କହିଛନ୍ତି। ସେପଟେ ଟ୍ରମ୍ପ ୧.୪ ଟ୍ରିଲିୟନ ଡଲାର ମୂଲ୍ୟର ଆମଦାନୀ ସାମଗ୍ରୀ ଉପରେ ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଦେଇଛନ୍ତି । ଯାହା ତାଙ୍କ ପୂର୍ବ କାର୍ଯ୍ୟକାଳ ତୁଳନାରେ ତିନି ଗୁଣ ଅଧିକ। ଏହା ଦ୍ୱାରା ଆମେରିକୀୟ ମୁଦ୍ରାସ୍ଫୀତି ଏବଂ ବେକାରୀ ବୃଦ୍ଧି କରିପାରେ । ଅର୍ଥନୀତିକୁ ମାନ୍ଦାବସ୍ଥା ଆଡ଼କୁ ଠେଲି ଦେଇପାରେ । ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଷ୍ଟକ୍ ବଜାରରେ ଅସ୍ଥିରତା ବଢ଼ାଇପାରେ ବୋଲି ବିଶେଷଜ୍ଞମାନେ କହିଛନ୍ତି । ପିଟରସନ୍ ଇନଷ୍ଟିଚ୍ୟୁଟ୍ ଫର୍ ଇଣ୍ଟରନ୍ୟାସନାଲ୍ ଇକୋନୋମିକ୍ସର ଜଣେ ଅର୍ଥନୀତିଜ୍ଞ ମ୍ୟାରୀ ଲଭଲି କହିଛନ୍ତି ଯେ, ଏହା ଏପର୍ଯ୍ୟନ୍ତ ନିଆଯାଇଥିବା ସବୁଠାରୁ ବଡ଼ ଆତ୍ମଘାତୀ ନିଷ୍ପତ୍ତି ହୋଇପାରେ । ଏହି ପଦକ୍ଷେପ ଆମେରିକାର ଅର୍ଥନୀତିକୁ ମନ୍ଥର କରିପାରେ ଏବଂ ମୁଦ୍ରାସ୍ଫୀତି ଆହୁରି ବୃଦ୍ଧି କରିପାରେ । କାନାଡା ଏବଂ ମେକ୍ସିକୋ ବିରୁଦ୍ଧରେ ଟାରିଫ୍ ଲାଗୁ କରିବାର ନିଷ୍ପତ୍ତି ବିପର୍ଯ୍ୟୟ ପ୍ରମାଣିତ ହୋଇପାରେ ।'ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ମୁଦ୍ରାସ୍ଫୀତି ଏକ ବଡ଼ ସମସ୍ୟା ନଥିଲା । କିନ୍ତୁ ବର୍ତ୍ତମାନ ସମୟରେ, ଯାନବାହାନ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶଛୁଆଁ ହେଲାଣି । ତେଣୁ ଟାରିଫ୍ ଲାଗିବା ଦ୍ୱାରା ଏହି ସବୁ ଜିନିଷ ଆହୁରି ମହଙ୍ଗା ହୋଇପାରେ । ଯାହାଦ୍ୱାରା ଆର୍ଥିକ ଦୁର୍ବଳ ଶ୍ରେଣୀର ଆମେରିକୀୟଙ୍କ ଉପରେ ଆହୁରି ଚାପ ପଡ଼ିପାରେ ।

# ଆତଙ୍କୀଙ୍କ ଗୁଳିମାଡରେ ଅବସରପ୍ରାପ୍ତ ଯବାନଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ପୁଣି ଅଶାନ୍ତ ହୋଇଉଠିଛି କାଶ୍ମୀର ଅଞ୍ଚଳ । ସୋମବାର ଆତଙ୍କବାଦୀଙ୍କ ଗୁଳିମାଡରେ ଜଣେ ଅବସରପ୍ରାପ୍ତ ସୈନିକଙ୍କ ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି । ଏହି ଆକ୍ରମଣରେ ଯବାନଙ୍କ ପତ୍ନୀ ଓ ଝିଅ ମଧ୍ୟ ଗୁରୁତର ଆହତ ହୋଇଥିବା ଜଣା ପଡିଛି। ସୂଚନା ମୁତାବକ, ଅବସର ପ୍ରାପ୍ତ ଯବାନଙ୍କ ନାମ ହେଉଛି ମଞ୍ଜୁର ଅହମ୍ମଦ । ସେ କାଶ୍ମୀରର କୁଲଗାମ ଅଞ୍ଚଳରେ ବାସ କରୁଥିବା ନେଇ ସୂଚନା ମିଳିଛି । ସେ ନିଜ ଘରେ ଥିବାବେଳେ କେତେକ ଆତଙ୍କବାଦୀ ତାଙ୍କ ଘର ଭିତରକୁ ଧସେଇ ପଶି ତାଙ୍କ ଉପରେ ବନ୍ଧୁକ ଦ୍ୱାରା ଆକ୍ରମଣ ଆରମ୍ଭ କରିଦେଇଥିଲେ । ଆତଙ୍କବାଦୀ ମାନଙ୍କ ଆକ୍ରମଣ ଏତେ ଭୟଙ୍କର ଥିଲା ଯେ ସେମାନେ ମଞ୍ଜୁରଙ୍କୁ ଗୁଳି କରିବା ପରେ ସେଠାରେ ଉପସ୍ଥିତ ଥିବା ତାଙ୍କ ପତ୍ନୀ ଓ ଝିଅକୁ ମଧ୍ୟ ଛାଡି ନଥିଲେ । ଏହି ଆକ୍ରମଣରେ ମଞ୍ଜୁରଙ୍କ ସହ ତାଙ୍କ ପତ୍ନୀ ଓ ଝିଅ ମଧ୍ୟ ଗୁରୁତର ଆହତ ହୋଇଥିଲେ । ଏ ସମ୍ପର୍କରେ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିବା ସହ ସମସ୍ତଙ୍କୁ ସ୍ଥାନିୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । କିନ୍ତୁ ଡାକ୍ତରଖାନାରେ ପହଞ୍ଚିବା ପରେ ମଞ୍ଜୁର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ବୋଲି କାଶ୍ମୀରର ଜଣେ ପୋଲିସ ଅଧିକାରୀ ନିଜ ନାମ ଗୋପନ ରଖି ସୂଚନା ପ୍ରଦାନ କରିଛନ୍ତି । ଏହି ଆକ୍ରମଣ ପରେ ଭାରତୀୟ ସୁରକ୍ଷା କର୍ମୀ ମାନେ ଆତଙ୍କବାଦୀମାନଙ୍କୁ ଧରିବା ପାଇଁ ଏକ ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି । ତେବେ ଖବର ଲେଖାହେବାଯାଏ ଆତଙ୍କବାଦୀମାନଙ୍କୁ ସମ୍ପର୍କରେ କୌଣସି ସୂଚନା ମିଳିପାରିନଥିବା ଜଣାପଡିଛି ।

# ୫୫.୧% ଟ୍ରକ୍ ଚାଳକଙ୍କ ଦୃଷ୍ଟିଶକ୍ତି ଦୁର୍ବଳ

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ଟ୍ରକ୍ ଚାଳକଙ୍କ ସମ୍ପର୍କରେ ଏକ ରିପୋର୍ଟ ସାମ୍ନାକୁ ଆସିଛି । ଭାରତରେ ପ୍ରାୟ ୫୫.୧ ପ୍ରତିଶତ ଟ୍ରକ୍ ଚାଳକଙ୍କ ଦୃଷ୍ଟିଶକ୍ତି ଖରାପ ଥିବା ବେଳେ ୫୩.୩ ପ୍ରତିଶତଙ୍କୁ ଦୂର ଦୃଷ୍ଟି ସଂଶୋଧନ ଏବଂ ୪୬.୭ ପ୍ରତିଶତଙ୍କୁ ନିକଟ ଦୃଷ୍ଟି ପାଇଁ ଚିକିତ୍ସାର ଆବଶ୍ୟକତା ରହିଛି । ଦିଲ୍ଲୀର ଆଇଆଇଟି ଦ୍ୱାରା ପ୍ରକାଶ ପାଇଛି ଏହି ରିପୋର୍ଟ । ରିପୋର୍ଟ ଅନୁଯାୟୀ, ଦେଶରେ ପ୍ରାୟ ୪୪.୩ ପ୍ରତିଶତ ଡ୍ରାଇଭରଙ୍କ ବଡି ମାସ୍ ଇଣ୍ଡେକ୍ସ ବା ବିଏମ୍‌ଆଇ ସୀମା ବା ତା'ଠାରୁ ଅଧିକ ଥିବା ବେଳେ ୫୭.୪ ପ୍ରତିଶତ ଡ୍ରାଇଭରଙ୍କ ଉଚ୍ଚ ରକ୍ତଚାପ ସମସ୍ୟା ଥିବାବେଳେ ୧୮.୪ ପ୍ରତିଶତ ଚାଳକଙ୍କ ରକ୍ତଶର୍କରା ଅଧିକ ରହିଛି । ଆଇଆଇଟି ଦିଲ୍ଲୀ ଫୋରସାଇଟ୍ ଫାଉଣ୍ଡେସନ ସହଯୋଗରେ ଏହି ରିପୋର୍ଟ ପ୍ରସ୍ତୁତ କରିଛି । ଏହି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଦେଶର ବିଭିନ୍ନ ରାଜ୍ୟର ଡ୍ରାଇଭରଙ୍କୁ ଯାଞ୍ଚ କରାଯାଇଥିଲା । ଏଥିରେ ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ ତାମିଲନାଡୁ ରାଜ୍ୟର ମୋଟ ୫୦ ହଜାର ଟ୍ରକ୍ ଡ୍ରାଇଭର ସାମିଲ ଥିଲେ । ପ୍ରାୟ ୩୩.୯ ପ୍ରତିଶତ ଟ୍ରକ୍ ଚାଳକ ମଧ୍ୟମ ମାନସିକ ଚାପରେ ଥିବା ବେଳେ ୨.୯ ପ୍ରତିଶତ ଲୋକ ମାନସିକ ଚାପରେ ରହୁଛନ୍ତି ।

# ୯୦ ପାଲେଷ୍ଟିନୀୟ କଏଦୀକୁ ଛାଡିବ ଇସ୍ରାଏଲ

**ଗାଜାସିଟି,୪।୨(ଏଜେନ୍ସି):** ଇସ୍ରାଏଲ ଓ ହମାସ ମଧ୍ୟରେ ହୋଇଥିବା ଯୁଦ୍ଧବିରତି ରାଜିନାମା ଅନୁସାରେ ଶନିବାର ଚତୁର୍ଥ ପର୍ଯ୍ୟାୟ ବନ୍ଦୀ ବିନିମୟ ହେବ। ହମାସ ନିଜ କବ୍ଜାରେ ରଖିଥିବା ୩ ଜଣ ଇସ୍ରାଏଲୀ ପଣବନ୍ଦୀ ଓଫର କାଲ୍ଡେରନ, କିଥ ସେଗେଲ (ଉଭୟେ ଆମେରିକୀୟ ନାଗରିକ) ଓ ୟାର୍ଡେନ ବିବାସ (ଫ୍ରାନ୍ସ ନାଗରିକ) ଙ୍କୁ ମୁକ୍ତ କରିବ। ଗାଜାରେ ରେଡକ୍ରସର ଇଣ୍ଟରନ୍ୟାସନାଲ କମିଟିକୁ ସେମାନଙ୍କୁ ହସ୍ତାନ୍ତର କରାଯିବ। ସେମାନଙ୍କ ତାଲିକା ହମାସ ପକ୍ଷରୁ ଇସ୍ରାଏଲକୁ ହସ୍ତାନ୍ତର କରାଯାଇଛି। ପ୍ରତିବଦଳରେ ଇସ୍ରାଏଲ ପ୍ରାୟ ୯୦ ଜଣ ପାଲେଷ୍ଟିନୀୟ କଏଦୀକୁ ଛାଡିବ। ସେମାନଙ୍କ ମଧ୍ୟରେ ୯ ଜଣ ଆଜୀବନ ସଜା କାଟୁଥିଲା ବେଳେ ଅନ୍ୟମାନଙ୍କୁ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଜେଲ୍‌ଦଣ୍ଡ ହୋଇଛି। ଉଭୟ ପକ୍ଷ ମଧ୍ୟରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ଯୁଦ୍ଧବିରତି ୪୨ ଦିନ ବଳବତ୍ତର ରହିବ। ଗତ ଜାନୁଆରୀ ୧୯ରୁ ଏହା ଲାଗୁ ହୋଇଛି। ଏହି ଯୁଦ୍ଧବିରତି ସମୟ ଭିତରେ ହମାସ ୩୩ ଜଣ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ଥିଲା ବେଳେ ପ୍ରତିବଦଳରେ ଇସ୍ରାଏଲ ୧୭୦୦-୨୦୦୦ ପାଲେଷ୍ଟିନୀୟ କଏଦୀଙ୍କୁ ଛାଡିବ।

# ୫୫ଟି ଆସନରେ ଜିତିବ ଆପ୍

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ଦିଲ୍ଲୀ ନିର୍ବାଚନ ପ୍ରଚାରର ଆଜି ଶେଷ ଦିନ । ଦିନକ ପରେ ଅର୍ଥାତ ଆସନ୍ତା ଫେବୃଆରି ୫ ତାରିଖରେ ହେବ ଭୋଟଗ୍ରହଣ । ଆଜିର ଶେଷ ନିର୍ବାଚନୀ ପ୍ରଚାରରେ ଭାଗ ନେଇ ଆପ୍(AAP) ମୁଖିଆ ଅରବିନ୍ଦ କେଜ୍ରିୱାଲ ପ୍ରଥମ ଥର ପାଇଁ ତାଙ୍କ ଦଳ ଦିଲ୍ଲୀରେ କେତେଟି ଆସନ ଜିତିବ ସେନେଇ ଦାବି କରିଛନ୍ତି । ଦିଲ୍ଲୀରେ ଥିବା ମୋଟ ୭୦ଟି ବିଧାନସଭା ଆସନରୁ ଆପ୍ ମୋଟ ୫୫ଟି ସିଟରେ ଜିତିବ ବୋଲି କେଜ୍ରିୱାଲ ଦାବି କରିଛନ୍ତି । ମୋ ଅନୁମାନ ଅନୁଯାୟୀ ଆମ୍ ଆଦମି ପାର୍ଟି ଚଳିତ ନିର୍ବାଚନରେ ମୋଟ ୫୫ଟି ସିଟ ହାତେଇବାକୁ ଯାଉଛି । କିନ୍ତୁ ଯଦି ମହିଳା ଭୋଟର ନିଜେ ଚାହାନ୍ତି କିମ୍ବା ତାଙ୍କ ଘର ଲୋକଙ୍କୁ ବୁଝାନ୍ତି ତେବେ ସିଟ ସଂଖ୍ୟା ୬୦ ଟପିବ ବୋଲି କେଜ୍ରିୱାଲ କହିଛନ୍ତି । ତେବେ ସୂଚନା ମୁତାବକ ୨୦୧୫ ନିର୍ବାଚନରେ ଆପ୍ ମୋଟ ୬୭ଟି ସିଟ ଜିତିଥିବା ବେଳେ ୨୦୨୦ ନିର୍ବାଚନରେ ମୋଟ୍ ୬୨ଟି ସିଟ୍ ଜିତିଥିଲା। ବିଜେପି ଦାବି କରୁଥିବା ନୂଆଦିଲ୍ଲୀ, କଲକାଜି ଓ ଜଙ୍ଗପୁରା ଆସନରେ ଆପ୍, ବିଜେପିକୁ ହାଇ ଭୋଲ୍ଟେଜ ଟକ୍କର ଦେବ। ନୂଆଦିଲ୍ଲୀ ଆସନରେ ଆପ୍ ବିପକ୍ଷ ଦଳମାନଙ୍କୁ ଐତିହାସିକ ବ୍ୟବଧାନରେ ପରାସ୍ତ କରିବ ବୋଲି କେଜ୍ରିୱାଲ କହିଛନ୍ତି। ତେବେ କେଜ୍ରିୱାଲ ନିଜେ ନୂଆଦିଲ୍ଲୀ ଆସନରୁ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଏହି ଆସନ ପାଇଁ ବିଜେପିର ପାର୍ଥି ପରଭେଶ ସିଂ ବର୍ମା ଓ କଂଗ୍ରେସ ପାର୍ଥି ସନ୍ଦୀପ ଦିକ୍ଷୀତ ତାଙ୍କ ସହ ପ୍ରତିଦ୍ୱନ୍ଦିତା କରୁଛନ୍ତି । ବର୍ତ୍ତମାନ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଥିବା ଅତୀଶି କଲକାଜି ଆସନରୁ ବିଜେପି ପାର୍ଥି ରମେଶ ବିଦୁରିଙ୍କ ବିପକ୍ଷରେ ଲଢୁଛନ୍ତି । ଅନ୍ୟପଟେ ଦିଲ୍ଲୀର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନିଷ ସିଶୋଦିଆ ଜଙ୍ଗପୁରା ଆସନରୁ ପୂର୍ବତନ ବିଧାୟକ ତଥା କଂଗ୍ରେସ ପାର୍ଥି ତରବିନ୍ଦର ସିଂ ମରୱାଙ୍କ ବିପକ୍ଷରେ ଲଢେଇ କରୁଛନ୍ତି । ଏହି ତିନୋଟି ଆସନ ଆପ୍ ପାଇଁ ସମ୍ମାନର ବିଷୟ ହୋଇଥିବା ବେଳେ ଆପ୍ ଏହି ତିନୋଟି ଆସନରେ ଜିତିବା ପାଇଁ ନିଜର ପ୍ରଚେଷ୍ଟା



ଜାରି ରଖିଛି । ଦିଲ୍ଲୀରେ ବର୍ତ୍ତମାନ ତ୍ରିମୁଖି ଲଢେଇ ଜାରି ରହିଛି । କେଜ୍ରିୱାଲଙ୍କ ଦଳ ଦିଲ୍ଲୀ ଆସନ ହାତେଇବା ପାଇଁ ସରକାର ବିରୋଧି ଲଢେଇ ଜାରି ରଖିଥିବା ବେଳେ, ବିଜେପି ଆପ୍ କୁ କ୍ଷମତାଚ୍ୟୁତ କରିବା ପାଇଁ ନିଜ ପ୍ରୟାଶ ଜାରି ରଖିଛି । ଅନ୍ୟପଟେ କଂଗ୍ରେସ ୧୫ ବର୍ଷ ଧରି ଶାସନ କରିଥିବା ନିଜ ପୁରୁଣା ଗଡକୁ ଫେରିପାଇବା ପାଇଁ ନିଜ ଉଦ୍ୟମ ଜାରି ରଖିଛି । ତେବେ ଆସନ୍ତା ୫ ତାରିଖରେ ସଂପୂର୍ଣ୍ଣ ଦିଲ୍ଲୀରେ ବିଧାନ ସଭା ନିର୍ବାଚନ ହେବାକୁ ଯାଉଛି । ଯାହାର ଫଳ ଫେବୃଆରି ୮ ତାରିଖରେ ପ୍ରକାଶ ପାଇବ । ତେବେ ଦିଲ୍ଲୀ ନିର୍ବାଚନରେ ନିଜ ଦଳ ଜିତିବା ନେଇ କେଜ୍ରିୱାଲ ଦୃଢ ଆଶା ବ୍ୟକ୍ତ କରିଥିବା ବେଳେ ମହିଳା ଭୋଟର ମାନଙ୍କ ଭୋଟ ଦିଲ୍ଲୀରେ କିଏ ଶାସନ କରିବ ତାହା ନିର୍ଦ୍ଧାରଣ କରିବ ବୋଲି ରିପୋର୍ଟ ପ୍ରକାଶ ପାଇଛି ।

# ଗଙ୍ଗାରେ ଶବ ଭସେଇଛନ୍ତି ଯୋଗୀ ସରକାର: ଜୟା ବଚ୍ଚନ

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ମହାକୁମ୍ଭ ଦଳାଚକଟାରେ ଅନେକ ଲୋକ ପ୍ରାଣ ହରେଇବା ପରେ, ଯୋଗୀ ସରକାର ଉପରେ କିଛି ଏଭଳି ଅଭିଯୋଗ କରିଛନ୍ତି ଲୋକପ୍ରିୟ ବଲିଉଡ୍ ଅଭିନେତ୍ରୀ ତଥା ସାଂସଦ ଜୟା ବଚ୍ଚନ । ସିଧା ସିଧା ଯୋଗୀ ସରକାରକୁ ଟାର୍ଗେଟ କରିବା ସହ, ମହାକୁମ୍ଭ ଦଳାଚକଟାରେ ଜୀବନ ହାରିଥିବା ଲୋକଙ୍କୁ ସରକାର ଗଙ୍ଗା ନଦୀରେ ଭସେଇ ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି ଜୟା । ସିଧା ସିଧା କହିଛନ୍ତି, ମହାକୁମ୍ଭ ଦଳାଚକଟାରେ ଜୀବନ ହାରିଥିବା ଲୋକଙ୍କ ଶବକୁ ନଦୀରେ ଫୋପାଡିଦେଲେ, ଯେଉଁ କାରଣରୁ ଗଙ୍ଗା ନଦୀର ପାଣି ଦୂଷିତ ହେଲା । ସରକାର ଏ ଦିଗରେ କିଛି ବି ଠୋସ୍ ଜବାବ ଦେଉନି, ଆଉ ଏ ମୁଦ୍ଦା ଉପରେ ପୂରାପୂରି ସରକାର ଚୁପ୍ ଅଛି ବୋଲି କହିବା ସହ, ଗମ୍ଭୀର ଅଭିଯୋଗ ଆଣିଛନ୍ତି ଜୟା ବଚ୍ଚନ । ଜୟା ବଚ୍ଚନ ଆହୁରି କହିଛନ୍ତି ଯେ, ମହାକୁମ୍ଭକୁ ନେଇ ସରକାର ମିଛ ଦାବି କରୁଛି । ଭିଆଇପିମାନଙ୍କୁ ବିଶେଷ ସୁବିଧା ମିଳୁଥିବାବେଳେ, ସାଧାରଣ ଲୋକଙ୍କ ପାଇଁ କିନ୍ତୁ କିଛି ବି ସୁବିଧା ନାହିଁ । ଯେଉଁ ଲୋକମାନେ ଗରିବ, ମହାକୁମ୍ଭରେ କିଛି ବି ବ୍ୟବସ୍ଥା ନାହିଁ ବୋଲି କହି, ଯୋଗୀ ସରକାରକୁ ତୀର ମାରିଛନ୍ତି ଜୟା । ଆଉ ସେପଟେ ଜୟାଙ୍କ ଏଭଳି ସାଙ୍ଘାତିକ ଅଭିଯୋଗ ପରେ, ବିଜେପି ସାଂସଦ ରବିଶଙ୍କର ପ୍ରସାଦ ଲୋକସଭାରେ ହିଁ ଏହାର ଜବାବ ଦେଇଛନ୍ତି । କହିଛନ୍ତି, ମହାକୁମ୍ଭ ଘଟଣାର ଯାଞ୍ଚ ଚାଲିଛି, ଆଉ ଏ ଘଟଣାରେ ଷଡଯନ୍ତ୍ରର ଗନ୍ଧ ମିଳୁଛି । ଗତ ଜାନୁୟାରୀ ୨୯ ତାରିଖ,ମହାକୁମ୍ଭ ମୌନୀ ଅମାବାସ୍ୟା ସମୟରେ ପ୍ରୟାଗ ସଙ୍ଗମରେ ଦଳାଚକଟା ହେଇଥିଲା । ଯେଉଁଥିରେ ୩୦ରୁ ଅଧିକ ଲୋକ ଜୀବନ ହାରିଥିଲେ । ୬୦ ଅଧିକ ଲୋକ ଏହି ଘଟଣାରେ ଆହତ ହେଇଥିଲାବେଳେ,ଏହାକୁ ପ୍ରସଙ୍ଗ କରି ଏବେ ସରକାରକୁ ଘେରିବା ଆରମ୍ଭ କରିଛନ୍ତି ବିରୋଧୀ ।

# ଭାରତ-ପାକିସ୍ତାନ ମ୍ୟାଚ୍‌ରେ ଟିକେଟ ଦାମ ଆକାଶଛୁଆଁ





ଦୁବାଇ,୪।୨: ବିକ୍ରି ଆରମ୍ଭ ହେବାର କିଛି ମିନିଟ ମଧ୍ୟରେ ଶେଷ ହୋଇଯାଇଛି। ଭାରତ-ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ୍‌ର ଟିକେଟ ସୋମବାର ସନ୍ଧ୍ୟାରେ ମ୍ୟାଚ୍ ପାଇଁ ଟିକେଟ ବିକ୍ରି ଆରମ୍ଭ ହୋଇଥିଲା। କିନ୍ତୁ ବିକ୍ରି ଆରମ୍ଭ ହେବାର ମାତ୍ର ୨୦ ମିନିଟଚ ମଧ୍ୟରେ ସବୁ ଟିକେଟ ଶେଷ ହୋଇଯାଇଛି। ଦୁବାଇରେ ଖେଳା ଯାଉଥିବା ମ୍ୟାଚ ପାଇଁ ଫ୍ୟାନ୍ସ ଏତେ ଉତ୍ସାହିତ ରହିଥିଲେ ଯେ ପ୍ରାୟ ୧,୫୦,୦୦୦ କ୍ରିକେଟ ପ୍ରେମୀ ଅନଲାଇନରେ ନିଜର ନମ୍ବର ଆସିବା ଯାଏ ଧାଡ଼ି ବାନ୍ଧି ଅପେକ୍ଷା କରି ରହିଥିଲେ। ସେମାନେ ଟିକେଟ ଆଶାରେ ଘଣ୍ଟା ଘଣ୍ଟା ସମୟ ଅପେକ୍ଷା କରିଥିଲେ ହେଁ ଅଧିକାଂଶ ଫ୍ୟାନ୍ସଙ୍କୁ ନିରାଶ ହେବାକୁ ପଡ଼ିଛି।

ଚାମ୍ପିୟନ୍ସ ଟ୍ରଫି ହାଇବ୍ରିଡ ମଡେଲରେ ଖେଳା ଯାଉଛି ଭାରତ ତାର ମ୍ୟାଚଗୁଡ଼ିକ ପାକିସ୍ତାନ ବଦଳରେ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳିବ। ଏହା ଫେବୃଆରୀ ୨୩ରେ ଅନୁଷ୍ଠିତ ହେବ। ଗ୍ରୁପ ଷ୍ଟେଜର ଏହି ଭାରତ ଓ ପାକିସ୍ତାନ ମ୍ୟାଚ୍‌କୁ ଦେଖିବା ପାଇଁ ଫ୍ୟାନ୍ସ ଏବେ ଠାରୁ ଚାତକ ଭଳି ଅପେକ୍ଷା କରି ରହିଛନ୍ତି।

ସ୍ଥାନୀୟ ଲୋକ ଓ କ୍ରିକେଟ ପ୍ରେମୀ ଭାରତ-ପାକିସ୍ତାନ ମ୍ୟାଚ୍‌ର ଟିକେଟ ପାଇଁ ଥିବା ଉତ୍ସାହକୁ ଦେଖି ପୂରା ଚକିତ ହୋଇଯାଇଛନ୍ତି। ଦୁବାଇରେ ରହୁଥିବା ସୁଧାଶ୍ରୀ କହିଛନ୍ତି, ମୁଁ ଲମ୍ବା ଧାଡ଼ିର ଆଶା କରିଥିଲି। କିନ୍ତୁ ଯେଉଁଭଳି ଦ୍ରୁତଗତିରେ ଟିକେଟ ଶେଷ ହୋଇଗଲା, ତାହା ଆଶ୍ଚର୍ଯ୍ୟଜନକ ମୁଁ ଟିକେଟ ବୁକିଂ ପାଇଁ ସ୍ଲଟ ପାଇବା ବେଳେ କେବଳ ଦୁଇଟି ବର୍ଗର ଟିକେଟ ରହିଥିଲା। କିନ୍ତୁ ଉଭୟ ବର୍ଗର ଟିକେଟ ଦାମ ମୋ ବଜେଟ ବାହାରେ ରହିଥିଲା।

ଫ୍ୟାନ୍ସ ପାଇଁ ଘଣ୍ଟା ଘଣ୍ଟା ଧରି ଟିକେଟ ପାଇଁ ଅପେକ୍ଷା କରିଥିଲେ। ସବୁ ବର୍ଗର ଟିକେଟ ମାତ୍ର କିଛି ମିନିଟରେ ବିକ୍ରି ହୋଇଯାଇଥିଲା। ଏହା ମଧ୍ୟରେ ଥିବା ୪୭,୪୩୪ ଟଙ୍କିଆ ପ୍ଲାଟିନମ ଓ ୧.୮ ଲକ୍ଷ ଟଙ୍କିଆ ଗ୍ରାଣ୍ଡ ଲାଉଞ୍ଜ ସେକସନ ଟିକେଟ ପାଇଁ ମଧ୍ୟ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଛି। ଟିକେଟ ଦାମ ୧ ଲକ୍ଷରୁ ଅଧିକ ହୋଇଥିଲେ ହେଁ, ସେଗୁଡ଼ିକୁ ମଧ୍ୟ ଲୋକମାନେ ଆଖି ପିଛୁଳାକେ କିଣି ନେଇଛନ୍ତି। ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମର କ୍ଷମତା ମାତ୍ର ୨୫ ହଜାର। ତେଣୁ ଏହାକୁ ନେବାକୁ ଫ୍ୟାନ୍ସମାନେ ବେଶ ବ୍ୟାକୁଳ ହୋଇପଡ଼ିଥିଲେ।

ଭାରତ-ପାକିସ୍ତାନ ମ୍ୟାଚ୍‌ରେ କେବଳ ଜୋରଦାର କ୍ରିକେଟ ଲଢ଼େଇ ଦେଖିବାକୁ ମିଳେନାହିଁ, ବରଂ ଏହା ଅର୍ଥନୀତିକ କାର୍ଯ୍ୟକ୍ରମକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ମ୍ୟାଚ ପାଇଁ ଦର୍ଶକଙ୍କ ସଂଖ୍ୟା ବଢୁଥିବାରୁ ସ୍ଥାନୀୟ ଅଞ୍ଚଳରେ ହୋଟେଲ, ଗାର୍ଡ଼ି ଓ ପର୍ଯ୍ୟଟନ ଶିଳ୍ପର ଚାହିଦା ବଢ଼ିଥାଏ। ସ୍ଥିତିକୁ ଦେଖି ହୋଟେଲ ବୁକିଂ ଦାମ ଓ ବିମାନ ଟିକେଟର ମୂଲ୍ୟ ମଧ୍ୟ ବଢ଼ିବାରେ ଲାଗିଲାଣି।

ଦିନିକିଆ ଫର୍ମାଟରେ ଖେଳାଯାଉଥିବା ଚାମ୍ପିୟନ୍ସ ଟ୍ରଫିର ଆୟୋଜନ ପାକିସ୍ତାନ କରୁଛି। କିନ୍ତୁ ଭାରତ ସେଠାକୁ ଯିବାକୁ ମନା କରିବାରୁ ଏବେ ନିଜର ମ୍ୟାଚଗୁଡ଼ିକ ଦୁବାଇରେ ଖେଳିବ। ଟୁର୍ଣ୍ଣାମେଣ୍ଟ ୧୯ ତାରିଖରୁ ଆରମ୍ଭ ହେଉଛି। ସେହିପରି ୧୯ ଦିନ ମଧ୍ୟରେ ୮ଟି ଯାକ ଟପ୍ ଟିମ ୧୫ଟି ମ୍ୟାଚ୍ ଖେଳିବେ।

ଗ୍ରୁପ ଏରେ ଭାରତ ଓ ପାକିସ୍ତାନ ବ୍ୟତୀତ ବାଂଲାଦେଶ ଏବଂ ନ୍ୟୁଜିଲ୍ୟାଣ୍ଡ ରହିଛନ୍ତି। ସେହିପରି ଗ୍ରୁପ ବିରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ ଓ ଆଫଗାନିସ୍ତାନ ଅଛନ୍ତି। ଆୟୋଜକ ପାକିସ୍ତାନ ଡିଫେଣ୍ଡିଂ ଚାମ୍ପିୟନ ଭାବେ ଟୁର୍ଣ୍ଣାମେଣ୍ଟରେ ପ୍ରବେଶ କରିବ। କାରଣ ୨୦୧୭ରେ ଖେଳା ଯାଇଥିବା ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଦଳ ପ୍ରତିପକ୍ଷ ଭାରତକୁ ହରାଇ ଦେଇ ଟ୍ରଫି ଜିତିଥିଲା। ପାକିସ୍ତାନ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଖେଳିବ। ୧୯୯୬ ବିଶ୍ବକପ ପରେ ପାକିସ୍ତାନ ନିଜ ଦେଶରେ କୌଣସି ଆଇସିସି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଯାଉଛି।

## ୧୫ରୁ କଳିଙ୍ଗରେ ହକି ଫିଭର

### ଦର୍ଶକଙ୍କ ପାଇଁ ଫ୍ରି ଟିକେଟ

ଭୁବନେଶ୍ୱର,୪।୨: ଓଡ଼ିଶା ହକି ପ୍ରେମୀଙ୍କ ପାଇଁ ଭଲ ଖବର କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଆସନ୍ତା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଦର୍ଶକମାନେ ମାଗଣାରେ ସେମାନଙ୍କ ପ୍ରିୟ ହକି ତାରକାଙ୍କ ଆକ୍ସନକୁ ଉପଭୋଗ କରିପାରିବେ। ହକି ଇଣ୍ଡିଆ। ପକ୍ଷରୁ ସୋମବାର ଏହା ଘୋଷଣା କରାଯାଇଛି।



କଳିଙ୍ଗରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ଲିଗ୍ ଚଳିତ ମାସ ୧୫ରୁ ଆରମ୍ଭ ହୋଇ ୨୫ ପର୍ଯ୍ୟନ୍ତ ଚାଲିବ। ଷ୍ଟାଡିୟମରେ ଏକ ଫ୍ୟାନ-ଫ୍ରେଣ୍ଡଲୀ ପରିବେଶ ସୃଷ୍ଟି କରିବାକୁ ହକି ଇଣ୍ଡିଆ। ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଦର୍ଶକମାନେ www.ticketgenie.inରେ ନିଜ ସମ୍ପର୍କରେ ସବିଶେଷ ବିବରଣୀ ଦେଇ ଅତି ସହଜରେ ସହଜରେ ଭର୍ଚୁଆଲ ଟିକେଟ ହାସଲ କରିପାରିବେ। ଟିକେଟ ପାଇଁ କୌଣସି ଦାମ୍ ଦେବାକୁ ପଡୁ ନ ଥିବାରୁ ରିଡେମ୍ପଶନର ଆବଶ୍ୟକତା ନାହିଁ ନିଜ ଭର୍ଚୁଆଲ ଟିକେଟ ଦେଖାଇ ଦର୍ଶକମାନେ ସହଜରେ ଷ୍ଟାଡିୟମରେ ପ୍ରବେଶ କରିପାରିବେ।

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଭୁବନେଶ୍ୱର ଚରଣରେ ଭାରତ ପୁରୁଷ ବର୍ଗରେ ଇଂଲଣ୍ଡ, ସ୍ପେନ, ଜର୍ମାନୀ, ଆୟର୍ଲାଣ୍ଡ ସହିତ ମୁକାବିଲା କରିବ ସେହିପରି ଭାରତୀୟ ମହିଳା ଦଳ ଜର୍ମାନୀ, ଇଂଲଣ୍ଡ, ନେଦରଲାଣ୍ଡ୍ସ ଓ ସ୍ପେନ୍ ସହିତ ଖେଳିବ ପ୍ରତ୍ୟେକ ଦଳ ପରସ୍ପରକୁ ୨ଟି ଲେଖାଏ ମ୍ୟାଚରେ ଭେଟିବେ ୧୫ ତାରିଖରେ ଭାରତୀୟ ମହିଳା ଦଳ ଇଂଲଣ୍ଡ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ସେହିଦିନ ସ୍ପେନ୍ ବିପକ୍ଷରେ ଖେଳିବ ଭାରତୀୟ ପୁରୁଷ ଦଳ।

# ଦିନିକିଆ ସିରିଜ୍‌ରୁ ବୁମରା ବିଦା, ବରୁଣ ସାମିଲ

**ନୂଆଦିଲ୍ଲୀ,୪।୨(ଏଜେନ୍ସି):** ଚାମ୍ପିୟନ ଟ୍ରଫି ପୂର୍ବରୁ ଟିମ୍ ଇଣ୍ଡିଆ ପାଇଁ ଅଶୁଭ ସଂକେତ ଫିଟ୍ ନାହାନ୍ତି ଟିମ୍ ଇଣ୍ଡିଆର ଷ୍ଟାର୍ ପେସର୍ ଜସପ୍ରୀତ ବୁମରା ଫିଟ୍‌ନେସ କାରଣରୁ ଫେବ୍ରୁଆରୀ ୬ରୁ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରୁ ବୁମରାଙ୍କୁ ଟିମ୍‌ରୁ ହଟାଇ ଦିଆଯାଇଛି। ମଙ୍ଗଳବାର(ଫେବ୍ରୁଆରୀ ୪) ବିସିସିଆଇ ଜାରି କରିଥିବା ସଂଶୋଧିତ ଦିନିକିଆ ଟିମ୍‌ରେ ବୁମରାଙ୍କୁ ସ୍ଥାନ ମିଳି ନାହିଁ। ଏହା ପୂର୍ବରୁ ତାଙ୍କୁ ଦିନିକିଆ ସିରିଜ୍‌ର ଶେଷ ତଥା ତୃତୀୟ ମ୍ୟାଚ୍‌ରେ ସାମିଲ୍ କରାଯାଇଥିଲା ।ଏହାପରେ ସେ ଇଂଲଣ୍ଡ ବିପକ୍ଷ ଦିନିକିଆ। ସିରିଜର ଶେଷ ମ୍ୟାଚ୍ ଖେଳି ପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା ହେଲେ ମଙ୍ଗଳବାର ବିସିସିଆଇ ନୂଆ ସଂଶୋଧିତ ଟିମ୍ ତାଲିକା ଜାରି କରିଛି। ଏଥିରେ ବୁମରାଙ୍କ ବଦଳରେ ବରୁଣ ଚକ୍ରବର୍ତ୍ତୀଙ୍କୁ ସାମିଲ୍ କରାଯାଇଛି।

କେବଳ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ନୁହେଁ, ବୁମରା ଏବେ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଖେଳିବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ସୋମବାର ବୁମରାହଙ୍କ ସମ୍ପର୍କରେ ମିଡିଆରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଥିଲେ ଯେ ବୁମରା ବର୍ତ୍ତମାନ ବେଙ୍ଗାଲୁରୁର ଜାତୀୟ କ୍ରିକେଟ୍ ଏକାଡେମୀରେ ଅଛନ୍ତି ।ସେଠାରେ ତାଙ୍କର ଫିଟନେସ୍ ପରୀକ୍ଷା କରାଯିବ। ବର୍ତ୍ତମାନ ସେ ଏକ ଡାକ୍ତରୀ ଦଳର ତତ୍ତ୍ୱାବଧାନରେ ରହିବେ।

ଟାଇମ୍ସ ଅଫ୍ ଇଣ୍ଡିଆରେ ପ୍ରକାଶିତ ରିପୋର୍ଟରେ ଅନୁସାରେ ଜସପ୍ରିତ ବୁମରା ବର୍ତ୍ତମାନ ୨-୩ ଦିନ ପାଇଁ ବିଶେଷଜ୍ଞଙ୍କ ନିରୀକ୍ଷଣରେ ରହିବେ ଫିଟ୍‌ନେସ ସମ୍ପର୍କିତ ସମ୍ପୂର୍ଣ୍ଣ ପରୀକ୍ଷା ନିରୀକ୍ଷା କରିବା ପରେ ହିଁ ରିପୋର୍ଟ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟିକୁ ପଠାଯିବ।

ସେପଟେ ଚାମ୍ପିୟନ୍ସ ଟ୍ରଫି ପାଇଁ ଖେଳାଳି ଚୟନ ଶେଷ ତାରିଖ ପାଖେଇ ଆସୁଛି ହାତରେ ମାତ୍ର ଆଉ ସପ୍ତାହେ ସମୟ ରହିଛି। କାରଣ ଆଇସିସିର ନିର୍ଦ୍ଦେଶ ଅନୁସାରେ ଦଳଗୁଡ଼ିକ ଫେବ୍ରୁଆରୀ ୧୨ ତାରିଖ ସୁଦ୍ଧା ନିଜ ଦଳରେ ପରିବର୍ତ୍ତନ କରିପାରିବେ ତେଣୁ ମଙ୍ଗଳବାର ୪ ତାରିଖ ହୋଇଗଲାଣି। ହାତରେ ମାତ୍ର ଆଉ ୮ ଦିନ ତେଣୁ ଚାମ୍ପିୟନ୍ସ ଟ୍ରଫିରେ ବୁମରାଙ୍କୁ ଦଳରେ ସାମିଲ୍ କରାଯିବ କି ନାହିଁ। ଏହି ୮ ଦିନ ଭିତରେ ବିସିସିଆଇ ଚୟନ କମିଟିକୁ ନିଷ୍ପତ୍ତି ନେବାକୁ ପଡ଼ିବ ।

ସେପଟେ ବିସିସିଆଇ ଜାରି କରିଥିବା ସଂଶୋଧିତ ତାଲିକାରେ ବରୁଣ ଚକ୍ରବର୍ତ୍ତୀଙ୍କୁ ସାମିଲ୍ କରାଯାଇଛି। ବରୁଣ ଦିନିକିଆ। ଫର୍ମାଟ୍‌ରେ ପ୍ରଥମ ଥର ଟିମ୍ ଇଣ୍ଡିଆ। ପାଇଁ ପ୍ରତିନିଧି କରିବେ ଏହା ପୂର୍ବରୁ ସେ କୌଣସି ଦିନିକିଆ। ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ନାହାନ୍ତି ।

ହୋଇଥିବା ନୂଆ ପରିବର୍ତ୍ତନରେ ଚାମ୍ପିୟନ୍ସ ଟ୍ରଫି ପାଇଁ ୧୬ ଜଣିଆ ଭାରତୀୟ ଦଳରେ ୫ ଜଣ ସ୍ପିନର ହୋଇ ଯାଇଛନ୍ତି। ସେମାନେ ହେଲେ- ରବିନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର ଏବଂ ବରୁଣ ଚକ୍ରବର୍ତ୍ତୀ ।

**ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପାଇଁ ସଂଶୋଧିତ ଭାରତୀୟ ଦଳ-**

ରୋହିତ ଶର୍ମା (ଅଧିନାୟକ), ଶୁଭମନ ଗିଲ (ଉପଅଧିନାୟକ), ଯଶସ୍ୱୀ ଜୈସ୍ୱାଲ, ବିରାଟ କୋହଲି, ଶ୍ରେୟସ୍ ଆୟର, କେ.ଏଲ୍ ରାହୁଲ (ଡବ୍ଲୁ.କେ) ଋଷଭ ପନ୍ତ (ୱିକେଟ କିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବିନ୍ଦ୍ର ଜାଡେଜା, ୱାଶିଂଟନ୍ ସୁନ୍ଦର, ଅକ୍ଷର ପଟେଲ, କୁଲଦୀପ ଯାଦବ, ହର୍ଷିତ ରାଣା, ମୋହମ୍ମଦ୍ ଶାମୀ, ଅର୍ଶଦୀପ ସିଂ, ବରୁଣ ଚକ୍ରବର୍ତ୍ତୀ।

## ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରାକ୍ଲବ୍ କ୍ରିକେଟ

# ରାଇଜିଂଷ୍ଟାର କ୍ଲବ୍ ବିଜୟୀ

ଖୋର୍ଦ୍ଧା,୪।୨: ଓଡ଼ିଶା କ୍ରିକେଟ ଆସୋସିଏସନ୍ ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବି ଜେ ବି ହାଇସ୍କୁଲ ପଡିଆ। ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଅନୁକୁଲ୍ୟରେ ତ୍ରୟୋଦଶ ଦିବସ ଖେଳରେ ରାଇଜିଂଷ୍ଟାର କ୍ରିକେଟ କ୍ଲବ୍ କୁମାରବସ୍ତ ବ୍ଲ୍ୟୁ ବାର୍ଡ କ୍ରିକେଟ କ୍ଲବ୍ ,ଗୁରୁଜଙ୍ଗ କୁ ୪୭ ରନ ରେ ପରାସ୍ତ କରିଛି। ଟସ୍ ରେ ବିଜୟ ହୋଇ ରାଇଜିଂଷ୍ଟାର ଦଳ ପ୍ରଥମେ ବ୍ୟାଟିଂ କରି ୪୦ ଓଭର ରେ ୮ ଟି ୱିକେଟ୍ ହରାଇ ୧୭୨ ରନ କରିଥିଲେ। ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ମହାପାତ୍ର ୭୮ ରନ୍ କରିଥିବାବେଳେ ବ୍ଲ୍ୟୁ ବାର୍ଡ ତରଫରୁ ଆଶୁତୋଷ ଜେନା ଓ ରୁଦ୍ର ମଲ୍ଲିକ ୨ ଟି ଲେଖାଏଁ ୱିକେଟ ନେଇଥିଲେ ।ଜବାବରେ ବ୍ଲୁ ବାର୍ଡ , ଗୁରୁଜଙ୍ଗ ଦଳ ୨୮.୪ ଓଭର ରେ ସମସ୍ତ ୱିକେଟ୍ ହରାଇ ୧୨୫ ରନ୍ ରେ ସୀମିତ ରହିଥିଲେ। ଗୁରୁଜଂଗ ପକ୍ଷରୁ ଆଶୁତୋଷ ସିଂ ୪୩ ରନ ସଂଗ୍ରହ କରିଥିଲେ ଏବଂ କୁମାରବସ୍ତ ପକ୍ଷରୁ ପ୍ରୀୟାନ୍ସୁ ଦାସ ୪ ଟି ୱିକେଟ ନେଇଥିଲେ। ଖେଳକୁ ସରୋଜ ପାତ୍ର ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜିତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ। ବ୍ରିଜେଶ ପ୍ରଧାନ ମ୍ୟାଚ୍ ରେଫରି ଏବଂ ଦେବ ପ୍ରସାଦ ସାମନ୍ତରାୟ ଏହି ମ୍ୟାଚ୍ ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ। କେ ଟି ଗ୍ଲୋବାଲ କ୍ରିକେଟ କ୍ଲବ୍ ବନାମ ଜଟଣୀ କ୍ରିକେଟ ଏକାଡେମୀ ମଧ୍ୟରେ ମ୍ୟାଚ୍ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି।



## ପୁଣି ଆରସିବିର ଅଧିନାୟକ ହେବେ କି କୋହଲି !

ବେଙ୍ଗାଲୁରୁ,୪।୨: ବିରାଟ କୋହଲି ଆଇପିଏଲରେ ଦୀର୍ଘ ସମୟ ଧରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଅଧିନାୟକ ଥିଲେ। ବିରାଟ କୋହଲିଙ୍କ ପରେ, ଫାଫ ଡୁ ପ୍ଲେସିସ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଅଧିନାୟକତ୍ୱ ଗ୍ରହଣ କରିଥିଲେ। କିନ୍ତୁ ଏବେ ଫ୍ରାଞ୍ଚାଇଜ ଦକ୍ଷିଣ ଆଫ୍ରିକୀୟ କିମ୍ବଦନ୍ତୀଙ୍କୁ ରିଲିଜ୍ କରିଛି। ଆଇପିଏଲ୍ ୨୦୨୫ ସିଜିନ ଆରମ୍ଭ ହେବା ପୂର୍ବରୁ, ବଡ଼ ପ୍ରଶ୍ନ ହେଉଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଅଧିନାୟକ କିଏ ହେବେ? ବିରାଟ କୋହଲି ପୁଣି ଥରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଅଧିନାୟକତ୍ୱ କରିବେ କି? ଏହି ପ୍ରଶ୍ନ ଉପରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବଡ଼ ସଙ୍କେତ ଦେଇଛି ଆରସିବିର ଉପାଧ୍ୟକ୍ଷ ଏବଂ ମୁଖ୍ୟ ରାଜେଶ ମେନନ ଏକ ସାକ୍ଷାତକାରରେ ଅନେକ ଦିଗ ଉପରେ ପ୍ରତିକ୍ରିୟା ଦେଇଛନ୍ତି। ଏକ ସାକ୍ଷାତକାରରେ ରାଜେଶ ମେନନ କହିଛନ୍ତି, ଆମର ଅଧିନାୟକ କିଏ ହେବେ ତାହା ଆମେ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହୁଁ, କିନ୍ତୁ ଆମ ଦଳରେ ୪-୫ ଜଣ ଖେଳାଳି ଅଛନ୍ତି, ଯେଉଁମାନେ ଅଧିନାୟକ ହେବାକୁ ସକ୍ଷମ ଆମେ ଆଲୋଚନା କରି ଏକ ନିଷ୍କର୍ଷରେ ପହଞ୍ଚିବୁ ଆମ ଦଳର ସବୁଠାରୁ ସଫଳ ଅଧିନାୟକ ବିରାଟ କୋହଲି ହୋଇଛନ୍ତି, ସେ ୧୪୩ଟି ମ୍ୟାଚ୍‌ରେ ଆମ ଦଳର ନେତୃତ୍ୱ ନେଇଥିଲେ, ଯେଉଁଥିରେ ଆମେ ୬୬ଟି ମ୍ୟାଚ ଜିତିଥିଲୁ ଏହାସହ ୭୦ଟି ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହୋଇଥିଲୁ। ଆଇପିଏଲ୍ ମେଗା ନିଲାମରେ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଫିଲ ସଲ୍ଟ, ଲିଆମ ଲିଭିଂଷ୍ଟୋନ, ଜାକବ ବେଥେଲ, ଟିମ ଡେଭିଡ, ଭୁବନେଶ୍ୱର କୁମାର, ଜିତେଶ ଶର୍ମା, ଦେବଦତ୍ତ ପାଡିକ୍କଲ ଏବଂ ଜୋଶ ହାଜେଲଉଡ ଭଳି ଖେଳାଳିଙ୍କୁ ସାମିଲ କରିଛି।



# କ୍ରିକେଟ୍‌ରୁ ଅବସର ନେଲେ କରୁଣାରତ୍ନେ

କଲମ୍ବୋ,୪।୨: ପାଖାପାଖି ଦେଢ଼ ଦଶନ୍ଧି ଧରି ଶ୍ରୀଲଙ୍କା କ୍ରିକେଟ ଦଳର ସେବା କରିଥିବା ଦିମୁଥ କରୁଣାରତ୍ନେ ଅବସର ଘୋଷଣା କରିଛନ୍ତି। ଗାଲେ ଷ୍ଟାଡିୟମରେ ଅଷ୍ଟ୍ରେଲିଆ। ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ ପରେ ସେ ଅବସର ନେବେ। କରୁଣାରତ୍ନେ ଜଣେ ଓପନିଂ ବ୍ୟାଟ୍ସମ୍ୟାନ ଭାବରେ ନିଜର ପରିଚୟ ସୃଷ୍ଟି କରିଛନ୍ତି ଏବଂ ଅଷ୍ଟ୍ରେଲିଆ। ବିପକ୍ଷ ଏହି ଆଗାମୀ ମ୍ୟାଚ ମଧ୍ୟ ତାଙ୍କ କ୍ୟାରିୟରର ୧୦୦ତମ ଟେଷ୍ଟ ମ୍ୟାଚ ହେବ। ଅନ୍ତର୍ଜାତୀୟ କ୍ୟାରିୟରରେ ସେ ୮ ହଜାରରୁ ଅଧିକ ରନ କରିଛନ୍ତି।

ଦିମୁଥ କରୁଣାରତ୍ନେ କହିଛନ୍ତି, ସେ ତାଙ୍କର ୧୦୦ତମ ଟେଷ୍ଟ ମ୍ୟାଚ ଖେଳିବା ପରେ ସମସ୍ତ ପ୍ରକାର କ୍ରିକେଟରୁ ଅବସର ନେବେ। ଅବସର ପରେ ସେ ଶ୍ରୀଲଙ୍କା ଛାଡ଼ି ଆସନ୍ତା ମାସରେ ପରିବାର ସହ ଅଷ୍ଟ୍ରେଲିଆ। ଯିବେ ବୋଲି ସେ ପ୍ରକାଶ କରିଛନ୍ତି। ମେଜର କ୍ଲବ ତିନିଦିନିଆ ଟୁର୍ନାମେଣ୍ଟରେ କରୁଣାରତ୍ନେ ନିଜର ଶେଷ ମ୍ୟାଚ ଖେଳିବାକୁ ଯାଉଛନ୍ତି ।ଫେବ୍ରୁଆରୀ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ସିଂହଳୀଜ୍ ଓ ନାଦେସ୍କକ୍ରିପ୍ଟସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚରେ ସେ ଭାଗ ନେବେ।

ଦିମୁଥ କରୁଣାରତ୍ନେ ଅବସର ନେବା ପରେ କହିଛନ୍ତି, ଯଦି ଜଣେ ଖେଳାଳି ବର୍ଷକୁ ମାତ୍ର ୪ଟି ଟେଷ୍ଟ ମ୍ୟାଚ ଖେଳନ୍ତି ତେବେ ଫର୍ମ ବଜାୟ ରଖିବା ଏବଂ ଉତ୍ସାହିତ ରହିବା କଷ୍ଟକର ଗତ ୨-୩ ବର୍ଷ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଆରମ୍ଭ ହେବା ପରଠାରୁ ଆମେ ବହୁତ କମ ଦ୍ୱିପାକ୍ଷିକ ଶୃଙ୍ଖଳା ଖେଳିଛୁ। ମୋର ବର୍ତ୍ତମାନର ଫର୍ମ, ୧୦୦ତମ ଟେଷ୍ଟ ଏବଂ ୨୦୨୩-୨୫ ଡବ୍ଲ୍ୟୁଟିସି ସିଜିନ ଶେଷ ହେବା ମଧ୍ୟ ମୋର ଅବସର ନିଷ୍ପତ୍ତି ପଛରେ ରହିଛି। ମୁଁ ଭାବୁଛି ଅବସର ପାଇଁ ଏହା ହେଉଛି ଉପଯୁକ୍ତ ସମୟ।

ଦିମୁଥ କରୁଣାରତ୍ନେ ୨୦୧୧ରେ ଶ୍ରୀଲଙ୍କା ପକ୍ଷରୁ ଦିନିକିଆ। ମ୍ୟାଚ ଖେଳି ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ ନିଜ କ୍ୟାରିୟରରେ ସେ ୯୯ ଟେଷ୍ଟ ମ୍ୟାଚ ଖେଳି ୭୧୭୨ ରନ କରିଛନ୍ତି। ସେ ନିଜ ଟେଷ୍ଟ କ୍ୟାରିୟରରେ ୧୬ଟି ଶତକ ଓ ୩୯ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଦିନିକିଆ। କ୍ୟାରିୟରରେ ସେ ୫୦ ମ୍ୟାଚ ଖେଳି ମୋଟ ୧୩୧୬ ରନ କରିଛନ୍ତି। ଦିନିକିଆ। ମ୍ୟାଚରେ ତାଙ୍କର ଗୋଟିଏ ଶତକ ଓ ୧୧ଟି ଅର୍ଦ୍ଧଶତକ ରହିଛି। ଦୀର୍ଘ ୧୪ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ସେ ୮ ହଜାରରୁ ଅଧିକ ରନ କରିବା ସହ ୧୭ଟି ଶତକ ହାସଲ କରିଛନ୍ତି।

## ରାଜ୍ୟ ପୋଲିସ୍ କ୍ରିକେଟ୍ ଦଳରେ ଖୋର୍ଦ୍ଧାର ଅସିତ କୁମାର ଦାସ



ଖୋର୍ଦ୍ଧା,୪।୨: ନିଜର କର୍ମଦକ୍ଷତା ପାଇଁ ରାଜ୍ୟ ପୋଲିସ ଟିମ୍ କୁ ମନୋନୀତ ହେଲେ ଖୋରଧା ର ପୋଲସ କନେଷ୍ଟବଳ ଅସିତ କୁମାର ଦାସ ଖୋର୍ଦ୍ଧା ଉପର ସାହିର ପ୍ରତାପ କୁମାର ଓ ମମତା ଦାସ ଙ୍କ ଏକମାତ୍ର ପୁତ୍ର ଅସିତ ପିଲାଟି ଦିନରୁ ଖେଳ ପ୍ରତି ତାଙ୍କର ଥିଲା ରୁଚି ବିଭିନ୍ନ ସ୍ଥାନରେ ଆୟୋଜିତ କ୍ରିକେଟ୍ ଖେଳରେ ବିଭିନ୍ନ ଦଳ ରେ ସାମିଲ ହେଉଥିଲେ ସେ ତାଙ୍କର ଚେଷ୍ଟା, ନିଷ୍ଠା , କର୍ମଦକ୍ଷତା ତାଙ୍କୁ ନେଲା ଗ୍ରାମାଞ୍ଚଳରୁ ରାଜ୍ୟ ସ୍ତରକୁ.ପାଇଲେ ସଫଳତା ଅସିତ ଏସ୍ ଓ ଜି ଟ୍ରେନିଂ ପରେ ଖୋର୍ଦ୍ଧା ର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଙ୍କ ପି ଏସ ଓ ଭାବେ କାର୍ଯ୍ୟ କରିଥିଲେଆ।ସାମ ଜୋନାଲ ସ୍ତରୀୟ କ୍ରିକେଟ୍ ଚାମ୍ପିଅନ ସିପ୍ ରେ ଭାଗ ନେଇଛି ଓଡ଼ିଶା ପୋଲିସ ଦଳ ଗୌହାଟୀ ଷ୍ଟାଡିୟମ୍ ରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ ରେ ମଣିପୁର ପୋଲିସ ଟିମ କୁ ହରାଇ ଓଡ଼ିଶା ପୋଲିସ ଦଳ ବିଜୟୀ ହୋଇଛି। ଅସିତଙ୍କ ପାଇଁ ଖୋର୍ଦ୍ଧା ପୋଲିସ ଓ କ୍ରୀଡା ପ୍ରେମୀ ମାନଙ୍କ ମଧ୍ୟରେ ଉତ୍ସାହ ଉନ୍ମାଦନା ପରିଲକ୍ଷିତ ହୋଇଛି। ଅସିତ ଜଣେ ଭଲ ବ୍ୟାଟର ଓ ିକେଟ୍ ରକ୍ଷକ ଭାବେ ଖୁବ୍ ଜଣାଶୁଣା।

## 'କାଲିସ ମହାନ କ୍ରିକେଟର୍'

ନୂଆଦିଲ୍ଲୀ,୪।୨:ସଚିନ ତେନ୍ଦୁଲକର ଏବଂ ସୌରଭ ଗାଙ୍ଗୁଲିଙ୍କୁ ବିଶ୍ୱ କ୍ରିକେଟର ସର୍ବଶ୍ରେଷ୍ଠ କ୍ରିକେଟର ଭାବରେ ବିବେଚନା କରାଯାଏ। ବର୍ତ୍ତମାନ, ବିରାଟ କୋହଲିଙ୍କୁ ମଧ୍ୟ ଜଣେ କିମ୍ବଦନ୍ତୀ କ୍ରିକେଟର ଭାବରେ ବିବେଚନା କରାଯାଏ। କିନ୍ତୁ ଅଷ୍ଟ୍ରେଲିଆର ସଫଳ ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ଦକ୍ଷିଣ ଆଫ୍ରିକା ପୂର୍ବତନ ଦକ୍ଷିଣ ଆଫ୍ରିକା କ୍ରିକେଟର ଜ୍ୟାକ କାଲିସଙ୍କୁ ଶ୍ରେଷ୍ଠ କ୍ରିକେଟର କହିଛନ୍ତି।

ଜ୍ୟାକ କାଲିସ ଏପରି ଜଣେ ଖେଳାଳି ଯାହାଙ୍କର କୌଣସି ପ୍ରତିଦ୍ୱନ୍ଦ୍ୱୀ ନାହିଁ। ପଣ୍ଟିଂ କହିଛନ୍ତି ସେ ୧୩,୦୦୦ ରନ କରିଛନ୍ତି, ୪୪-୪୫ ଟେଷ୍ଟ ଶତକ ମାରିଛନ୍ତି ଏବଂ ୩୦୦ ଉଇକେଟ ମଧ୍ୟ ନେଇଛନ୍ତି। ଏହି ପରିସଂଖ୍ୟାନ ମଧ୍ୟରୁ ଗୋଟିଏ ହାସଲ କରିବା ଅସାଧାରଣ, କିନ୍ତୁ କାଲିସ ସବୁଯାକ ହାସଲ କରିଥିଲେ ସେ ଜନ୍ମରୁ କ୍ରିକେଟ ଖେଳାଳି ଥିଲେ। ସ୍ଲିପ୍‌ରେ ତାଙ୍କର ଫିଲ୍ଡିଂ ଚମତ୍କାର ଥିଲା ଏବଂ ତାଙ୍କର ଖେଳ ଅନନ୍ୟ ଥିଲା କାଲିସ ଜଣେ ସର୍ବଶ୍ରେଷ୍ଠ ଏବଂ ସବୁଠାରୁ କମ ପ୍ରଶଂସିତ କ୍ରିକେଟର।

# ବଦଳିପାରେ ଭାରତର ଚାମ୍ପିଅନ୍ସ ଟ୍ରଫି ଦଳ

ନୂଆଦିଲ୍ଲୀ,୪।୨: ଆସନ୍ତା ଫେବୃଆରୀ ୧୯ରୁ ଆରମ୍ଭ ହେବାକୁ ଯାଉଛି ଚାମ୍ପିୟନ୍ସ ଟ୍ରଫି ୨୦୨୫ ପାକିସ୍ତାନ ଏହି ୫୦ ଓଭର ବିଶିଷ୍ଟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରୁଥିଲେ ହେଁ ଭାରାତ ତାର ମ୍ୟାଚଗୁଡ଼ିକ ଦୁବାଇରେ ଖେଳିବ। ଚାମ୍ପିୟନ୍ସ ଟ୍ରଫି ପାଇଁ ବିସିସିଆଇ ଜାନୁଆରୀ ମାସରୁ ୧୫ ଜଣିଆ। ସ୍କାଡ ଘୋଷଣା କରି ସାରିଛି। ଚାମ୍ପିୟନ୍ସ ଟ୍ରଫି ସ୍କାଡରେ ଥିବା ଖେଳାଳିମାନେ ଆସନ୍ତା ୬ ତାରିଖରୁ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ୩ ଟିକିଆ। ଦିନିକିଆ। ସିରିଜ ଖେଳିବେ କିନ୍ତୁ ଏବେ ଶେଷ ମୁହୂର୍ତ୍ତରେ ସ୍କାଡ ସମ୍ପର୍କରେ ବଡ଼ ଅପଡେଟ ଆସିଛି।

ଇଂଲଣ୍ଡ ବିପକ୍ଷ ୫ ଟିକିଆ। ଟି-୨୦ ସିରିଜରେ ଦମଦାର ପ୍ରଦର୍ଶନ କରିଥିବା ରହସ୍ୟମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଦିନିକିଆ। ସିରିଜରେ ସାମିଲ କରାଯାଇଛି। ଚକ୍ରବର୍ତ୍ତୀ ପ୍ରଥମଥର ପାଇଁ କୌଣସି ଦିନିକିଆ। ସ୍କାଡରେ ସାମିଲ ହୋଇଛନ୍ତି। ସେ ଟି-୨୦ରେ ଭଲ ପ୍ରଦର୍ଶନ କରିଥିବାରୁ ଉକ୍ତ ଧାରାକୁ ବଜାୟୀ ରଖିବା ପାଇଁ ତାଙ୍କୁ ଟିମ ମ୍ୟାନେଜମେଣ୍ଟ ଦିନିକିଆ ସିରିଜ ଖେଳାଇବାକୁ ଚାହୁଁଛନ୍ତି ।ଯଦି ସେ ଭଲ ପ୍ରଦର୍ଶନ କରନ୍ତି, ତାହେଲେ ଚାମ୍ପିୟନ୍ସ ଟ୍ରଫି ସ୍କାଡରେ ମଧ୍ୟ ତାଙ୍କୁ ଦରକାର ପଡ଼ିଲେ ରଖାଯାଇ ପାରେ ।

ଏବେ ଚାମ୍ପିୟନ୍ସ ଟ୍ରଫି ପାଇଁ ଘୋଷଣା ହୋଇଥିବା ୧୫ ଜଣିଆ ସ୍କାଡରେ ୪ ଜଣ ସ୍ପେଶାଲିଷ୍ଟ ସ୍ପିନର ରହିଛନ୍ତି ବରୁଣ ଯଦି ଇଂଲଣ୍ଡ ବିପକ୍ଷ ସିରିଜରେ ଠିକଠାକ ପ୍ରଦର୍ଶନ କରନ୍ତି, ତାହେଲେ ପ୍ରଥମ ସ୍କାଡରେ ଥିବା ୪ ଜଣ ସ୍ପିନରଙ୍କ ମଧ୍ୟରୁ ଜଣଙ୍କୁ ବାଦ ଦିଆଯିବ। ପ୍ରଥମ ସ୍କାଡରେ ଅକ୍ଷର ପଟେଲ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ ଓ ୱାଶିଂଟନ ସୁନ୍ଦର ରହିଛନ୍ତି। ତେଣୁ ଅକ୍ଷର କିମ୍ବା ଜାଡେଜା ବାଦ ପଡ଼ିବାର କୌଣସି ସମ୍ଭାବନା ନାହିଁ। ଏପରି ସ୍ଥିତିରେ କୁଲଦୀପ ଓ ସୁନ୍ଦରଙ୍କ ମଧ୍ୟରୁ ଜଣଙ୍କୁ ବାଦ ଦିଆଯାଇ ପାରେ କିନ୍ତୁ ସବୁ କିଛି ଚକ୍ରବର୍ତ୍ତୀଙ୍କ ଦିନିକିଆ। ପ୍ରଦର୍ଶନ ଉପରେ ନିର୍ଭର କରୁଛି।

ଇଂଲଣ୍ଡ ବିପକ୍ଷ ୫ ଟିକିଆ। ଟି-୨୦ ସିରିଜରେ ବରୁଣ ୧୪ଟି ୱିକେଟ ନେଇଥିଲେ ଏଥିପାଇଁ ତାଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ମଧ୍ୟ ମିଳିଥିଲା। ହେଲେ ତାଙ୍କୁ ଇଂଲଣ୍ଡ କିମ୍ବା ଚାମ୍ପିୟନ୍ସ ଟ୍ରଫି ପାଇଁ ଘୋଷଣା ହୋଇଥିବା ସ୍କାଡରେ ପ୍ରଥମେ ରଖାଯାଇ ନଥିଲା। କିନ୍ତୁ ମଙ୍ଗଳବାର ସେ ଇଂଲଣ୍ଡ ବିପକ୍ଷ ଦିନିକିଆ। ସିରିଜ ପାଇଁ ପ୍ରସ୍ତୁତ ହେଉଥିବା ଭାରତୀୟ ଟିମର ନେଟ୍ସରେ ନଜର ଆସିଥିଲେ ବରୁଣ ଚକ୍ରବର୍ତ୍ତୀ ଦିନିକିଆ ସ୍କ୍ୱଡରେ ରହିଛନ୍ତି ବୋଲି ଟ୍ରେନିଂ ପରେ ଦଳର ନୂଆ ଉପ ଅଧିନାୟକ ଶୁବମନ ଗିଲ ସ୍ପଷ୍ଟ କରିଛନ୍ତି ବିସିସିଆଇ ମଧ୍ୟ ଟ୍ୱିଟ କରି ଏହି ଖବରକୁ ନିଶ୍ଚିତ କରିଛି।

ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଭଲ ଭାବେ ଜାଣିଛନ୍ତି ଯେ ଚକ୍ରବର୍ତ୍ତୀ ଏବେ ଭଲ ଲୟରେ ରହିଛନ୍ତି ତେଣୁ ସେ ଫର୍ମ ପାଇଁ ସଂଘର୍ଷ କରୁଥିବା ବିରାଟ କୋହଲି, ରୋହିତ ଶର୍ମା ଓ ଋଷଭ ପନ୍ତଙ୍କୁ ନେଟ୍ସରେ ବୋଲିଂ କରନ୍ତୁ ବୋଲି ଚାହୁଁଛନ୍ତି। ଏଥିସହ ଫେବୃଆରୀ ୧୨ ହେଉଛି ଚାମ୍ପିୟନ୍ସ ଟ୍ରଫି ସ୍କ୍ୱଡରେ ପରିବର୍ତ୍ତନ ପାଇଁ ଶେଷ ତାରିଖ। ତେଣୁ ସେ ଚାମ୍ପିୟନ୍ସ ଟ୍ରଫି ସ୍କାଡରେ ମଧ୍ୟ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ଦିନିକିଆ ମ୍ୟାଚ୍ ନ ଖେଳାଇ ତାଙ୍କୁ ସିଧାସଳଖ ଚାମ୍ପିୟନ୍ସ ଟ୍ରଫି ସ୍କାଡରେ ସାମିଲ କରାଯିବା ସମ୍ଭାବନା ମଧ୍ୟ କ୍ଷଣ ।ଭାରତ ପାଖରେ ଏବେ ୩ ଫିଙ୍ଗର ସ୍ପିନର- ୨ ବାମହାତୀ ରବୀନ୍ଦ୍ର ଓ ଅକ୍ଷର ଏବଂ ଜଣେ ଡାହାଣ ହାତୀ ଅଫ ସ୍ପିନର ୱାଶିଂଟନ ସୁନ୍ଦର ରହିଛନ୍ତି ସେହିପରି କୁଲଦୀପ ହେଉଛନ୍ତି ଦଳର ଏକମାତ୍ର ଚାଇନାମ୍ୟାନ ନିକଟରେ ସେ ଆହତ ସମସ୍ୟାରୁ ମୁକୁଳିବାରୁ ତାଙ୍କୁ ଚାମ୍ପିୟନ୍ସ ଟ୍ରଫି ସ୍କାଡରେ ସାମିଲ କରାଯାଇଛି



ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଟିମ ମ୍ୟାନେଜମେଣ୍ଟ ଚାହୁଁଛନ୍ତି ଯେ ବରୁଣ ଦିନିକିଆ ସ୍କ୍ୱାଡର ନେଟ୍ସରେ ଇଂଲଣ୍ଡ ସିରିଜ ପୂର୍ବରୁ ବୋଲିଂ କରନ୍ତୁ। ସେ ନାଲି ବଲ କ୍ରିକେଟ ଖେଳୁ ନାହାନ୍ତି। ଏବେ ଘରୋଇ କ୍ରିକେଟର ସମସ୍ତ ଧଳା ବଲ ଟୁର୍ଣ୍ଣାମେଣ୍ଟ ଶେଷ ହୋଇ ସାରିଛି। ମାର୍ଚ୍ଚ ଶେଷରେ ଆଇପିଏଲ ଆରମ୍ଭ ହେବ। ସେ ଯାଏ ବରୁଣଙ୍କ ପାଖରେ କୌଣସି ମ୍ୟାଚ୍ ନାହିଁ ।ଏବେ ସେ ଭଲ ଲୟରେ ଅଛନ୍ତି ।ଟିମ ମ୍ୟାନେଜମେଣ୍ଟ ଏହି ଧାରାକୁ ବଜାୟୀ ରଖିବାକୁ ଚାହୁଁଛି ତେଣୁ ତାଙ୍କୁ ଇଂଲଣ୍ଡ ବିପକ୍ଷ ସ୍କାଡରେ ସାମିଲ କରାଯାଇଛି।

ଯେହେତୁ ବରୁଣ ଦିନିକିଆ ସ୍କ୍ୱାଡରେ ସାମିଲ ହୋଇଛନ୍ତି, କଣ ତାଙ୍କୁ ଚାମ୍ପିୟନ୍ସ ଟ୍ରଫି ପାଇଁ ନିଆଯିବ ବୋଲି ପ୍ରଶ୍ନରେ ଅଧିକାରୀ ଜଣଙ୍କ କହିଛନ୍ତି, ଚୟନକର୍ତ୍ତା ପୂର୍ବରୁ ୪ଜଣ ସ୍ପିନରଙ୍କୁ ସ୍କ୍ୱଡରେ ରଖି ସାରିଛନ୍ତି। ସେହିପରି ହାତରେ ମାତ୍ର ୩ଟି ଦିନିକିଆ ମ୍ୟାଚ୍ ରହିଛି ତଥାପି ଯଦି ଟିମ ମ୍ୟାନେଜମେଣ୍ଟ ବରୁଣଙ୍କୁ ଚାମ୍ପିୟନ୍ସ ଟ୍ରଫିରେ ଚାହୁଁଛନ୍ତି, ତାହେଲେ ଏଥିପାଇଁ ଚୟନ କମିଟିର ଅଧକ୍ଷଙ୍କ ସହ କଥା ହେବାକୁ ପଡ଼ିବ। ଏହାପରେ ବରୁଣ ଚାମ୍ପିୟନ୍ସ ଟ୍ରଫିରେ ସାମିଲ ହେବେ କି ନାହିଁ, ସେକଥା ସ୍ପଷ୍ଟ ହେବ।

ଭାରତୀୟ ଦଳରେ କୁଲଦୀପ ଏକମାତ୍ର ରିଷ୍ଟ ସ୍ପିନର ଭାବେ ରହିଛନ୍ତି ଦଳର ପାଖରେ ଦ୍ୱିତୀୟ ରିଷ୍ଟ ସ୍ପିନର ନଥିବାରୁ ବରୁଣ ଚକ୍ରବର୍ତ୍ତୀ ଚାମ୍ପିୟନ୍ସ ଟ୍ରଫିରେ ଭଲ ବିକଳ୍ପ ଭାବେ ଉଭା ହୋଇପାରିବେ ସେ ଭଲ ଫର୍ମରେ ମଧ୍ୟ ରହିଛନ୍ତି ୨୦୨୧ ଟି-୨୦ ବିଶ୍ୱକପ ବେଳେ ବରୁଣ ଦୁବାଇରେ ଖେଳିଥିଲେ କିନ୍ତୁ ସେ କୌଣସି ଜଲା ଦେଖାଇ ପାରି ନଥିଲେ। ବିଶ୍ୱକପ ପରେ ତାଙ୍କୁ ବେଶ କିଛି ମାସ ବାହାରେ ବସିବାକୁ ପଡ଼ିଥିଲା। କିନ୍ତୁ ବ୍ରେକରୁ ଫେରିବା ପରେ ସେ ନିଜର ଛାପ ଛାଡ଼ିବାରେ ଲାଗିଛନ୍ତି।

ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜରେ ବରୁଣଙ୍କ ଲାଇନକୁ ବୁଝିବାରେ ଇଂଲିଶ ବ୍ୟାଟର ହଇରାଣ ହୋଇଥିଲେ ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ ସେ କମାଲ କରିବାର ସମ୍ଭାବନା ରହିଛି। ଏପରି ସ୍ଥିତିରେ ୱାଶିଂଟନ ସୁନ୍ଦର ଏକମାତ୍ର ଖେଳାଳି ଯାହାଙ୍କୁ ସ୍କ୍ୱଡରୁ ବାଦ ଦିଆଯାଇପାରିବ। କିନ୍ତୁ ସେ ଗମ୍ଭୀରଙ୍କ ପ୍ରଥମ ପସନ୍ଦର କ୍ରିକେଟର ହୋଇଥିବାରୁ ବିସିସିଆଇ ଆଉ କାହାକୁ ବଳି ପକାଉଛି କି ନାହିଁ, ତାଉପରେ ସମସ୍ତଙ୍କ ନଜର ରହିଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ